# ଧରିତ୍ରୀ
DHARITRI

ଢେଙ୍କାନାଳ, ରବିବାର, ସେପ୍ଟେମ୍ବର ୧୨/୨୦୨୧ (୧୨ ପୃଷ୍ଠା+ଛୁଟିଦିନ) | Dhenkanal, Sunday, September 12/2021 | ★★★★★

୧୭ଶ ଭାଗ ୨୦୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଦିଲ୍ଲୀରେ ୪୬ ବର୍ଷରେ ରେକର୍ଡ:** ଶୁକ୍ରବାରରୁ ଲାଗି ରହିଥିବା ବର୍ଷା ଯୋଗୁ ଶନିବାର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପାଣି ଜମି ରହିଛି।

## ଲଘୁଚାପ ଘନୀଭୂତ, ୨ ଦିନ ବର୍ଷିବ

ଭୁବନେଶ୍ୱର,୧୧।୯(ବ୍ୟୁରୋ)

ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗର ଓ ଉତ୍ତରପୂର୍ବ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇଛି। ଏହା ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଡିପ୍ରେସନ(ଅବପାତ)ରେ ପରିଣତ ହେବ। ଏହା ଉତ୍ତର ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳ ଆଡ଼କୁ ମୁହାଁଇବ। ଏହାର ପ୍ରଭାବରେ ୧୨ ଓ ୧୩ ତାରିଖରେ ରାଜ୍ୟରେ ସାଧାରଣରୁ ମଧ୍ୟମ ଧରଣର ବର୍ଷା ହେବ। ଏଥିସହିତ କେତେକ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଆନ୍ଦୋଳନକୁ ଅଣଦେଖା**

**ଆଜିର ମନ୍ତବ୍ୟ**

"କେନ୍ଦ୍ର ଓ ବିଭିନ୍ନ ରାଜ୍ୟରେ ଥିବା ଭାଜପା ସରକାର ସାରା ଦେଶରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଏଜେଣ୍ଡା ଲାଗୁ କରିବାକୁ ଚାହୁଁଛନ୍ତି।
—କୁମାରୀ ସେଲଜା, କଂଗ୍ରେସ ନେତ୍ରୀ









# ଆଖି ବୁଜିଲେ ଆଉ ଜଣେ ନିର୍ଭୟା

*ମୁମ୍ବାଇର ସାକିନାକା ଅଞ୍ଚଳରେ ଦିଲ୍ଲୀ ନିର୍ଭୟା ଘଟଣାର ପୁନରାବୃତ୍ତି ଘଟିଛି। ଶୁକ୍ରବାର ଭୋର୍ ସମୟରେ ଜଣେ ୩୨ ବର୍ଷୀୟା ମହିଳାଙ୍କୁ ବଳାତ୍କାର କରାଯିବା ପରେ ତାଙ୍କ ଗୁପ୍ତାଙ୍ଗରେ ଲୁହା ରଡ୍ ପୂରାଇ ଦିଆଯାଇଥିଲା। ହସ୍ପିଟାଲରେ ୩୬ ଘଣ୍ଟା ଧରି ମୃତ୍ୟୁ ସହ ଲଢ଼ିବା ପରେ ପୀଡ଼ିତା ଆଖି ବୁଜିଛନ୍ତି। ସିସିଟିଭି ଫୁଟେଜ୍ ସହାୟତାରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହି ଘଟଣା ଦିଲ୍ଲୀର ନିର୍ଭୟା ଗଣବଳାତ୍କାର ଓ ବୀଭତ୍ସ ହତ୍ୟା ଘଟଣାକୁ ମନେ ପକାଇଦେଉଛି।*

**ବଳାତ୍କାର ପରେ ଗୁପ୍ତାଙ୍ଗରେ ରଡ୍ ପୂରାଇ ଦେଇଥିଲେ**

ମୁମ୍ବାଇ, ୧୧।୯

ମୁମ୍ବାଇର ସାକିନାକା ଅଞ୍ଚଳର ଚାନ୍ଦିଭିଲି ଷ୍ଟୁଡିଓ ନିକଟରେ ଡ୍ୟୁଟିରେ ଥିବା ଜଣେ ସୁରକ୍ଷା କର୍ମୀ ଶୁକ୍ରବାର ଭୋର ୩ଟା ୧୫ ସମୟରେ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କରି ଜଣେ ମହିଳାଙ୍କୁ ନିର୍ଘାତ ମାଡ଼ ମରାଯାଉଥିବା ସମ୍ପର୍କରେ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଟେମ୍ପୋରୁ ମହିଳାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ରାଜାୱାଡ଼ି ହସ୍ପିଟାଲକୁ ନେଇଥିଲା। ଏକାଧିକ ଅସ୍ତ୍ରୋପଚାର ସତ୍ତ୍ୱେ ପୀଡ଼ିତାଙ୍କର ମୃତ୍ୟୁ ଘଟିଥିବା ଡିସିପି ମହେଶ୍ୱର ରେଡ୍ଡୀ କହିଛନ୍ତି। ଗିରଫ ଅଭିଯୁକ୍ତ ମୋହନ ଚୌହାନ (୪୫) ଜଣେ ଡ୍ରାଇଭର। ତାଙ୍କ ବିରୋଧରେ ହତ୍ୟା, ବଳାତ୍କାର, ଅପ୍ରାକୃତିକ ଅପରାଧ ଓ ଯୌନ ନିର୍ଯାତନା ନେଇ ଆଇପିସିର ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି। ପ୍ରାଥମିକ ତଦନ୍ତରୁ ଅପରାଧ ସହ ଅଧିକ ବ୍ୟକ୍ତି ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଥିଲା। ତେବେ ସବୁକିଛି ଅନୁଧ୍ୟାନ କରିବା ପରେ ଅପରାଧରେ ଜଣେ ବ୍ୟକ୍ତି ସମ୍ପୃକ୍ତ ବୋଲି ପୋଲିସ କହିଛି। ମୋହନଙ୍କୁ କୋର୍ଟରେ ହାଜର କରାଯିବା ପରେ ସେପ୍ଟେମ୍ବର ୨୧ ପର୍ଯ୍ୟନ୍ତ ତାଙ୍କୁ ପୋଲିସ ହାଜତକୁ ପଠାଇ ଦିଆଯାଇଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଘଟଣାକୁ ଲଜ୍ଜାଜନକ ଓ ଅତ୍ୟନ୍ତ ନିନ୍ଦନୀୟ ବୋଲି କହିବା ସହ ଅଭିଯୁକ୍ତଙ୍କ ବିରୋଧରେ କଠୋରତମ ଦଣ୍ଡବିଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ମାମଲାର ବିଚାର ଫାଷ୍ଟ ଟ୍ରାକ୍ କୋର୍ଟରେ କରାଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

ସୂଚନାଥାଉ କି ୨୦୧୨ରେ ଦିଲ୍ଲୀର ଜଣେ ପାରାମେଡିକ୍ ଛାତ୍ରୀ (ନିର୍ଭୟା)ଙ୍କୁ ଗଣବଳାତ୍କାର ପରେ ଅପରାଧୀମାନେ ତାଙ୍କୁ ବୀଭତ୍ସ ଆକ୍ରମଣ କରି ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ଫିଙ୍ଗି ଦେଇଥିଲେ। ୧୫ ଦିନର ଚିକିତ୍ସା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାର ୪ ଅଭିଯୁକ୍ତଙ୍କୁ ଫାଶୀ ଦିଆଯାଇଥିଲା। ☞ପୃଷ୍ଠା-୪

# ମୁଖ୍ୟମନ୍ତ୍ରୀ ପଦରୁ ରୂପାନୀ ବିଦା



ବିଜୟ ରୂପାନୀ

ଅହମଦାବାଦ, ୧୧।୯

ଗୁଜରାଟ ବିଧାନସଭା ନିର୍ବାଚନ ୨୦୨୨ ଡିସେମ୍ବରରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏହାର ୧୫ ମାସ ପୂର୍ବରୁ ଭାଜପା ବିଜୟ ରୂପାନୀଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ବିଦା କରିଛି। ଶନିବାର ରୂପାନୀ ରାଜଭବନ ଯାଇ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତଙ୍କୁ ଇସ୍ତଫାପତ୍ର ଦେଇଛନ୍ତି। ଭାଜପା କର୍ମୀ ଭାବେ ଦଳ ତାଙ୍କୁ ଯେଉଁ ଦାୟିତ୍ୱ ଦେବ ସେ ତାହା ନିର୍ବାହ କରିବେ ବୋଲି ରୂପାନୀ ଇସ୍ତଫା ଦେବା ପରେ ଗଣମାଧ୍ୟମକୁ କହିଛନ୍ତି। ସେପଟେ ସମସ୍ତ ଭାଜପା ☞ପୃଷ୍ଠା-୪

# ନୂଆଁଖାଇରେ କାଳିଆ ଭେଟି

**୩୭ ଲକ୍ଷ ଚାଷୀ ପରିବାର ଆକାଉଣ୍ଟକୁ ଗଲା ୭୪୩ କୋଟି**

- କୋଭିଡ୍ ପରଠାରୁ ମିଳିଲାଣି ୩୨୦୦ କୋଟିରୁ ଅଧିକ ସହାୟତା
- ସାର ଯୋଗାଣ ସମସ୍ୟା ସମାଧାନ ପାଇଁ କେନ୍ଦ୍ର ସହ ଯୋଗାଯୋଗରେ ଅଛୁ: ମୁଖ୍ୟମନ୍ତ୍ରୀ
- ଚାଷୀ ସମସ୍ୟା ଆମ ସମସ୍ତଙ୍କର
- କାଳିଆ ଯୋଜନା ଯୋଗୁ ଧାରକରଜ କରିବାକୁ ପଡୁନାହିଁ : ହିତାଧିକାରୀ



ଭୁବନେଶ୍ୱର,୧୧।୯(ବ୍ୟୁରୋ)

ନୂଆଖାଇ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ରାଜ୍ୟର ୩୭,୧୨,୯୧୪ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ପରିବାରଙ୍କୁ ରବି ଫସଲ ପାଇଁ କାଳିଆ ଯୋଜନାରେ ୭୪୨.୫୮ କୋଟି ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ସମସ୍ତଙ୍କ ବ୍ୟାଙ୍କ ଆକାଉଣ୍ଟରେ ୨୦୦୦ ଟଙ୍କା ଲେଖାଏ ଜମା କରାଯାଇଛି। ଚାଷୀମାନଙ୍କୁ କାଳିଆ ସହାୟତା ପ୍ରଦାନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଚାଷୀର ସମସ୍ୟା ହେଉଛି ଆମ ସମସ୍ତଙ୍କ ସମସ୍ୟା। ଏହି ସମସ୍ୟାକୁ କେବେ ଅଣଦେଖା କରାଯାଇପାରିବ ନାହିଁ। ସାର ସମ୍ପର୍କରେ ଦେଖା ଦେଇଥିବା ଅସୁବିଧାର ସମାଧାନ ପାଇଁ ସେ ନିଜେ କେନ୍ଦ୍ର ସରକାରଙ୍କ ସହ ଯୋଗାଯୋଗରେ ରହିଛନ୍ତି। ଏମ୍ଏସ୍‌ପି ଓ ଫସଲ ବୀମା ସମ୍ପର୍କରେ ମଧ୍ୟ ବାରମ୍ବାର କେନ୍ଦ୍ର ସରକାରଙ୍କ ☞ପୃଷ୍ଠା-୪

# ସମଲେଇଙ୍କୁ ନବାନ୍ନ ଲାଗି

ସମ୍ବଲପୁର,୧୧।୯(ବ୍ୟୁରୋ)

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଶନିବାର ରୀତିନୀତି ଓ ପରମ୍ପରା ଅନୁସାରେ ପାଳିତ ହୋଇଯାଇଛି। ସମ୍ବଲପୁରର ଇଷ୍ଟଦେବୀ ମା' ସମଲେଶ୍ୱରୀ, ବଲାଙ୍ଗୀରର ପାଟଣେଶ୍ୱରୀ, ସୋନପୁରର ସୁରେଶ୍ୱରୀ,ଝାରସୁଗୁଡ଼ାର ସମ୍ବଲେଶ୍ୱରୀ, ବୌଦ୍ଧର ଭୈରବୀ, ବରଗଡର ସମଲେଇ, ନୂଆପଡାର ଟାଙ୍ଗ୍ୱାଟ୍ କଣାଭଇରା ଓ ସମଲେଇ, ସୁନ୍ଦରଗଡ ଜିଲାର ସମଲେଇ, ଶିଖରବାସିନୀ ପୀଠରେ ରୀତିନୀତି ଅନୁଯାୟୀ ନବାନ୍ନ ଲାଗି ହୋଇଛି। ଇଷ୍ଟଦେବୀଙ୍କ ପାଖରେ ଧାର୍ଯ୍ୟ ସମୟ ଅନୁସାରେ ନବାନ୍ନ ଲାଗି ପରେ ଅନ୍ୟମାନେ ନୂଆଁ ଖାଇଥିଲେ।

ସମ୍ବଲପୁର ଇଷ୍ଟଦେବୀଙ୍କ ପୀଠରେ ଶନିବାର ପୂର୍ବାହ୍ନ ୯ଟା ୧୫ରୁ ୯ଟା ୨୫ ମିନିଟ ମଧ୍ୟେ ପ୍ରଶସ୍ତ ତୂଲାଲଗ୍ନେ ନବାନ୍ନ ଲାଗିଥିଲା।



ସମଲେଇଙ୍କୁ ଆଳତି କରାଯାଉଛି।

ସାଢେ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ପାର୍ଶ୍ୱ ଦେବଦେବୀଙ୍କୁ ନବାନ୍ନ ଲାଗି ହୋଇଥିଲା।

**ନୂଆଁ ଖାଇବା ପରେ ମା'ଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁ**

ପ୍ରାତଃ ୪ଟାରୁ ସମଲେଇ ଗୁଡିରେ ରୁଦ୍ଧଦ୍ୱାର ନୀତି ହୋଇଥିଲା। ଦେବୀଙ୍କୁ ସମ୍ବଲପୁରୀ ପାଟବସ୍ତ୍ର ପିନ୍ଧାଯାଇ ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାରରେ ସଜ୍ଜିତ କରାଯାଇଥିଲା। ସକାଳ ୯ଟାରେ ପୂଜକମାନେ ୧୧୫ଟି ସ୍ଥାନରେ ବନା (ଝୋଟି) ପକାଇଥିଲେ। କ୍ଷତ୍ରୀୟ ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ଘରୁ ପୂର୍ବାହ୍ନ ୯ଟା ୪୫ରେ ନବାହ୍ନ ଭୋଗ ମନ୍ଦିର ଗମ୍ଭୀରାକୁ ଯାଇଥିଲା। ପରେ ଗଙ୍ଗାଧର ରାୟ, କୋଦଣ୍ଡ ରାୟ, ପ୍ରଶାନ୍ତ ରାୟଙ୍କ ଘରୁ କ୍ରମାନ୍ୱୟରେ ନୂଆଁଖାଇ ଭୋଗ ମନ୍ଦିରକୁ ଆସିଥିଲା। ପୂର୍ବାହ୍ନ ସାଢ଼େ ୮ଟାରେ ନୂଆ ଚାଉଳ, ପିଠା, କାକରା, ☞ପୃଷ୍ଠା-୪


## ଶ୍ୟାମ ମେଟାଲିକ୍ସ କମ୍ପାନୀର S-E-L TMT ସଲମାନ୍ ଖାନ୍‌ଙ୍କୁ ବ୍ରାଣ୍ଡ ଆମ୍ବାସଡର ଭାବେ ସାଇନ୍ କରାଇଛନ୍ତି

ଇଣ୍ଟିଗ୍ରେଟେଡ ଓର-ଟୁ-ମେଟାଲ ଉତ୍ପାଦନ ଜଗତରେ ଅତ୍ୟନ୍ତ ବିଖ୍ୟାତ ନାମ ଶ୍ୟାମ ମେଟାଲିକ୍ସ ଏଣ୍ଡ ଏନର୍ଜି ଲିମିଟେଡ । ସମ୍ପ୍ରତି ତାଙ୍କର ଏସଇଏଲ ଟିଏମଟି ରିବାରର ବିଜ୍ଞାପନ ପାଇଁ ବଲିଉଡର ସୁପରଷ୍ଟାର ସଲମାନ ଖାନଙ୍କ ସଙ୍ଗେ ଚୁକ୍ତି ହେଲା ବ୍ରାଣ୍ଡ ଆମ୍ବାସିଡର ହିସାବରେ । ଏହି ପ୍ରସଙ୍ଗରେ ସଲମାନଙ୍କ ନିକଟରେ ଜାଣିବାକୁ ଇଚ୍ଛା ପ୍ରକାଶ କରିବାରୁ ସେ ଉଚ୍ଛାହିତ ହୋଇ ଜଣାଇଲେ, ସେ ଯୌଥ ଭାବରେ କାମ କରିବା ପାଇଁ ଆଗଭର ହୋଇ ରହିଛନ୍ତି । ଏହି ସଂସ୍ଥାର କାର୍ଯ୍ୟକଳାପ ସମ୍ବନ୍ଧରେ ମୁଁ ଜାଣେ ଯେଉଁ ଭାବରେ ସେମାନେ ଆଗେଇ ଚାଲିଛନ୍ତି, ଦେଶରେ ବଢ଼ି ଉଠିବା ସଙ୍ଗେ ନିଜର ବୃଦ୍ଧିକୁ, ନିଜର ଗତି ସହିତ ଆଗେଇ ନେଇଛନ୍ତି, ତା ଫଳରେ ପ୍ରକୃତରେ ଏହି ବ୍ରାଣ୍ଡ ସହିତ କାମ କରିବା ବ୍ୟାପାରରେ ମୁଁ ଅତ୍ୟନ୍ତ ଆଗ୍ରହୀ ।

ଟିଏମଟି ବ୍ୟବସାୟର ବିଜ୍ଞାପନ କ୍ଷେତ୍ରରେ ସଲମାନ ଖାନଙ୍କ ଅନୁଭୂତି ଏହି କମ୍ପାନୀର ଚାରି ପାହାଚ ବ୍ୟାପି ବିସ୍ତାର ପରିକଳ୍ପନାର ଅନ୍ତର୍ଗତ । ଓଡ଼ିଶାର ସମ୍ବଲପୁର ଏବଂ ପଶ୍ଚିମବଙ୍ଗର ଜାମୁରିଆ ଓ ମଙ୍ଗଲପୁରରେ ଅବସ୍ଥିତ ମାନୁଫ୍ୟାକ୍ଚରିଙ୍ଗ ପ୍ଲାଣ୍ଟ ଏବଂ ତା ସହିତ କ୍ୟାପଟିଭ ପ୍ଲାଣ୍ଟ, ବର୍ତ୍ତମାନ ଏହି କମ୍ପାନୀର ସର୍ବାଙ୍ଗୀନ ଉନ୍ନତି ହୋଇଛି । 2016 - 17 ଆର୍ଥିକ ବର୍ଷର 1.07 ଲକ୍ଷ ଟନ ଲଙ୍ଗ ଷ୍ଟିଲ ପଣ୍ୟର ବିକ୍ରି 2020-21 ଆର୍ଥିକ ବର୍ଷରେ 6.37 ଲକ୍ଷ ଟନରେ ପହଞ୍ଚିଛି । ଇତିମଧ୍ୟରେ ଆରମ୍ଭ ହୋଇଛି ବ୍ରାଉନଫିଲ୍ଡ ଏକ୍ସପାନସନ, ଯାହା 20 ଲକ୍ଷ ଟନ୍ ବ୍ରାଣ୍ଡେଡ୍ ମୂଲ୍ୟଯୁକ୍ତ ଉତ୍ପାଦନର କ୍ଷମତାକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ମାତ୍ରା ଗ୍ରହଣ କରିଛି । ଏହା ସହିତ ପଶ୍ଚିମବଙ୍ଗର ପାକୁଡ଼ିୟାରେ ଏଲୁମିନିୟମ ଫଏଲର କାରଖାନା ନିର୍ମାଣର ଉଦ୍ୟୋଗ ନିଆ ହୋଇଛି । ସ୍ୱଭାବିକ ଭାବରେ, ଏହା ଫଳରେ ବ୍ୟାପକ କର୍ମସଂସ୍ଥାନ ତିଆରି ହେବ, ତାହା କହିବା ବାହୁଲ୍ୟ ।

ସଂସ୍ଥାର ଜଏଣ୍ଟ ମ୍ୟାନେଜିଙ୍ଗ ଡାଇରେକ୍ଟର ସଞ୍ଜୟ ଅଗରୱାଲ କହିଛନ୍ତି, ଉନ୍ନତ ମାନର ପଣ୍ୟ ଉତ୍ପାଦନର ନିରନ୍ତର ପ୍ରୟାସ ଏବଂ ତାହା ଯେମିତି ବ୍ୟାପକ ହାରରେ ବିସ୍ତାର କରେ ସେ ଦିଗରେ ସର୍ବୋତ୍ତମ ପ୍ରଚେଷ୍ଟା ମାଧ୍ୟମରେ ଆମେ ଏକ ଆଧୁନିକ ଭାରତ ନିର୍ମାଣର ଲକ୍ଷ୍ୟରେ ଆଗେଇ ଚାଲିଛୁ । ଆମେ ବିଶ୍ୱାସ ରଖୁ ସଠିକ ମଣିଷଙ୍କ ପାଇଁ ଖାଣ୍ଟି ଏବଂ ଶକ୍ତିଶାଳୀ ଇସ୍ପାତ ଉତ୍ପାଦନରେ । ଆମର ଲଙ୍ଗ ପ୍ରଡକ୍ଟ (ଟିଏମଟି ରିବାର, ଓୟାର ରଡ୍ ଏବଂ ଷ୍ଟ୍ରକଚରାଲ ପ୍ରଡକ୍ଟ) ବିକ୍ରି ହୁଏ S-E-L ବ୍ରାଣ୍ଡ ନାମରେ । ଏହାର ବୈଶିଷ୍ଟ୍ୟ ହେଲା ଶକ୍ତି, ନମନୀୟତା ଏବଂ ଦୀର୍ଘମିଆଦ । ଆଉ ଏହି ବୈଶିଷ୍ଟ୍ୟ ଗୁଡ଼ିକ ସଲମାନ ଖାନଙ୍କ ଚାରିତ୍ରିକ ବୈଶିଷ୍ଟ୍ୟ ସହିତ ଏକବାରେ ସମାନ । ତେଣୁ ବିଜ୍ଞାପନ କ୍ଷେତ୍ରରେ ତାଙ୍କ ବ୍ୟତିତ ଆଉ କୌଣସି ବିକଳ୍ପ ହୁଏ ବୋଲି ଆମର ମନେ ହେଉନାହିଁ । ଆମର ଗ୍ରାହକ ଏବଂ ଏଣ୍ଡ-ଇଉଜର, ଦୁଇ କ୍ଷେତ୍ରରେ ତାଙ୍କ ସହିତ ଏହି ଯୁଗଳବନ୍ଦୀ/ ଜୋଟବନ୍ଧନ ଆମ ବ୍ରାଣ୍ଡର ନିଜସ୍ୱତା ଏବଂ ଆମର ଅବସ୍ଥାନର ଅନନ୍ୟତାକୁ ଆହୁରି ଜୋରଦାର କରିବ । ଆମେ ମନେ କରୁ, ନିର୍ମାଣ ଶିଳ୍ପରେ ଆମର ଯାତ୍ରା ଏକମାତ୍ର ସେତେବେଳେହିଁ ସୁଦୃଢ଼ ହେବ, ଯେତେବେଳେ ମଣିଷ ତା'ର ପ୍ରତି ମୁହୂର୍ତ୍ତର ଚାହିଦା ସଙ୍ଗେ ଆମକୁ ଏକତ୍ର କରି ଦେଖି ପାରିବେ ।

2021ର ଜୁନ ମାସର ରିଟେଲ କାଟାଗୋରିରେ 121ଗୁ ବେଶି ସବସ୍କ୍ରିପଶନ ମାଧ୍ୟମରେ ଆଇପିଓରେ ବ୍ୟାପକ ସାଫଲ୍ୟ ସୂଚିତ ହୁଏ । ସଂସ୍ଥାର ବର୍ତ୍ତମାନ ଆର୍ଥିକ ମୂଲ୍ୟ ପ୍ରାୟ 10,800 କୋଟି ଟଙ୍କା, ଯା ପାଇଁ ଦେଶର ପ୍ରଥମ 7ଟି ଇସ୍ପାତ ଉତ୍ପାଦନକାରୀ ସଂସ୍ଥା ମଧ୍ୟରେ ଏହାର ସ୍ଥାନ ପ୍ରତିଷ୍ଠିତ ହୋଇଛି । ଫେରୋ ଏଲୟ ଉତ୍ପାଦନ କ୍ଷେତ୍ରରେ ବୃହତ୍ତମ ସଂସ୍ଥା ଗୁଡ଼ିକ ମଧ୍ୟରେ ଅନ୍ୟତମ । S-E-L ପେଲେଟ କ୍ୟାପାସିଟି କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ରହିଛି । ସ୍ପଞ୍ଜ ଆଇରନ ଇଣ୍ଡଷ୍ଟ୍ରିରେ ଏହାର ସ୍ଥାନ ଚତୁର୍ଥ ।* ବିଭିନ୍ନ ଉତ୍ପାଦନ ମଧ୍ୟରେ ଉଲ୍ଲେଖଯୋଗ୍ୟ ହେଲା ଆୟରନ ପେଲେଟ, ସ୍ପଞ୍ଜ ଆଇରନ, ଷ୍ଟିଲ ବିଲେଟ, ଟିଏମଟି, ଷ୍ଟ୍ରକଚରାଲ ପ୍ରଡକ୍ଟ, ଓୟାର ରଡ୍ ଏବଂ ଫେରୋ ଏଲୟର ନାନା ପ୍ରଡକ୍ଟ ।

"ଏହି ବ୍ରାଣ୍ଡ ନୂତନ ଡିଲର/ ଡିଷ୍ଟ୍ରିବିଉଟର ମାନଙ୍କୁ ଆହ୍ୱାନ କରାଯାଉଛି, ଇଚ୍ଛୁକ ବ୍ୟକ୍ତିଗଣ ଏହି ନମ୍ବରରେ 1800 200 2233 କଲ କରି ପାରନ୍ତି।"

ସାମାଜିକ ଦାୟିତ୍ୱ ପାଳନ କ୍ଷେତ୍ରରେ ଏହି ସଂସ୍ଥା ଅତ୍ୟନ୍ତ ପ୍ରଶଂସନୀୟ ଭୂମିକା ନିଏ । ପ୍ରାନ୍ତିକ ଏବଂ ଗ୍ରାମୀଣ ମଣିଷଙ୍କର ସ୍ୱାସ୍ଥ୍ୟ, ଶିକ୍ଷା, ଗଠନର ଉନ୍ନୟନ ଏବଂ ସାମାଜିକ ସଚେତନତା ବୃଦ୍ଧି ବ୍ୟାପାରରେ ନାନା ଉଦ୍ୟୋଗରେ ସର୍ବଦା ଆଗରେ ରହେ S-E-L । ଫ୍ରି ଏମ୍ବୁଲେନ୍ସ, ନୂତନ ସ୍ୱାସ୍ଥକେନ୍ଦ୍ର ଖୋଲିବା, କମ୍ପ୍ୟୁଟର ଟ୍ରେନିଂ ସେଣ୍ଟର ଖୋଲିବା ଔଷଧ ଏବଂ ଚଷମା ବିତରଣ, ଆର୍ଥିକ ଭାବରେ ଅନୁନ୍ନତ ଛାତ୍ରଛାତ୍ରୀ ମାନଙ୍କୁ ସ୍କୋଲାରଶିପ ଦେବା, ମହିଳା ଫୁଟବଲ ଏକାଡେମୀ ନିର୍ମାଣ, ନାରୀର କ୍ଷମତାୟନ ଏବଂ ସାମଗ୍ରିକ ଭାବରେ ସାମାଜିକ ଚେତନା ବୃଦ୍ଧି କ୍ଷେତ୍ରରେ ନାନା ଉଦ୍ୟୋଗ ନେବା ମାଧ୍ୟମରେ ଶ୍ୟାମ ମେଟାଲିକ୍ସ ତାହାର ଯାତ୍ରାକୁ ସୁଦୃଢ଼ କରି ଚାଲିଛି ଏବଂ ଆଗାମୀ ଦିନରେ ମଧ୍ୟ ଏହି ପଥରେ ଆଗେଇ ଯିବାରେ ଅଙ୍ଗୀକାର ନେଇଛି।



*ଉତ୍ସ: Crisil ରିପୋର୍ଟ

Advt.

## ବିସ୍ଫୋରଣରେ ୮ ମୃତ

ଚାଇନାର ଡାଲିଆନ୍ ସହରରେ ଶନିବାର ଏଲ୍‌ପିଜି ସିଲିଣ୍ଡର ଲିକ୍‌ରୁ ବିସ୍ଫୋରଣ ଘଟି ୮ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ଶୁକ୍ରବାର ମଧ୍ୟରାତ୍ରରେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

# ପାଣିରେ ବୁଡ଼ିଲା ବିମାନବନ୍ଦର

## ଦିଲ୍ଲୀରେ ୪୬ ବର୍ଷରେ ସର୍ବାଧିକ ବର୍ଷା

- ୩ ବିମାନ ବାତିଲ
- ରାସ୍ତାରେ ବୋଟ୍ ଚଳାଇଲେ ଭାଜପା ନେତା

ନୂଆଦିଲ୍ଲୀ, ୧୧।୯(ପି.ଟି.)

ରାଜଧାନୀ ଦିଲ୍ଲୀରେ ୪୬ ବର୍ଷ ମଧ୍ୟରେ ସର୍ବାଧିକ ବର୍ଷା ହୋଇଛି। ଶୁକ୍ରବାରଠାରୁ ପ୍ରବଳ ବର୍ଷା ଲାଗିରହିବାରୁ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରର ଅଧିକାଂଶ ଅଞ୍ଚଳ ବୁଡ଼ିଯାଇଥିଲା। ଶନିବାର ସକାଳେ ପ୍ରବଳ ବର୍ଷା ଲାଗି ରହିଥିବାରୁ ୩ଟି ବିମାନ ବାତିଲ ହେବା ସହ ଅନ୍ୟ ୫ଟିକୁ ଜୟପୁର ଏବଂ ଅହମଦାବାଦକୁ ପଠାଇ ଦିଆଯାଇଥିଲା। ଦିଲ୍ଲୀ ବିମାନ ବନ୍ଦରର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସେଠାରେ କାର୍‌ଗୁଡ଼ିକ ଅଧା ବୁଡ଼ିଯାଇଥିବା ଦେଖିବାକୁ ମିଳିଛି। ଲୋକେ ପାଣିରେ ପଶି ପ୍ରବେଶ ପଥ ନିକଟକୁ ଯାଉଛନ୍ତି। ବିମାନ ବନ୍ଦର ନିକଟରେ ଲକ୍ସୁରି ହୋଟେଲ ଥିବା ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଇଛି। କେବଳ ବିମାନବନ୍ଦର ନୁହେଁ ଦିଲ୍ଲୀର ମୋତିବାଗ୍ ଏବଂ ଆର୍‌କେ ପୁରମ୍, ମଧୁବିହାର, ହରିନଗର, ରୋହତକ ରୋଡ୍, ବଦରପୁର, ସୋମ୍ ବିହାର, ରିଙ୍ଗ୍‌ରୋଡ୍, ବିକାଶ ମାର୍ଗ, ସଙ୍ଗମ୍ ବିହାର ସମେତ ବିଭିନ୍ନ ଅଞ୍ଚଳ ବର୍ଷାପାଣିରେ ବୁଡ଼ିଯାଇଛି।



୧୯୭୫ ପରେ ଦିଲ୍ଲୀରେ ପ୍ରଥମ ଥର ପାଇଁ ବର୍ଷା ୧୦୦୦ ମିଲିମିଟର ଅତିକ୍ରମ କରିଛି। ବହୁ ରାସ୍ତା ପାଣିରେ ବୁଡ଼ିରହିବା ସହ ଖାଲୁଆ ଅଞ୍ଚଳରେ ଘର ଭୁଶୁଡ଼ି ପଡ଼ିଛି। ଭାଜପା ନେତା ତାଜିନ୍ଦର ପାଲ୍ ସିଂ ବଗା ରାସ୍ତାରେ ଡଙ୍ଗା ଚଳାଇଥିଲେ। ରାସ୍ତାରେ ଜମିଥିବା ବର୍ଷାପାଣିରେ ପିଲାମାନେ ପହଁରୁଥିବା ଦେଖାଯାଇଛି। ସଫଦରଜଙ୍ଗରେ ୨୪ ଘଣ୍ଟାରେ ସର୍ବାଧିକ ୯୪.୭ ମିଲିମିଟର ବର୍ଷା ହୋଇଛି। ଅଧିକ ବର୍ଷା ହେବାକୁ ଥିବାରୁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି।

### ଅଣ୍ଡରପାସ୍‌ରେ ଫସିଲା ବସ୍

**୪୦ ଯାତ୍ରୀ ଉଦ୍ଧାର**

ପ୍ରବଳ ବର୍ଷା ଯୋଗୁ ଶନିବାର ସକାଳେ ଦିଲ୍ଲୀର ଜଳାର୍ଣ୍ଣବ ଅଣ୍ଡରପାସ୍‌ରେ ଏକ ଘରୋଇ ବସ୍ ଅଟକି ରହିଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ଉକ୍ତ ବସ୍ ଭିତରୁ ୪୦ ଜଣ ଯାତ୍ରୀଙ୍କୁ ଉଦ୍ଧାର କରିଛନ୍ତି। ମଥୁରା ଅଭିମୁଖେ ଯାଉଥିବା ଉକ୍ତ ବସ୍‌ରେ ମହିଳା, ଶିଶୁଙ୍କ ସମେତ ୪୦ ଯାତ୍ରୀ ଥିଲେ। ପାଲାମ ଫ୍ଲାଇଓଭର ଅଣ୍ଡରପାସ୍‌ରେ ବସ୍‌ଟି ଅଟକିଯାଇଥିଲା। ଖବର ପାଇ ଅଗ୍ନିଶମ ବିଭାଗର ଦୁଇଟି ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।

## ସଂକ୍ଷେପରେ

### ଆଜି ଏନ୍‌ଇଇଟି-ୟୁଜି ପରୀକ୍ଷା

ନୂଆଦିଲ୍ଲୀ, ୧୧।୯: ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି)-ଅଣ୍ଡରଗ୍ରାଜୁଏଟ୍ ପରୀକ୍ଷା ରବିବାର ଅନୁଷ୍ଠିତ ହେବ। ପରୀକ୍ଷା ପରିଚାଳନାରେ ସହଯୋଗ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟଗୁଡ଼ିକୁ ପତ୍ର ଲେଖିଛନ୍ତି। ୧୬.୧୪ ଲକ୍ଷ ପିଲା ଏହି ପରୀକ୍ଷା ଦେବାକୁ ନାମ ପଞ୍ଜୀକରଣ କରିଛନ୍ତି। କୋଭିଡ୍-୧୯ ସ୍ଥିତି ଓ କଟକଣାକୁ ଦୃଷ୍ଟିରେ ରଖି ପରୀକ୍ଷା କେନ୍ଦ୍ର ସଂଖ୍ୟା ଦୁଇଗୁଣ ବଢ଼ାଯାଇଛି। ୩,୮୫୮ଟି କେନ୍ଦ୍ରରେ ପରୀକ୍ଷାର୍ଥୀମାନଙ୍କ ପାଇଁ ଭିନ୍ନ ଭିନ୍ନ ପ୍ରବେଶ ସମୟ ଧାର୍ଯ୍ୟ କରାଯାଇଛି। ପରୀକ୍ଷା ପରିଚାଳନା କରୁଥିବା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ଏନେଇ ଶୁକ୍ରବାର ନିଜ ୱେବ୍‌ସାଇଟରେ ଆଡଭାଇଜରି ଜାରି କରିବା ସହ ପରୀକ୍ଷାର୍ଥୀମାନଙ୍କୁ ମେଲ୍ କରିଥିଲା। ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବମାନଙ୍କୁ ପତ୍ର ଲେଖାଯାଇ କୋଭିଡ୍ କଟକଣା ଲାଗୁ ହୋଇଥିବା ଅଞ୍ଚଳରେ ପିଲାଙ୍କୁ ପରୀକ୍ଷା ପାଇଁ ଛାଡ଼ିବାକୁ କୁହାଯାଇଛି। ଏନ୍‌ଇଇଟି-ପିଜି ପରୀକ୍ଷା କୋଭିଡ୍ କଟକଣା ମଧ୍ୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ୧.୬ ଲକ୍ଷ ପରୀକ୍ଷାର୍ଥୀ ୨୭୦ ସହରର ୬୭୯ଟି କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି।

### ଇନ୍ଦିରା ଗାନ୍ଧୀଙ୍କୁ ଅଯୋଗ୍ୟ ରାୟ ସାହସିକତାପୂର୍ଣ୍ଣ ଥିଲା:ସିଜେଆଇ


ସିଜେଆଇ ଏନ୍. ଭି. ରମନା

ନୂଆଦିଲ୍ଲୀ, ୧୧।୯: ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଅଯୋଗ୍ୟ ଘୋଷଣା କରି ଆଲ୍ଲାହବାଦ୍ ହାଇକୋର୍ଟ ୧୯୭୫ ମସିହାରେ ଦେଇଥିବା ରାୟ ସାହସିକତାପୂର୍ଣ୍ଣ ଥିଲା ବୋଲି କହିଛନ୍ତି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍. ଭି. ରମନା। ଇନ୍ଦିରା ଗାନ୍ଧୀଙ୍କ ବିରୋଧରେ ନିର୍ବାଚନୀ ଅନିୟମିତତା ଅଭିଯୋଗ ଆସିବା ପରେ ଦେଶବ୍ୟାପୀ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଉକ୍ତ ମସିହା ଜୁନ୍ ୧୨ରେ ହାଇକୋର୍ଟ ଜଷ୍ଟିସ୍ ଜଗମୋହନଲାଲ ସିହ୍ନା ଅଦାଲତଙ୍କ ସାହସିକତାର ସହ ବିଚାର କରିଥିଲେ ବୋଲି ଶନିବାର ଉତ୍ତରପ୍ରଦେଶ ନ୍ୟାଶନାଲ ଲ' ୟୁନିଭର୍ସିଟି ଏବଂ ଆଲ୍ଲାହାବାଦ ହାଇକୋର୍ଟରେ ନୂଆ ବିଲ୍ଡିଂ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେଇ ସିଜେଆଇ ଏହା କହିଛନ୍ତି। ଏହି ହାଇକୋର୍ଟର ଇତିହାସ ୧୫୦ ବର୍ଷରୁ ଅଧିକ ପୁରୁଣା। ଏହାର ବାର୍ ଏବଂ ବେଞ୍ଚ ଦେଶର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାୟ ଦେଇଛି ବୋଲି ସିଜେଆଇ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଜେଆଇଙ୍କ ସମେତ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଧ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ହାଇକୋର୍ଟଙ୍କ ଉକ୍ତ ରାୟ ପରେ ୧୯୭୫ ଜୁନ୍ ୨୫ରେ ଦେଶରେ ଜରୁରିକାଳୀନ ପରିସ୍ଥିତି ଲାଗୁହୋଇଥିଲା।

## ଧାରଣାରୁ ହଟିଲେ ଚାଷୀ

ଚଣ୍ଡିଗଡ଼, ୧୧।୯(ପି.ଟି.)

- କର୍ନାଲ ଘଟଣାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ
- ମୁଣ୍ଡ ଫଟାଇବାକୁ କହିଥିବା ଅଫିସରଙ୍କୁ ଛୁଟିରେ ପଠାଗଲା

ଗତ ମାସରେ କର୍ନାଲଠାରେ ଚାଷୀ ଓ ପୋଲିସ ମଧ୍ୟରେ ସଂଘର୍ଷ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ହରିୟାଣା ସରକାର ଶନିବାର ନିର୍ଦ୍ଦେଶ ଦେବା ପରେ ଆନ୍ଦୋଳନରତ ଚାଷୀ ଧାରଣାରୁ ଉଠିଛନ୍ତି। ଚାଷୀଙ୍କ ମୁଣ୍ଡ ଫଟାଇବାକୁ ନିର୍ଦ୍ଦେଶ ଦେଇ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଥିବା ଆଇଏଏସ୍ ଅଫିସର ଆୟୁଷ ସିହ୍ନାଙ୍କୁ ଛୁଟିରେ ପଠାଇଦିଆଯାଇଛି। ଜଣେ ଅବସରପ୍ରାପ୍ତ ବିଚାରପତି ପୋଲିସ ଲାଠିମାଡ଼ ଘଟଣାର ତଦନ୍ତ କରିବେ। ମାସକ ମଧ୍ୟରେ ତଦନ୍ତ ଶେଷ କରିବାକୁ କୁହାଯାଇଥିବାବେଳେ ସେ ପର୍ଯ୍ୟନ୍ତ ଏସ୍‌ଡିଏମ୍ ସିହ୍ନା ଛୁଟିରେ ରହିବେ ବୋଲି ହରିୟାଣା ଅତିରିକ୍ତ ମୁଖ୍ୟ ସଚିବ ଦେବେନ୍ଦ୍ର ସିଂ କହିଛନ୍ତି। ଦୀର୍ଘଦିନର ଅଚଳାବସ୍ଥା ପରେ ଆନ୍ଦୋଳନରୁ ଓହରିବାକୁ ଚାଷୀ ରାଜି ହେବା ପରେ ଉଭୟ ପକ୍ଷରୁ ଏକ ମିଳିତ ଖବରଦାତା ସମ୍ମିଳନୀ କରାଯାଇଥିଲା। ଶୁକ୍ରବାର କର୍ନାଲ ପ୍ରଶାସନ ଓ ଚାଷୀନେତାଙ୍କ ମଧ୍ୟରେ ଦୀର୍ଘସମୟ ଆଲୋଚନା ହୋଇଥିଲା। ସରକାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେବା ପରେ ଧାରଣାରୁ ଉଠିବା ପାଇଁ ନିଷ୍ପତ୍ତି ନିଆଯାଇଥିବା କୃଷକ ନେତା ଗୁର୍‌ନାମ ସିଂ ଚାଡୁନି କହିଛନ୍ତି। ଗତ ମାସ ୨୮ ତାରିଖରେ ଚାଷୀମାନେ ଭାଜପାର ଏକ ସଭାସ୍ଥଳକୁ ଶୋଭାଯାତ୍ରାରେ ଯାଉଥିବାବେଳେ ପୋଲିସ ସହ ସଂଘର୍ଷ ହୋଇଥିଲା। ପୋଲିସ ଲାଠିମାଡ଼ରେ ୧୦ ଜଣ ଚାଷୀ ଆହତ ହୋଇଥିଲେ। ଆଇଏଏସ୍ ଅଫିସର ସିହ୍ନା ଚାଷୀଙ୍କ ମୁଣ୍ଡ ଫଟାଇବାକୁ ପୋଲିସକୁ କହୁଥିବା ଅଡିଓ ଟେପ୍‌ରେ ଧରାପଡ଼ିଥିଲା। ଚାଷୀମାନେ ସିହ୍ନାଙ୍କ ନିଲମ୍ବନ ଦାବି କରିଥିଲେ।

## ଆଜି ଭାରତ ଆସିବେ ଜନ୍ କେରୀ

ନ୍ୟୁୟର୍କ, ୧୧।୯



ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଜଳବାୟୁ ସମ୍ପର୍କିତ ସ୍ୱତନ୍ତ୍ର ରାଷ୍ଟ୍ରଦୂତ ଜନ୍ କେରୀ ରବିବାର ଭାରତ ଆସିବେ। ଅକ୍ଟୋବରରେ ଜାତିସଂଘର କ୍ଲାଇମେଟ୍ ଚେଞ୍ଜ ସମ୍ମିଳନୀ ପୂର୍ବରୁ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ କେରୀ ପାଣ୍ଠି ସଂଗ୍ରହ ଅଭିଯାନ ଆରମ୍ଭ କରିବେ ବୋଲି ଆମେରିକା ପରରାଷ୍ଟ୍ର ବିଭାଗ ପକ୍ଷରୁ କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ଏହା କେରୀଙ୍କ ଭାରତକୁ ଦ୍ୱିତୀୟ ଗସ୍ତ ହେବ। ଏହା ପୂର୍ବରୁ ସେ ତାଙ୍କ ଚାଇନା ପ୍ରତିପକ୍ଷ ଶି ଜେନ୍‌ହୁଆଙ୍କୁ ତିଆନଜିନ୍‌ରେ ଭେଟିଥିଲେ। ଚାଇନା ସହ ଏ ବାବଦରେ କୌଣସି ଚୁକ୍ତି ହୋଇପାରିନାହିଁ।

## ନୀତିନ ପଟେଲ ହୋଇପାରନ୍ତି ଗୁଜରାଟ ମୁଖ୍ୟମନ୍ତ୍ରୀ

ଅହମଦାବାଦ, ୧୧।୯



ଗୁଜରାଟ ମୁଖ୍ୟମନ୍ତ୍ରୀ ପଦରୁ ବିଜୟ ରୂପାନୀଙ୍କ ଇସ୍ତଫା ପରେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବେ ତାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ଏହି ପଦ ଲାଗି ଉପମୁଖ୍ୟମନ୍ତ୍ରୀ ନୀତିନ ପଟେଲ, ରାଜ୍ୟ କୃଷିମନ୍ତ୍ରୀ ଆର୍.ସି. ଫାଲ୍‌ଡୁ, କେନ୍ଦ୍ରମନ୍ତ୍ରୀ ପୁରୁଷୋତ୍ତମ ରୁପାଲା ଏବଂ ମନସୁଖ ଲାଲ୍ ମାଣ୍ଡବ୍ୟଙ୍କ ନାମ ଚର୍ଚ୍ଚା ହେଉଛି। ତେବେ ଚୂଡ଼ାନ୍ତ ନିଷ୍ପତ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେବେ ବୋଲି ଜଣେ ଭାଜପା ନେତା କହିଛନ୍ତି। ୨୦୧୬ ଅଗଷ୍ଟରେ ଆନନ୍ଦୀବେନ୍ ପଟେଲ ଇସ୍ତଫା ଦେବା ପରେ ନୀତିନ ପଟେଲ୍ ମୁଖ୍ୟମନ୍ତ୍ରୀ ହେବା ନେଇ ଆଲୋଚନା ହେଉଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ବିଜୟ ରୂପାନୀଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା। ଏବେ ନୀତିନଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ସୋସିଆଲ ମିଡିଆ ମାଧ୍ୟମରେ ଦାବି କରାଯାଉଛି। ସେହିପରି ମାଣ୍ଡବ୍ୟ ପ୍ରଭାବଶାଳୀ ପଟିଦାର ସମ୍ପ୍ରଦାୟର ହୋଇଥିବାରୁ ସେ ମୁଖ୍ୟମନ୍ତ୍ରୀ ଦୌଡ଼ରେ ଆଗଧାଡ଼ିରେ ଥିବା କୁହାଯାଉଛି। ଏହା ବ୍ୟତୀତ ଦାଦ୍ରା ଓ ନଗର ହାଭେଲି ଏବଂ ଡାମନ୍ ଓ ଡିଉ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସକ ଥିବା ପ୍ରଫୁଲ୍ଲ ଖୋଡ଼ା ପଟେଲଙ୍କ ନାଁ ମଧ୍ୟ ଚର୍ଚ୍ଚାରେ ରହିଛି।


ମୁମ୍ବାଇର ଜଣେ ସ୍ୱେଚ୍ଛାସେବୀ ଶନିବାର ଆରବସାଗରରେ ଗଣେଶ ମୂର୍ତ୍ତି ବିସର୍ଜନ କରୁଛନ୍ତି।

## ମହାମାରୀ ବିରୋଧରେ ବୈଶ୍ୱିକ ଶାସନ ଜରୁରୀ

କୋପେନହାଗେନ୍, ୧୧।୯

ମହାମାରୀ ବିରୋଧରେ ଲଢ଼େଇ ପାଇଁ ବିଶ୍ୱସ୍ତରୀୟ ଶାସନର ଆହ୍ୱାନ ଦେଇଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ସ୍ୱାସ୍ଥ୍ୟ ଓ ସ୍ଥାୟୀ ବିକାଶ ପାନ୍-ୟୁରୋପିଆନ କମିଶନ। ଜି-୨୦ ତତ୍ତ୍ୱାବଧାନରେ ଏକ ଗ୍ଲୋବାଲ ହେଲ୍‌ଥ ବୋର୍ଡ ଗଠନର ଆବଶ୍ୟକତା ରହିଛି ବୋଲି କୋପେନହାଗେନ୍ ସ୍ଥିତ ଡବ୍ଲ୍ୟୁଏଚ୍‌ଓ ଆଞ୍ଚଳିକ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ କମିଶନ ପରାମର୍ଶ ଦେଇଛନ୍ତି। ଡବ୍ଲ୍ୟୁଏଚ୍‌ଓ କହିବା ମୁତାବକ, କୋଭିଡ୍-୧୯ ମୁକାବିଲା କରି ଜୀବନ ରକ୍ଷା କରିବାରେ କେତେକ ଦେଶର ଶାସନ ବ୍ୟବସ୍ଥା ବିଫଳ ହୋଇଛି। ଏପରି କି କେତେକ ଦେଶ ବିଜ୍ଞାନ ଅପେକ୍ଷା ରାଜନୈତିକ ପ୍ରତିକ୍ରିୟା ଗ୍ରହଣ କରିଛନ୍ତି। କମିଶନ ଅଧ୍ୟକ୍ଷ ମାରିଓ ମୋଣ୍ଟି କହିଛନ୍ତି, ଜି-୨୦ରେ ଏକ ବୈଶ୍ୱିକ ସ୍ୱାସ୍ଥ୍ୟ ଏବଂ ଆର୍ଥିକ ବୋର୍ଡ ଗଠନ ଓ ଉଚ୍ଚ ଗୁଣବତ୍ତା ବିଶିଷ୍ଟ ସ୍ୱାସ୍ଥ୍ୟ ନୀତି ପାଳନ ପାଇଁ ଅନ୍ତର୍ଜାତୀୟ ସଂଗଠନଗୁଡ଼ିକ ସାମଗ୍ରିକ ନୀତି ନିର୍ଦ୍ଧାରଣ କରିବାର ଆବଶ୍ୟକତା ରହିଛି। ରୋଗ ନିୟନ୍ତ୍ରଣ ଏବଂ ଡାଟା ଶେୟାରିଂ ଓ ଡାଟା-ଇଣ୍ଟରଅପରେବିଲିଟି ସେବାକୁ ଉତ୍କୃଷ୍ଟ କରିବା ଦିଗରେ ପାନ୍-ୟୁରୋପିଆନ ନେଟ୍‌ୱର୍କ ଏବଂ ପାନ୍-ୟୁରୋପିଆନ୍ ହେଲ୍‌ଥ ଥ୍ରେଟ୍‌ସ କାଉନସିଲ କାମ କରିବା ଜରୁରୀ ବୋଲି ସେ ପ୍ରକାଶ କରିଛନ୍ତି।

## ଏକତା ଆମେରିକାର ଶକ୍ତି


(ବାମରୁ) ଆମେରିକା ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା, ସ୍ତ୍ରୀ ମିଶେଲ ଓବାମା, ରାଷ୍ଟ୍ରପତି ଜୋ ବାଇଡେନ୍, ପ୍ରଥମ ମହିଳା ଜିଲ୍ ବାଇଡେନ୍ ୯/୧୧ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

ୱାଶିଂଟନ୍, ୧୧।୯

- ୯/୧୧କୁ ମନେପକାଇଲେ ବାଇଡେନ୍
- ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ

ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ର ବିଲ୍ଡିଂରେ ୨୦୦୧ ସେପ୍ଟେମ୍ବର ୧୧ରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣରେ ପ୍ରାୟ ୩ ହଜାର ଜୀବନ ଯାଇଥିଲା। ୯/୧୧ ଆକ୍ରମଣକୁ ୨୦ ବର୍ଷ ପୂର୍ତ୍ତି ଅବସରରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଦେଶର ପ୍ରଥମ ମହିଳା ଜିଲ୍ ବାଇଡେନ୍ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ନ୍ୟୁୟର୍କରେ ଥିବା ସ୍ମାରକୀଠାରେ ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା, ବିଲ୍ କ୍ଲିଣ୍ଟନ୍‌ଙ୍କ ସମେତ ସମସ୍ତ ପ୍ରଦେଶର ପ୍ରମୁଖ ବ୍ୟକ୍ତିବିଶେଷ ପହଞ୍ଚି ନୀରବ ପ୍ରାର୍ଥନା କରିଛନ୍ତି। ଏକତା ହିଁ ଆମେରିକାର ଶକ୍ତି। ତେଣୁ ଦେଶବାସୀ ସର୍ବଦା ଏକଜୁଟ ହୋଇ ରହିବାକୁ ବାଇଡେନ୍ ଆହ୍ୱାନ ଦେଇଛନ୍ତି। ଏଥିସହ ଆକ୍ରମଣସ୍ଥଳରେ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କୁ ଉଦ୍ଧାର କରିଥିବା ଏବଂ ପ୍ରାଣ ହାରିଥିବା ସାହସୀମାନଙ୍କୁ ମଧ୍ୟ ସେ ସମ୍ମାନ ଜଣାଇଥିଲେ। ସମୟ ଯେତେ ବଦଳି ଗଲେ ବି ଏହି ସମୟ ସବୁବେଳେ କଷ୍ଟଦାୟକ ବୋଲି ବାଇଡେନ୍ କହିଥିଲେ। ବାଇଡେନ୍ ୩ ଆକ୍ରମଣସ୍ଥଳ ନ୍ୟୁୟର୍କର ବିଶ୍ୱ ବାଣିଜ୍ୟ କେନ୍ଦ୍ରର ଟୁଇନ୍ ଟାୱାର ସମେତ ପେନ୍‌ସିଲଭାନିଆ ଏବଂ ପେଣ୍ଟାଗନ ବିଲ୍ଡିଂ ନିକଟକୁ ଯାଇଥିଲେ। ଜର୍ଜ ଡବ୍ଲ୍ୟୁ ବୁଶ୍, ଓବାମା ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ ପରେ ୯/୧୧ ବର୍ଷ ପୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାରେ ବାଇଡେନ୍ ହେଉଛନ୍ତି ଚତୁର୍ଥ ରାଷ୍ଟ୍ରପତି।

## 'ଭର୍ଚୁଆଲରେ ହୋଇପାରିବ ବିବାହ ପଞ୍ଜୀକରଣ'

ନୂଆଦିଲ୍ଲୀ, ୧୧।୯

ଭିଡିଓ କନଫରେନ୍ସ ମାଧ୍ୟମରେ ଭର୍ଚୁଆଲ ଉପସ୍ଥିତିରେ ମଧ୍ୟ ଦମ୍ପତିଙ୍କ ବିବାହ ପଞ୍ଜୀକରଣ ହୋଇପାରିବ। ଏଥିପାଇଁ ବ୍ୟକ୍ତିଗତ ଉପସ୍ଥିତି ନିମନ୍ତେ ଥିବା କଠୋର ଆଇନ ଯୋଗୁ ଏବେର ସମୟରେ ନାଗରିକମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ଆମେରିକାରେ ରହୁଥିବା ଭାରତୀୟ ଦମ୍ପତି ଭିଡିଓ କନଫରେନ୍ସ ଜରିଆରେ ବିବାହ ପଞ୍ଜୀକରଣ ନିମନ୍ତେ ହାଇକୋର୍ଟରେ କରିଥିବା ଆବେଦନର ଶୁଣାଣି କରି ଜଷ୍ଟିସ୍ ରେଖା ପାଲ୍ଲି ଉପରୋକ୍ତ ରାୟ ଦେଇଛନ୍ତି। ରେଜିଷ୍ଟ୍ରେଶନ ଅର୍ଡର ଧାରା-୪ରେ ଭିଡିଓ କନଫରେନ୍ସ ମାଧ୍ୟମରେ ମଧ୍ୟ 'ବ୍ୟକ୍ତିଗତ ଉପସ୍ଥିତି'କୁ ସାମିଲ କରାଯାଇପାରିବ। ଏଥିରେ ବାଧା ସୃଷ୍ଟିହେଲେ ବିବାହ ପଞ୍ଜୀକରଣ ଆଇନର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ ଏବଂ ଭିଡିଓ କନଫରେନ୍ସ ଭଳି ଗୁରୁତ୍ୱପୂର୍ଣ୍ଣ ତଥା ସହଜରେ ଉପଲବ୍ଧ ଉପକରଣ ବ୍ୟବହାର ଏ ଦିଗରେ ଉପଯୋଗ ହୋଇପାରିବ ନାହିଁ ବୋଲି ଜଷ୍ଟିସ୍ ପାଲ୍ଲି କହିଛନ୍ତି। ଏଥିସହ ସମ୍ପୃକ୍ତ ଯୋଡ଼ି ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କ ନିକଟରେ ଭର୍ଚୁଆଲ ମାଧ୍ୟମରେ ଉପସ୍ଥିତ ରହି ସେମାନଙ୍କ ବିବାହ ରେଜିଷ୍ଟର କରିପାରିବେ ବୋଲି କୋର୍ଟ ଅନୁମତି ଦେଇଥିଲେ। ତେବେ ପଞ୍ଜୀକରଣ ବେଳେ କର୍ତ୍ତୃପକ୍ଷଙ୍କ ନିକଟରେ ଦୁଇଜଣ ସାକ୍ଷୀ ବୈଧ ପରିଚୟ ପତ୍ର ସହ ଶାରୀରିକ ଭାବେ ଉପସ୍ଥିତ ରହିବେ ବୋଲି ଅଦାଲତ କହିଛନ୍ତି।

# ତାଲିବାନ୍ ସପକ୍ଷରେ ମହିଳାଙ୍କ ରାଲି

**'ପୂର୍ବ ସରକାରରେ ନ ଥିଲା ମହିଳା ସ୍ୱାଧୀନତା'**

କାବୁଲ, ୧୧।୯(ଆଇଏଏନ୍‌ଏସ୍)

ଆଫଗାନିସ୍ତାନରେ ତାଲିବାନ ଶାସନକୁ ବିରୋଧ କରି ବିକ୍ଷୋଭରେ ସାମିଲ ହେଉଥିବା ମହିଳାମାନଙ୍କ ମାଡ଼ ମରାଯିବା ସହ ହତ୍ୟା ଧମକ ଦିଆଯାଉଛି। ସେମାନଙ୍କ ବିକ୍ଷୋଭ ଉପରେ ଖବର ସଂଗ୍ରହ ପାଇଁ ଯାଇଥିବା ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ତାଲିବାନର ମହିଳା ବିରୋଧୀ ମନୋଭାବ ଓ ସରକାରରେ ମହିଳାଙ୍କୁ ସାମିଲ ନ କରିବା ନେଇ କିଛିଦିନ ହେଲା ବିକ୍ଷୋଭ କରାଯାଉଥିବାବେଳେ ଶନିବାର କେତେଜଣ ବୁର୍ଖାପିନ୍ଧା ମହିଳା ତାଲିବାନ ସପକ୍ଷରେ ରାଲି ବାହାର କରିଥିଲେ।



ପ୍ରାୟ ୩୦୦ ମହିଳା କାବୁଲ ରାସ୍ତାରେ ଶୋଭାଯାତ୍ରା ବାହାର କରିଥିଲେ। ସେମାନେ କାବୁଲ ୟୁନିଭର୍ସିଟି ନିକଟରେ ଧାରଣାରେ ବସି ତାଲିବାନ ନେତୃତ୍ୱ ବିଶେଷ କରି ଲିଙ୍ଗଗତ ଅସମାନତା ପ୍ରତି ସେମାନଙ୍କ ସମର୍ଥନ ଜଣାଇଥିଲେ। ସେମାନେ ତାଲିବାନ ପତାକା ଧରିବା ସହ ପାଶ୍ଚାତ୍ୟ ଦେଶକୁ ସମାଲୋଚନା କରିଥିଲେ। ପୂର୍ବ ସରକାରରେ ମହିଳାମାନଙ୍କୁ ବ୍ୟବହାର କରାଯାଉଥିଲା ଓ ସେମାନଙ୍କର କୌଣସି ସ୍ୱାଧୀନତା ନ ଥିଲା ବୋଲି ବିକ୍ଷୋଭକାରୀ କହିଛନ୍ତି। ଏହି ତାଲିବାନ ସପକ୍ଷ ରାଲିକୁ କଡ଼ା ସୁରକ୍ଷା ଯୋଗାଇ ଦିଆଯାଇଥିଲା।

### ଶପଥ ଗ୍ରହଣ ଉତ୍ସବ ବାତିଲ

ଆମେରିକାରେ ୯/୧୧ ଆକ୍ରମଣର ୨୦ ବର୍ଷ ପୂର୍ତ୍ତିରେ ଶନିବାର ଆଫଗାନିସ୍ତାନରେ ଅନ୍ତରୀଣ ସରକାର ଗଢ଼ିଥିବା ତାଲିବାନ୍ କ୍ୟାବିନେଟ୍‌ର ଶପଥ ଗ୍ରହଣ ଉତ୍ସବ ଆୟୋଜନ ହେବାକୁ ଥିବାବେଳେ ତାହା ବାତିଲ ହୋଇଯାଇଛି। ଅର୍ଥ ନଷ୍ଟ ନ କରିବାକୁ ତାଲିବାନ୍ ଏପରି ନିଷ୍ପତ୍ତି ନେଇଥିବା କେତେକ ରିପୋର୍ଟରେ ପ୍ରକାଶ ପାଇଛି। ଶପଥ ଗ୍ରହଣ ସମାରୋହ ଆୟୋଜନ ସପକ୍ଷରେ ନ ଥିବା ମେଣ୍ଟ ସହଯୋଗୀଙ୍କ ଚାପରେ ତାଲିବାନ୍ ଏହାକୁ ବାତିଲ କରିଥିବା ମଧ୍ୟ କୁହାଯାଉଛି। ଆଫଗାନିସ୍ତାନର ନୂଆ ସରକାର ଶପଥ ଗ୍ରହଣ ସମାରୋହ କାର୍ଯ୍ୟକ୍ରମକୁ କିଛି ଦିନ ତଳେ ବାତିଲ କରିଦିଆଯାଇଥିବା ତାଲିବାନ୍ ସରକାରର ସାଂସ୍କୃତିକ କମିଶନ୍‌ର ସଦସ୍ୟ ଇନାମୁଲ୍ଲା ସମାଙ୍ଗନି ଏକ ଟୁଇଟ୍ କରିଛନ୍ତି। ସରକାର ଗଠନ ହେବା ପରଠାରୁ ତାଲିବାନ୍ ସରକାର କାମ କରିବା ଆରମ୍ଭ କରିସାରିଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଆଫଗାନିସ୍ତାନ ଦଖଲ ପରେ ତାଲିବାନ୍ ଗତ ମଙ୍ଗଳବାର ଏହା ଅନ୍ତରୀଣ ସରକାର ଗଠନ କରିବା ସହ ସୁପ୍ରିମ ଲିଡର ହିବାତୁଲ୍ଲା ଅଖୁନ୍ଦଜାଦାଙ୍କ ଅଧୀନରେ କ୍ୟାବିନେଟ୍ ସଦସ୍ୟଙ୍କ ନାମ ଘୋଷଣା କରିଥିଲା।

# ୧୦ ଦିନରେ ୧୧୪୬ ପିଲା ସଂକ୍ରମିତ

## ୨୪ ଘଣ୍ଟାରେ ୬୩୦ ପଜିଟିଭ୍ ଚିହ୍ନଟ, ୮ ମୃତ

ଭୁବନେଶ୍ୱର, ୧୧।୯ (ବ୍ୟୁରୋ)

ରାଜ୍ୟରେ ଏବେ କରୋନା ସଂକ୍ରମଣ ନିୟନ୍ତ୍ରଣାଧୀନ ରହିଛି। ହେଲେ ପିଲାଙ୍କ ସଂକ୍ରମଣରେ ବ୍ରେକ୍ ଲାଗି ପାରୁନାହିଁ। ଗତ ୨୪ ଘଣ୍ଟାରେ ଆଉ ୬୩୦ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୮ ବର୍ଷରୁ କମ୍ ବୟସର ୧୧୬ଜଣ ରହିଛନ୍ତି। ସମ୍ଭାବ୍ୟ ତୃତୀୟ ଲହରରେ ପିଲାଙ୍କ ଦ୍ରୁତ ସଂକ୍ରମଣ ଦେଖାଦେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଆକଳନ କରୁଥିବାବେଳେ ବର୍ତ୍ତମାନର ପଜିଟିଭ୍ ରିପୋର୍ଟକୁ ଦେଖିଲେ ସେଭଳି ସ୍ଥିତି ଆସିଯାଇଥିବା ଭଳି ଲାଗୁଛି। ଗତ ୨ରୁ ୮ ତାରିଖ ୭ ଦିନରେ ୭୯୪ଜଣ ଶିଶୁ ଓ କିଶୋର ସଂକ୍ରମିତ ହୋଇଥିବାବେଳେ ୯ରୁ ୧୧ ତାରିଖ ୩ ଦିନ ମଧ୍ୟରେ ପୁଣି ୩୫୨ଜଣ ପିଲା ଆକ୍ରାନ୍ତ ହୋଇଛନ୍ତି। ମାତ୍ର ୧୦ ଦିନରେ ରାଜ୍ୟରେ ମୋଟ ୧୧୪୬ ପିଲା ସଂକ୍ରମିତ ହୋଇଥିବାରୁ ଚିନ୍ତା ବଢ଼ିଛି। ଅନ୍ୟପକ୍ଷରେ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୨୧ଜଣ ରହିଛନ୍ତି। ଏହା ପଛକୁ କଟକ ଜିଲାରେ ଦ୍ୱିତୀୟ ସର୍ବାଧିକ ୧୧୮ଜଣ, ଯାଜପୁରରୁ ୩୨, ବାଲେଶ୍ୱର ୨୩, ସୁନ୍ଦରଗଡ ୨୨, ମୟୂରଭଞ୍ଜ ୨୦, ନୟାଗଡ଼ ୧୭, ପୁରୀ ୧୬, ସମ୍ବଲପୁର ୧୩, ଢେଙ୍କାନାଳ ୧୨, ଜଗତ୍‌ସିଂହପୁର ୧୧, ଭଦ୍ରକ ୧୦, କେନ୍ଦ୍ରାପଡା ୮, କୋରାପୁଟ ୯, ରାୟଗଡା ୭, ଅନୁଗୋଳ ୫, ବରଗଡ, ଦେବଗଡ, କେନ୍ଦୁଝର ଓ ମାଲକାନଗିରିରୁ ୪ଜଣ ଲେଖାଏ, ବଲାଙ୍ଗୀର, ଗଜପତି ଓ ଗଞ୍ଜାମରୁ ୩ଜଣ ଲେଖାଏ, କନ୍ଧମାଳ ଓ ନବରଙ୍ଗପୁରରୁ ୨ଜଣ ଲେଖାଏ, ବୌଦ୍ଧ, ଝାରସୁଗୁଡା, କଳାହାଣ୍ଡି ଓ ନୂଆପଡାରୁ ଜଣେ ଲେଖାଏ ଓ ଷ୍ଟେଟ୍ ପୁଲ୍‌ରୁ ୫୩ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ଆକ୍ରାନ୍ତ ସଂଖ୍ୟା ୧୦,୧୫,୭୧୩ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୧୦ଲକ୍ଷ ୧୨ଶହ ୫୪ଜଣ ସୁସ୍ଥ ହୋଇସାରିଛନ୍ତି। ସେହିପରି ରାଜ୍ୟରୁ ଆଉ ୮ଜଣଙ୍କ ମୁଣ୍ଡ ନେଇଛି ମହାମାରୀ। ଫଳରେ କରୋନାଜନିତ ମୃତ୍ୟୁ ୮,୦୯୨କୁ ବୃଦ୍ଧି ପାଇଛି। ମୃତକଙ୍କ ମଧ୍ୟରେ ୨ଜଣ କଟକରୁ ଥିବାବେଳେ ବାଲେଶ୍ୱର, ଢେଙ୍କାନାଳ, ଜଗତ୍‌ସିଂହପୁର, ଯାଜପୁର, ମାଲକାନଗିରିର ଓ ମୟୂରଭଞ୍ଜରୁ ଜଣେ ଲେଖାଏ ଅଛନ୍ତି। ଏହାକୁ ମିଶାଇ କଟକରେ କରୋନା ମୃତ୍ୟୁ ସଂଖ୍ୟା ୮୧୬, ବାଲେଶ୍ୱରରେ ୨୭୮, ଢେଙ୍କାନାଳରେ ୨୪୨, ଜଗତ୍‌ସିଂହପୁରରେ ୨୯୪, ଯାଜପୁରରେ ୧୫୯, ମାଲକାନଗିରିରେ ୪୬ ଓ ମୟୂରଭଞ୍ଜରେ ୨୭୫କୁ ବୃଦ୍ଧି ପାଇଛି।



## ଟିକା ନେଇଥିବା ୨୦%ଙ୍କଠାରେ ଆଣ୍ଟିବଡି ସୃଷ୍ଟି ହେଉନି

ଭୁବନେଶ୍ୱର, ୧୧।୯ (ବ୍ୟୁରୋ)

ରାଜ୍ୟରେ ଦୈନିକ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଉଛି। ତେବେ ଟିକା ନେଇଥିବା ୨୦ରୁ ୨୫ ପ୍ରତିଶତ ଲୋକଙ୍କ ଶରୀରରେ ଆଣ୍ଟିବଡି ସୃଷ୍ଟି ହେଉନାହିଁ। ଏମାନଙ୍କ ଶରୀରରେ ଟିକା କାମ ଦେଉ ନାହିଁ ବୋଲି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ (ଆଇଏଲ୍‌ଏସ୍)ର ନିର୍ଦ୍ଦେଶକ ଡ. ଅଜୟ ପରିଡା କହିଛନ୍ତି।


**ଘରୋଇ କାମ କରିବା ନିମନ୍ତେ ଅବିବାହିତ ମହିଳା /ଦମ୍ପତି ଆବଶ୍ୟକ**

ରହିବା ଏବଂ ଖାଇବା ସୁବିଧା ଉପଲବ୍ଧ।

**9132933333**



**The loving angel, a Karamyogi, a born leader, a dedicated human with determination, courage and perseverance. We shall always cherish your values and follow your footsteps.**

*You left us with tender thoughts.*
*You left us with memories a lot.*

Anjali & Ramesh, Gita & Gangadhar, Abanti & Sudhir, Susama, Sudhakar, Indramani, Pratap, Dr.KumarGourav, Dr.Abinash, Jagdish, Grand Daughters, Samal Family, Relatives, Employees of Samal Group of Companies
&
Friends

**In Memory of 9th Death Anniversary**



**Late ADHIKARI SAMAL**
Our Founder Chairman of Samal Group of Companies, Khadagprasad, Dhenkanal.
28.10.1920 – 11.09.2013










## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୋପାଳ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

## ଲଘୁଚାପ ଘନୀଭୂତ, ...

ରହିଛି। ଲଘୁଚାପ ଯୋଗୁ ରବିବାର ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଯାଜପୁର ଓ ଭଦ୍ରକ ଜିଲାରେ ପ୍ରବଳ ବର୍ଷା ଆଶଙ୍କା ରହିଛି। ପାଣିପାଗ ବିଭାଗ ପକ୍ଷରୁ ଏ ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ଗଞ୍ଜାମ, ବାଲେଶ୍ୱର, ନୟାଗଡ଼, ଅନୁଗୋଳ, ବୌଦ୍ଧ, ସମ୍ବଲପୁର, ସୋନପୁର, ବଲାଙ୍ଗୀର ଓ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୩ ତାରିଖରେ ଅତି ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି। ଅନୁଗୋଳ, ଦେବଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ବରଗଡ଼, ବଲାଙ୍ଗୀର ଓ ସୋନପୁର ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ତଳିଆ ଅଞ୍ଚଳର ଚାଷ ଜମି ଜଳମଗ୍ନ ହେବା ସହ ମାଟି ରାସ୍ତା କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି। ଏହି ସମୟରେ କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନୂଆପଡ଼ା, କଟକ, ଯାଜପୁର, ଢେଙ୍କାନାଳ, ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର ଓ କେନ୍ଦ୍ରାପଡ଼ା ଜିଲାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ୟେଲୋ ୱାର୍ନିଂ ଜାରି କରିଛି। ସେହିପରି ୧୪ ତାରିଖରେ ପ୍ରବଳ ବର୍ଷା ନେଇ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର ଓ କେନ୍ଦୁଝର ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଲଘୁଚାପ ପାଇଁ ୧୨ରୁ ୧୪ ତାରିଖ ଯାଏ ସମୁଦ୍ର ଅଶାନ୍ତ ରହିବ। ଉତ୍ତର ଓ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ସହ ଉପକୂଳ ଓଡ଼ିଶାରେ ପବନର ବେଗ ଘଣ୍ଟାପ୍ରତି ୪୫ରୁ ୫୫ କିଲୋମିଟର ରହିବ। ଏହି ସମୟରେ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି।

## ନୂଆଁଖାଇରେ କାଳିଆ ...

ଦୃଷ୍ଟି ଆକର୍ଷଣ କରାଯାଉଛି। ସରକାର ସବୁବେଳେ ଚାଷୀମାନଙ୍କ ସାଥିରେ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଚଳିତ ବର୍ଷ କମ୍ ବର୍ଷା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅଗଷ୍ଟରେ କମ୍ ବର୍ଷା ହୋଇଛି। ତେବେ ବର୍ତ୍ତମାନ ଭଲ ବର୍ଷା ହେଉଥିବାରୁ ଆଗକୁ ସ୍ଥିତିରେ ଉନ୍ନତି ଆସିବ ବୋଲି ଆଶାପ୍ରକାଶ କରିଛନ୍ତି। ପରିସ୍ଥିତି ଉପରେ ସରକାର ନଜର ରଖିଛନ୍ତି। କୃଷି ବିଭାଗର କ୍ଷେତ୍ର ଅଧିକାରୀମାନଙ୍କୁ ଚାଷୀମାନଙ୍କ ସହ ସବୁବେଳେ ସମ୍ପର୍କରେ ରହି ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କୃଷି ବିଭାଗର ପରାମର୍ଶ ଅନୁଯାୟୀ ଚାଷୀ ଭାଇମାନେ କାମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କୁ ନୂଆଖାଇ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ ନୂଆଖାଇ ହେଉଛି ମାଟି ମା'ର ପର୍ବ। କୃଷକମାନେ ହେଉଛନ୍ତି ମାଟି ମା'ର ସବୁଠାରୁ ବଡ଼ ପୂଜାରୀ। ଏଭଳି ପବିତ୍ର ଦିନରେ ଚାଷୀମାନଙ୍କୁ ସହାୟତା ପ୍ରଦାନ କରାଯାଉଥିବାରୁ ଖୁସିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, କାଳିଆ ଯୋଜନା ଚାଷୀର କଲ୍ୟାଣ ପାଇଁ ସାରା ଦେଶରେ ସବୁଠାରୁ ଭଲ ଯୋଜନା। ଭୂମିହୀନ ଚାଷୀଙ୍କୁ ସହାୟତା ଦେବାରେ ଓଡ଼ିଶା ହେଉଛି ଦେଶର ଏକମାତ୍ର ରାଜ୍ୟ। ଲକ୍ଷ ଲକ୍ଷ ଛୋଟ ଚାଷୀ କାଳିଆ ଯୋଜନାରେ ସବୁଠାରୁ ଅଧିକ ଉପକାର ପାଉଛନ୍ତି। କୋଭିଡ୍ ମହାମାରୀ ଆରମ୍ଭ ହେବାଠାରୁ ରାଜ୍ୟ ସରକାର ଏହି ଯୋଜନାରେ ଚାଷୀମାନଙ୍କୁ ୩୨୦୦ କୋଟି ଟଙ୍କାରୁ ଅଧିକ ସହାୟତା ପ୍ରଦାନ କରିସାରିଲେଣି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନୟାଗଡ଼ରୁ କାର୍ଯ୍ୟକ୍ରମରେ ଯୋଗ ଦେଇ କୃଷିମନ୍ତ୍ରୀ ଅରୁଣ ସାହୁ ସରକାରଙ୍କ ବିଭିନ୍ନ କୃଷି ବିକାଶ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ସହ କାଳିଆ କାର୍ଯ୍ୟକ୍ରମ ଚାଷୀକୁଳ ପାଇଁ ସାହାରା ହୋଇଛି ବୋଲି ମତ ଦେଇଛନ୍ତି। କାର୍ଯ୍ୟକ୍ରମରେ ମତ ରଖି ସମ୍ବଲପୁରର ମକରଧ୍ୱଜ ମେଣ୍ଡଲି, ବରଗଡ଼ର ଲାସିମା ବିଶ୍ୱାଳ, ରାଧାକାନ୍ତ, ବଲାଙ୍ଗୀରର ରାଜକୁମାର ପ୍ରଧାନ ଓ ପରମାନନ୍ଦ ମାଝି କାଳିଆ ଯୋଜନାର ଉଚ୍ଚପ୍ରଶଂସା କରିଛନ୍ତି। ଏହି ଯୋଜନାରେ ଠିକ୍ ସମୟରେ ସହାୟତା ମିଳୁଥିବାରୁ ଆଉ ଧାରକରଜ କରିବାକୁ ପଡୁନାହିଁ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ. ପାଣ୍ଡିଆନ (୫-ଟି) କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃଷି ସଚିବ ଏସ୍.କେ. ବଶିଷ୍ଠ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗୀୟ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଖ୍ୟମନ୍ତ୍ରୀ ପଦରୁ ...

ବିଧାୟକଙ୍କୁ ଗାନ୍ଧୀନଗରରେ ତୁରନ୍ତ ପହଞ୍ଚିବା ଲାଗି କୁହାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସେଠାରେ ପହଞ୍ଚିବା ପରେ ବିଧାୟକ ଦଳ ବୈଠକ ବସି ନୂଆ ନେତା ନିର୍ବାଚନ କରାଯିବ। ହଠାତ୍ ରୂପାନୀଙ୍କ ଇସ୍ତଫାକୁ ନେଇ ବିଭିନ୍ନ ଦଳ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଦିଲ୍ଲୀରୁ ରିମୋଟ୍ କଣ୍ଟ୍ରୋଲ ଭାଜପା ସରକାର ଗୁଜରାଟରେ ମହାମାରୀ ସମୟର ପରିଚାଳନାଗତ ତ୍ରୁଟିକୁ ଘୋଡ଼ାଇବା ପାଇଁ ରୂପାନୀଙ୍କୁ ବଳିବୋଦା କରିଥିବା ମୁଖ୍ୟ ବିରୋଧୀ ଦଳ କଂଗ୍ରେସ କହିଛି। ଗୁଜରାଟ ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛନ୍ତି। ପୂର୍ବରୁ ଆନନ୍ଦୀବେନ୍ ପଟେଲଙ୍କୁ ଅନୁରୂପ ଭାବେ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଇସ୍ତଫା ଦେବାକୁ କୁହାଯାଇଥିଲା। ସି.ଆର୍. ପାଟିଲ ଗୁଜରାଟ ଭାଜପା ସଭାପତି ନିର୍ବାଚିତ ହେବା ପରେ ଦଳ ଭିତରେ ଆରମ୍ଭ ହୋଇଥିବା ଆଭ୍ୟନ୍ତରୀଣ କନ୍ଦଳ ଶନିବାର ଚରମ ସୀମାରେ ପହଞ୍ଚିଥିବା ରାଜ୍ୟ କଂଗ୍ରେସ ସଭାପତି ଅମିତ୍ ଚାଓଡ଼ା କହିଛନ୍ତି। ୨୭ ବର୍ଷ ଧରି ଗୁଜରାଟକୁ ଶାସନ କରୁଥିବା ଭାଜପାକୁ ମୁଖ୍ୟମନ୍ତ୍ରୀ ବଦଳାଇବାକୁ ପଡୁଥିବାରୁ ଏହା ଦଳର ଦୁର୍ବଳ ସ୍ଥିତିକୁ ସୂଚାଉଛି ବୋଲି ଆମ୍ ଆଦ୍‌ମୀ ପାର୍ଟି ସାଧାରଣ ସମ୍ପାଦକ ମନୋଜ ସୋରାଥିୟା କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରାଜ୍ୟ ଗୁଜରାଟରେ ମୁଖ୍ୟମନ୍ତ୍ରୀ ରୂପାନୀଙ୍କୁ ନିର୍ବାଚନ ପୂର୍ବରୁ ଇସ୍ତଫା ଦେବାକୁ କୁହାଯାଇଛି। ୬୫ ବର୍ଷୀୟ ରୂପାନୀ ୨୦୧୭ ଡିସେମ୍ବରରେ ଦ୍ୱିତୀୟ ଥର ପାଇଁ ମୁଖ୍ୟନ୍ତ୍ରୀ ଭାବେ ଶପଥ ନେଇଥିଲେ। ତାଙ୍କୁ ମିଶାଇ ୬ ମାସ ମଧ୍ୟରେ ୪ ଜଣ ଭାଜପା ମୁଖ୍ୟମନ୍ତ୍ରୀ ନିଜ ପଦରୁ ଇସ୍ତଫା ଦେଲେଣି। ଜୁଲାଇରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ପଦରୁ ବି.ଏସ୍. ୟେଦୁରପ୍ପା ଇସ୍ତଫା ଦେଇଥିଲେ। ଉତ୍ତରାଖଣ୍ଡରେ ୪ ମାସ ମଧ୍ୟରେ ଦୁଇଜଣ ମୁଖ୍ୟମନ୍ତ୍ରୀ ତ୍ରିଭେନ୍ଦ୍ର ରାୱତ ଏବଂ ତିରଥ ସିଂ ରାୱତ ଇସ୍ତଫା ଦେଇଥିଲେ।

## ସମଲେଇଙ୍କୁ ...

ଉଖୁଡ଼ା, କ୍ଷୀରି, ସାରୁ ଶାଗ ପରମ୍ପରାନୁସାରେ ଝାଡୁଆପଡା ବେହେରା ପରିବାରଙ୍କ ଘରୁ ନୂଆଖାଇ ଭୋଗ ମନ୍ଦିରକୁ ଆସିଥିଲା। ପୂର୍ବାହ୍ଣ ୧୦ଟାରେ ମୁଖ୍ୟ ପୂଜକଙ୍କ ସମେତ ଅନ୍ୟ ୭ଜଣ ପୂଜକ ମନ୍ଦିର ଗମ୍ଭିରାରେ ପ୍ରବେଶ କରିଥିଲେ। ଶଙ୍ଖ ଧ୍ୱନି ସହ କ୍ଷତ୍ରୀୟ ପୂଜକମାନେ ଭୁବନେଶ୍ୱରୀଙ୍କ ବିଜମନ୍ତ୍ର ଉଚ୍ଚାରଣ କରି ଇଷ୍ଟଦେବୀ ମାଁ ସମଲେଇଙ୍କୁ ନବାନ୍ନ ଭୋଗ ଅର୍ପଣ କରିଥିଲେ। ୯ଟା ୪୫ ମିନିଟ୍‌ରେ ପୂଜକମାନେ ମନ୍ଦିର ଗମ୍ଭିରା ଭିତରୁ ବାହାରିଥିଲେ। ୧୧୫ ପାର୍ଶ୍ୱ ଦେବଦେବୀଙ୍କୁ ନୂଆପତ୍ରରେ ଚାଉଳ, ଗାଈଘିଅ ଓ ଗୁଡରେ ପ୍ରସ୍ତୁତ ନବାନ୍ନ ଭୋଗ ଅର୍ପଣ କରିଥିଲେ। ପୂର୍ବାହ୍ଣ ୧୧ଟାରେ ମଙ୍ଗଳ ଆଳତି ଓ ମଧ୍ୟାହ୍ନ ୧୨ଟାରେ ଦେବୀଙ୍କୁ ଅନ୍ନଭୋଗ ଓ ପହଡ ନୀତି, ରାତି ୮ଟାରେ ଆଳତି, ୯ଟାରେ ଅନ୍ନଭୋଗ ସହ ମନ୍ଦିର ଦ୍ୱାର ବନ୍ଦ କରାଯାଇଥିଲା। କରୋନା କଟକଣା ଯୋଗୁ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇ ନ ଥିଲା। ନୂଆଁ ଖାଇବା ପରେ ମଧ୍ୟାହ୍ନ ୧୨ଟା ୩୦ ମିନିଟରୁ ସନ୍ଧ୍ୟା ସାଢେ ୫ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ହୋଇଥିଲା। କୋଭିଡ୍ କଟକଣା ଓ ନିୟମ ପାଳନ କରି ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ନୂଆଁଖାଇ ଦିନରେ ମା'ଙ୍କୁ ଦର୍ଶନ କଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ଆଖି ବୁଜିଲେ ...

ସର୍ବୋଚ୍ଚ ଦଣ୍ଡବିଧାନ କରାଗଲେ ଏଭଳି ଜଘନ୍ୟ ଅପରାଧ ଘଟିବ ନାହିଁ ବୋଲି ବିଶ୍ୱାସ କରାଯାଉଥିଲା। ଏହା ସତ୍ତ୍ୱେ ଏଭଳି ଘଟଣା ପୁଣି ଥରେ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି। ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଅଧ୍ୟକ୍ଷା ରେଖା ଶର୍ମା ଘଟଣାକୁ ଗୁରୁତର ସହ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୋଲିସକୁ କହିଛନ୍ତି। ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଉକ୍ତ ଘଟଣାରେ ମର୍ମାହତ ବୋଲି କହିବା ସହ ଅପରାଧୀଙ୍କୁ ଫାଶୀ ଦେବା ପାଇଁ ଦାବି କରିଛନ୍ତି।

## ଅଙ୍ଗଦାନ ଲାଗି ୩୦ ସ୍ୱେଚ୍ଛାସେବୀଙ୍କ ସ୍ୱାକ୍ଷର

ଭୁବନେଶ୍ୱର, ୧୧।୯(ବ୍ୟୁରୋ): ଓଡ଼ିଶା ମୋ ପରିବାର- ଜୀବନ ବିନ୍ଦୁ ଆନୁକୂଲ୍ୟରେ ଶନିବାର କେନ୍ଦୁଝର ଘସିପୁରାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ୩୧ଜଣ ରକ୍ତଦାନ କରିଥିବା ବେଳେ ୩୦ ଜଣ ସ୍ୱେଚ୍ଛାସେବୀ ମୃତ୍ୟୁପରେ ସେମାନଙ୍କ ଅଙ୍ଗଦାନ କରିବେ ବୋଲି ସ୍ୱାକ୍ଷର କରିଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣ ଚକ୍ଷୁଦାନ ଲାଗି ସ୍ୱାକ୍ଷର କରିଥିବା ବେଳେ, ୪ ଜଣ କିଡ୍‌ନୀ ଓ ଚକ୍ଷୁ, ୩ ଜଣ କିଡ୍‌ନୀ, ଚକ୍ଷୁ, ଚର୍ମ, ଲିଭର ଏବଂ ୧୭ ଜଣ ସମ୍ପୂର୍ଣ୍ଣ ଅଙ୍ଗଦାନ କରିବା ପାଇଁ କଟକ ବଡ଼ ମେଡିକାଲରୁ ଆସିଥିବା ଟିମ୍ ନିକଟରେ ସ୍ୱାକ୍ଷର କରିଛନ୍ତି। ହେଲ୍‌ପ ଦି ହ୍ୟୁମାନିଟି ଚାରିଟେବୁଲ୍ ଟ୍ରଷ୍ଟ ସହଭାଗିତାରେ ଅନୁଷ୍ଠିତ ହୋଇଥିବା ଏହି ଶିବିରକୁ ଓଡ଼ିଶା-ମୋ ପରିବାର ଜିଲା ସଂଯୋଜକ ପ୍ରଦୀପ ସାହୁ ସଂଯୋଜନା କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଲାଗି ରହିଥିବା ବିବାଦୀୟ ପରିସ୍ଥିତିର ପୂର୍ଣ୍ଣଚ୍ଛେଦ ଘଟିବାର ଆଶା ରହିଛି। ଯେ କୌଣସି ପରିସ୍ଥିତି ହେଲେ ମଧ୍ୟ ନିକଟସ୍ଥ ବ୍ୟକ୍ତିମାନଙ୍କୁ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। କିନ୍ତୁ କ୍ରୟ, ବିକ୍ରୟ କ୍ଷେତ୍ରରେ ସାବଧାନ ରୁହନ୍ତୁ ନଚେତ୍ ଠକାମିରେ ପଡ଼ିପାରନ୍ତି। ବନ୍ଧୁମାନଙ୍କ ପରାମର୍ଶ କ୍ରମେ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବୃଷ** ହିତୈଷୀମାନଙ୍କ ତରଫରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ନିର୍ମାଣ, ଆନୁଷ୍ଠାନିକ ଓ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ। ସାମାଜିକ ସ୍ତରରେ ନୂତନ ଯୋଜନାରମ୍ଭ କରି ପ୍ରଶଂସିତ ହୋଇପାରନ୍ତି।

**ମିଥୁନ** ପ୍ରତ୍ୟେକ କ୍ଷେତ୍ରରେ କାମକରିବା ସକାଶେ ଉତ୍ସାହିତ ହେବେ ଓ ସାଫଲ୍ୟତା ହାସଲ କରିବେ। ଉଦ୍ୟମ ସଫଳ ଦିଗରେ ଜଣେ ଗୌରବର୍ଣ୍ଣ ବ୍ୟକ୍ତି ସାହାଯ୍ୟ କରିବେ। ଜମିଜମା କିମ୍ବା ଅର୍ଥ ସମ୍ପର୍କୀୟ ଚିନ୍ତା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ। ଯାତ୍ରା କାଳରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ** ପାରିପାର୍ଶ୍ୱିକ ସ୍ତରରେ କୌଣସି ବ୍ୟତିକ୍ରମ ସକାଶେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟାଇବ। ଅଫିସିଆଲି ସ୍ତରରୁ ଅଚାନକ ଶୁଭ ଖବର ଶୁଣି ଖୁସି ହେବେ। ଚେଷ୍ଟା କରୁଥିବା କାମରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁମାନଙ୍କ ସକ୍ରିୟତା ବୃଦ୍ଧି ପାଇପାରେ।

**ସିଂହ** ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା କାରଣରୁ ସାମୟିକ ଖୁସି ରହିବେ। ସହକର୍ମୀଙ୍କ ସାହାଯ୍ୟ ନେଇ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ପାରିବାରିକ ଅସୁବିଧା କ୍ଷେତ୍ରରେ ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା** ଆଜିର ଆଲୋଚନା କାଳରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ସାମାଜିକ ସ୍ତରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା। ଯାତ୍ରା ସଫଳ ହେବ କିନ୍ତୁ ବିଳମ୍ବିତ ସମୟରେ ଲକ୍ଷ୍ୟ ହାସଲ କରିବେ।

**ତୁଳା** ସାଧାରଣ କଥାରେ ଉତ୍ତେଜିତ ନ ହୋଇ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ଅଧିକାଂଶ ସମୟ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ସମ୍ଭାବନା ରହିଛି। ଅଧ୍ୟୟନ, ଅଧ୍ୟାପନା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବିଛା** ପରିସ୍ଥିତିରେ ଉନ୍ନତି ଘଟିବା କାରଣରୁ କର୍ମକ୍ଷେତ୍ରରେ ଲାଗି ରହିଥିବା ବ୍ୟସ୍ତତା ଦୂର ହୋଇଯିବ। ଖଳ ଲୋକମାନେ ଅପପ୍ରଚାର କରିବେ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ନ ହୋଇ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ଛୋଟ କଥାକୁ କେନ୍ଦ୍ରକରି ପରିବାରରେ କଳହ ସୃଷ୍ଟିର ଆଶଙ୍କା ଦେଖାଦେବ। କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ ଏବଂ ସଭାସମିତି ଓ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବାର ଆଶା ରହିଛି।

**ମକର** ଭୁଲ ବୁଝାମଣାବଶତଃ ହଠାତ୍ ଆକସ୍ମିକ ଭାବେ ନିଜ ଲୋକମାନେ ଶତ୍ରୁତା କରି ବସିବେ। ପୂର୍ବ ସ୍ଥିରୀକୃତ ଯୋଜନାଗୁଡ଼ିକ ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ଦିନଟି ବହୁତ ଶୁଭପ୍ରଦ ରହିବ।

**କୁମ୍ଭ** ବନ୍ଧୁମାନଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ଉପୁଜିପାରେ। ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବା ଦ୍ୱାରା ସମସ୍ୟା ବଢ଼ିବ ସିନା କମିବ ନାହିଁ। କର୍ମକ୍ଷେତ୍ର ପୂର୍ବ ଦିନମାନଙ୍କ ଭଳି ଆଜି ମଧ୍ୟ ରହିବ।

**ମୀନ** ଆଜି ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଯେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ନିଜ ଲୋକ ବିଶ୍ୱାସଘାତକତା କରିପାରନ୍ତି, ଏଣୁ ସତର୍କତା ଅବଲମ୍ବନ କରିବା ଭଲ ହେବ।


# classifieds Everyday
0674-2580101, 2549302




### BRIDE WANTED

ବ୍ରାହ୍ମଣ, କରଣ, ଖଣ୍ଡାୟତ, କ୍ଷତ୍ରିୟ, ତେଲି, ଗଉଡ଼ ଜାତିର କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68282

Kshyatriya boy 1986, 5'9" B.S.c Serving Nationalised Bank "Sunasansar". 9937512659, 8249969649. D-71706

### GROOM WANTED

52 ବୟସ୍କା ସରକାରୀ ଚାକିରିଆ ସୁନ୍ଦର କରଣ ଜାତିର ବିଧବାଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଦରକାର। ଯୋଗାଯୋଗ- 7681044808. D-21627




### SALE

4Bedroom House for sale old Duplex At- Gayatri Nagar, Bomikhal, Bhubaneswar -10 Price- Rs.2 Crores final. Contact- 9938303321. D-21628

4464sft plot sale at Korodokanta mouza, Bhubaneswar closer to Cuttack Puri bypass. Contact- 7205876986. D-21623

ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ 14,40,000/-ରେ ମିଳୁଛି। 9437033320. D-71705

Prime location plot sale Jayadurganagar, Jharpada Jail Square 4000/ 2123sqft. 7992916484. D-21554

Gated community township planning gharabari plot sale in Gudiapokhari near KEC College with 30'road, Electricity, boundarywall. 8763887357, 9238902929. D-71702

Double storied fully furnished house at off Vivekanand Marg, Nageswar Tangi, with all Modern Amenities. 4BHK / 4 Toilets, Jacuzzi, Dressing, Drawing & Dining, Puja Room, Utility Room, Lounge, Audio-Video Room, with Bar, Balcony, Servants Room & 2nos Garages. Vastu Compliant. Fitted with CCTV. Land Area : 74 Decimals, Sthitiban. Price : 4.75. Call 9437928245 (11am - 7pm) (Broker Excuse). D-71158

30'road gharabari plot at Ghangapatna 4kms from Sum Hospital and commercial/ residential plot Pitapalli NH side. 7978601422. D-70879

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାରି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call: 9827119799. D-71154

ଭୁବନେଶ୍ୱର ଚନ୍ଦକାରେ Nalanda ଓ BCCST College ପାଖରେ road, electricity, water ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ possession ଥାଇ ମିଳୁଛି। 9348870771, 9090543542. D-70889

2/3 BHK flats sale at Mancheswar Railway Station, Bhubaneswar discount upto- 5,00,000/-. 8114982646, 9040744989. D-70890

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200 sqft. 2,80,000/-, ନଖରା ତ୍ରିନାଥବଜାର sqft.- 150/- (Outright). 9348232008. D-21590

ଭୁବନେଶ୍ୱର, ପଟିଆ, ରଘୁନାଥପୁର, ନଖରା ପାଖରେ 1,2,3BHK, Simplex, Duplex ଅଛି। 8327785834, 9658122456. D-71701

2400sqft commercial plot for sale at Nandankanan road, Bhubaneswar. Price:72 lakhs, brokers excuse. Contact: 7894639282. D-71155

Individual Duplex Corner 2+2 BHK House, North-West FACING for SALE at Kasturi Nagar, Rayagada. 7032661973. D-21602

Gharabari plot for sale between Twincity just 11k.m. from Vanivihar Square, 5.k.m. from Hanspal Chhak, immediate registration and possession with boundarywall. Contact: 7789912004. D-71157

Bhubaneswar infocity-2 ପାଖରୁ 200mtrs distance ଘରବାରି ପଟ୍ଟା (4plots) 30ft. road, electricity available. Rate-21,00,000/-, 7978444805. D-70900

ଭୁବନେଶ୍ୱର ବିକାଶ ସ୍କୁଲ ନିକଟରେ ଘରବାରି ପ୍ଲଟ୍ sqft.-650/-, ସୁନ୍ଦରପଦାରେ 1500/-, 9937984256. D-70899

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891. D-21531

1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891. D-21472

Bhubaneswar residential plot Pahal NH Back Side of Jagannath Temple, sqft. 1850/-, 2250/-, Balianta 850/- 1250/-, 8249477254, 7978230118. D-70887

E.B. House for sale at Laxmisagar BDA Colony. Contact: 9337341703, 9439539146. D-71003

2 & 1/2 Bedroom Apartment for sale At- Harapriya Apartment, Vivekananda Marg, Bhubaneswar. Contact No. 9938303321. D-21629




Construct your home with branded material. We provide plan approval, boring, vastu. 7789824989, 9040744989. D-70891




Cold Storage near Rasulgarh 1800q sqft., 8249241475, 8480204021. D-21586

1500sqft. Groundfloor at Rabitalkies Square, BBSR for commercial, residential. Contact- 7978182874, 9437031397. D-70732

3Bed room house at Jayadev Vihar. Contact: 9437060996. D-21614

2000sft. each in 1st and 2nd floor, office space Lewis Road. Contact: 8018725357, 9810064588. D-70953

Gents readymade Garments Shop 600sqft. with stocks at Dargha Bazar, Cuttack, Contact: 9937458387. D-21566

Single room, bath, kitchen near DAV, Chandrasekharpur. Contact: 7008471585/ 9937024628. D-21607

Furnished Office space 300sqft. Indradhanu Market, Complex, 10,000/-, 9337336614. D-71004

2x2000sqft. Hall near Airport on 100ft. wide Bhimatangi Main road for Office or commercial. 9958003695. D-71415

Girls Hostel purposes only for College Institute. 8249241475, 8480204021. D-21585




Newly Open Saikrupa Panchakarma Spa positively health benefits with Expert. 8984068077. D-21564

Refreshing your mind, your body with tha best therapy at Lotus SPA. 8018891951. D-70482

Refreshments rejuvenation body massage therapy with experience therapists, Bhubaneswar. 9668374480. D-71152

Newly open full body massage ladies and gents. 7894304092, 8327740003. D-70481

Swarna SPA newly open positively health benefits with expert therapist. 9556978408. D-71156

Life is great, massage makes it better. Book appointment. 7852986810. D-71416

Newly open SPA Offer @599/-, positively health benefits, Kalpana. 8984846329. D-71413

### AFFIDAVIT

I, MANMEET GOYAL S/o DEEP KUMAR, R/o #12, 22 Acre, Barnala-148101 changed my name to MANMEET GOEL, affidavit dated 22/06/2021. Sworn before Notary P. K. Dalabehera. D-21626

Bidyut prava Patra, age-52, W/o- Late Sarat Chandra Sahoo of Vill- Durgabazar, P.S.- Daspalla, Dist- Nayagarh is declared as Bidyut prava Sahoo. She is one and same person it is meant for all purposes hence forward. D-21625

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୨,୪୮,୬୬,୯୧୯ | ୪୬,୩୪,୫୪୯ | ୨୦,୧୪,୪୯,୯୦୭ |
| ଭାରତ | ୩,୩୨,୩୧,୪୦୩ | ୪,୪୨,୬୬୯ | ୩,୨୩,୯୪,୯୪୭ |
| ଓଡ଼ିଶା | ୧୦,୧୫,୭୧୩ | ୮୦୯୨(+୫୩) | ୧୦,୦୧,୨୫୪ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ହାଇକୋର୍ଟରେ ଇ-ଫାଇଲିଂ ଷ୍ଟେଶନ ଉଦ୍‌ଘାଟିତ

**କଟକ ଅଫିସ,୧୧।୯:** ଓଡ଼ିଶାର ଆଇନଜୀବୀ ଓ ନ୍ୟାୟାଳୟର ଅଧିକାରୀଙ୍କ ସୁବିଧା ପାଇଁ ହାଇକୋର୍ଟ ପରିସରରେ ଇ ଫାଇଲିଂ ଷ୍ଟେଶନ, ରେକର୍ଡ ରୁମ୍ ଡିଜିଟାଇଜେଶନ, ପେପରଲେସ ବେଞ୍ଚକୁ ସୁପ୍ରିମକୋର୍ଟ ବିଚାରପତି ଇ କମିଟି ଅଧକ୍ଷ ଡି. ୱାଇ. ଚନ୍ଦ୍ରଚୂଡ଼ ଭର୍ଚୁଆଲରେ ଶନିବାର ଉଦ୍‌ଘାଟନ କରିଛନ୍ତି। ସେହିପରି ଭିଡିଓ କନଫରେନ୍ସିଂ ମାଧମରେ କୋର୍ଟ ପ୍ରୋସିଡିଂ ପରିଚାଳନା ପାଇଁ କଟକ ଜୁଡିସିଆଲ ଏକାଡେମୀରେ ବିଚାର ବିଭାଗୀୟ ଅଧିକାରୀଙ୍କ ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ କଟକ ଜିଲା କୋର୍ଟରେ ଆଇନଜୀବୀଙ୍କ ପାଇଁ ଇ-ଫାଇଲିଂ, ଇ-ପେମେଣ୍ଟ ଓ ଅନ୍ୟ ଇ ସେବା ସମ୍ପର୍କିତ ପ୍ରଶିକ୍ଷଣକୁ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର, ଓଡ଼ିଶା ଜୁଡିସିଆଲ ଏକାଡେମୀ ଓ ପ୍ରଶିକ୍ଷଣ କମିଟିର ଅଧକ୍ଷ ତଥା ବିଚାରପତି ସଞ୍ଜୟ କୁମାର ମିଶ୍ର, ହାଇକୋର୍ଟ ଆଇଟି ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କମିଟି ଅଧକ୍ଷ ଜଷ୍ଟିସ ବିଶ୍ୱଜିତ୍ ମହାନ୍ତି ଓ ଜଷ୍ଟିସ ସଙ୍ଗମ କୁମାର ସାହୁ ଉପସ୍ଥିତ ଥିଲେ। ଏଥିସହ ଜଷ୍ଟିସ ବି.ଆର୍. ଷଡ଼ଙ୍ଗୀ, ଦେବବ୍ରତ ଦାଶ, ଏସ୍. ପୂଜାହାରୀ, ବିଶ୍ୱନାଥ ରଥ, କେ.ଆର. ମହାପାତ୍ର, ବି.ପି. ରାଉତରାୟ, ଏସ୍.କେ. ପାଣିଗ୍ରାହୀ, ଜଷ୍ଟିସ ସାବିତ୍ରୀ ରଥ, ଆଡଭୋକେଟ ଜେନେରାଲ ଏ.କେ. ପରିଜା ଓ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଜଗବନ୍ଧୁ ସାହୁ ପ୍ରମୁଖ ଭିଡିଓ କନଫରେନ୍ସିଂ ମାଧମରେ ଯୋଗଦେଇଥିଲେ।

### କାମ କରିବାକୁ ବାହାର ରାଜ୍ୟକୁ ନେଇ ମହିଳାଙ୍କୁ ନିର୍ଯାତନା

**ମାଲକାନଗିରି,୧୧।୯(ଡି.ଏନ୍.ଏ.):** ତାମିଲନାଡୁକୁ କାମ କରିବାକୁ ଯାଇ ଜଣେ ମହିଳା ନିର୍ଯାତନାର ଶିକାର ହୋଇଛନ୍ତି। ତାଙ୍କୁ ଏଠାରୁ ଉଦ୍ଧାରକରିବା ଲାଗି ଏକ ଭିଡିଓ ମାଧମରେ ସେ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି। ଶନିବାର ମାଲକାନଗିରି ଜିଲା କାଲିମେଲା ଥାନା ଅନ୍ତର୍ଗତ ଏମ୍‌ଭି-୮ ଗ୍ରାମରେ ଦେଖିବାକୁ ମିଳିଛି ଏପରି ଘଟଣା। ତାମିଲନାଡୁରେ କାମ ଯୋଗାଇଦେବାକୁ କହି ଏମ୍‌ଭି-୭୫ ଗ୍ରାମର ମାନାଞ୍ଜଳାଙ୍କୁ ଏମ୍‌ଭି- ୮ ଗ୍ରାମର ଠିକାଦାର ଶଙ୍କର ମିସ୍ତ୍ରି ଦେଢ଼ମାସ ତଳେ ଡାକି ନେଇଥିଲେ। ନିଜ ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ୧୦ବର୍ଷର ଝିଅ ଓ ୮ବର୍ଷର ପୁଅକୁ ସାଙ୍ଗରେ ଧରି ସେ ଶଙ୍କରଙ୍କ ସହ ଯାଇଥିଲେ। ଶଙ୍କର ତାଙ୍କୁ ତାମିଲନାଡୁର ତିରୁପୁରାରେ କାମ ଦେଇଥିଲେ। ସେଠାରେ ଶ୍ରମିକ ଏବଂ ଠିକାଦାରଙ୍କୁ ମାନାଞ୍ଜଳା ଏକ ମାସ ଧରି ରୋଷେଇ କରି ଖାଇବାକୁ ଦେଇଥିଲେ। ପରେ ସେ ତାଙ୍କର ମାସକର ପାରିଶ୍ରମିକ ଅର୍ଥ ଠିକାଦାର ଶଙ୍କରଙ୍କୁ ମାଗିବାରୁ ସେ ଅର୍ଥ ଦେବା ପରିବର୍ତ୍ତେ ନିଶାସକ୍ତ ଅବସ୍ଥାରେ ମାନାଞ୍ଜଳାଙ୍କୁ ମାଡ଼ ମାରି ନିର୍ଯାତନା ଦେଇ ଆସୁଛନ୍ତି ବୋଲି ମାନାଞ୍ଜଳା ଅଭିଯୋଗ କରିଛନ୍ତି। ମାଆଙ୍କୁ ଶଙ୍କର ମାଡ଼ ମାରୁଥିବା ବେଳେ ତାଙ୍କୁ ରୋକିବା ପାଇଁ ଝିଅପୁଅ ଚେଷ୍ଟା କରିବାରୁ ଶଙ୍କର ସେମାନଙ୍କୁ ମଧ ମାଡ଼ ମାରିଥିବା ମାନାଞ୍ଜଳା ଭିଡିଓରେ ପ୍ରକାଶ କରିଛନ୍ତି। ତାଙ୍କୁ ଏଠାରୁ ଉଦ୍ଧାର କରିବାକୁ ସେ ଭିଡିଓ ମାଧମରେ ଜିଲା ପ୍ରଶାସନକୁ ଆକୁଳ ନିବେଦନ କରିଛନ୍ତି।

### ବିଷ ପିଇ ଦମ୍ପତିଙ୍କ ଆତ୍ମହତ୍ୟା
#### ପାରିବାରିକ କଳହର କରୁଣ ପରିଣତି

**ଦିଗପହଣ୍ଡି,୧୧।୯(ଡି.ଏନ.ଏ.):** ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଅନ୍ତର୍ଗତ ପୋଡ଼ାମାରି ଗ୍ରାମ ଭଞ୍ଜ ସାହିରେ ଶୁକ୍ରବାର ବିଳମ୍ବିତ ରାତିରେ ପାରିବାରିକ କଳହରୁ ଦମ୍ପତି ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ ଭଞ୍ଜ ସାହିର ସନ୍ତୋଷ ଗୌଡ଼ ଏବଂ ତାଙ୍କ ସ୍ତ୍ରୀ ନୟନୀ। ଶନିବାର ପାଟପୁର ପୋଲିସ ପହଞ୍ଚି ମୃତଦେହ ୨ଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ (ନଂ.୧୩/୨୧) ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସନ୍ତୋଷ ଓ ନୟନୀଙ୍କ ପ୍ରାୟ ୧୫ ବର୍ଷ ପୂର୍ବେ ବିବାହ ହୋଇଥିଲା। ସେମାନଙ୍କ କୌଣସି ସନ୍ତାନ ନ ଥିଲେ। ସ୍ୱାମୀ ଓ ସ୍ତ୍ରୀ ଘରେ ଏକୁଟିଆ ରହୁଥିଲେ। କୌଣସି କାରଣକୁ ନେଇ କିଛି ଦିନ ହେଲା ଉଭୟଙ୍କ ମଧରେ ଝଗଡ଼ା ଲାଗି ରହୁଥିଲା। ଶୁକ୍ରବାର ମଧ ଝଗଡ଼ା ହୋଇଥିଲା। ଏଥିପାଇଁ ବିଳମ୍ବିତ ରାତିରେ ଉଭୟେ ବିଷ ପିଇ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ। ନିଷ୍ପତ୍ତି ପ୍ରକାରେ ଉଭୟେ ବିଷ ପିଇ ଦେଇଥିଲେ। ସନ୍ତୋଷଙ୍କ ଘରେ ମୃତ୍ୟୁ ଘଟିଥିଲା। ସ୍ତ୍ରୀ ନୟନୀ ବିଷ ଜ୍ୱାଳା ସହି ନ ପାରି ପାଟି କରିବାରୁ ପଡ଼ୋଶୀ ଲୋକେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ମୁମ୍ବାଇରେ ନିର୍ଭୟା ଘଟଣାର ପୁନରାବୃତ୍ତି !




## ଗାଁ ଦାଣ୍ଡରେ ବାପାଙ୍କୁ ଗୋଡ଼ାଇ ହାଣିଲେ ପୁଅ

**ରେଢ଼ାଖୋଲ,୧୧।୯(ଡି.ଏନ.ଏ.)** ସାମାନ୍ୟ କଳିକୁ ନେଇ ଗାଁ ଦାଣ୍ଡରେ ବାପାଙ୍କୁ ଗୋଡାଇ ହାଣିଛନ୍ତି ପୁଅ। ଘଟଣାସ୍ଥଳରେ ହିଁ ବାପା ଶୁକ୍ରୁ ମିର୍ଦ୍ଧା (୫୫)ଙ୍କ ମୃତ୍ୟୁ ଘଟିଛି। ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ବୁର୍ଡା ପଞ୍ଚାୟତର ଆମ୍ବଝରୀ ଗ୍ରାମରେ ଶନିବାର ଏଭଳି ଅଭାବନୀୟ ଘଟଣା ଘଟିଛି। ରେଢାଖୋଲ ପୋଲିସ ଗ୍ରାମରେ ପହଞ୍ଚି ଅଭିଯୁକ୍ତ ପୁଅ ଟଙ୍କଧର ମିର୍ଦ୍ଧା (୨୦)ଙ୍କୁ ଧରି ଥାନାକୁ ଆଣିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ସନ୍ଧ୍ୟା ପ୍ରାୟ ୭ଟା ସୁଦ୍ଧା ମୃତଦେହ ଗାଁ ଦାଣ୍ଡରେ ପଡିରହିଥିବା ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ ଶନିବାର ଆମ୍ବଝରୀ ଗ୍ରାମର ଶୁକ୍ରୁ ଓ ପୁଅ ଟଙ୍କଧରଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡା ଲାଗିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଟଙ୍କଧର ବାପା ଶୁକ୍ରୁଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ।

## ୫ ବର୍ଷ ହେଲା ଆଳୁଚାଷ କମୁଛି

**ଭୁବନେଶ୍ୱର, ୧୧।୯(ବ୍ୟୁରୋ)**

- ୨୦୧୬ରୁ ଏପର୍ଯ୍ୟନ୍ତ ରାଜ୍ୟରେ ହୋଇଛି ମୋଟ ୨୪ ଶୀତଳ ଭଣ୍ଡାର
- ୧୩୧ରୁ ୪୯ ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ରହିଛି

ରାଜ୍ୟକୁ ଆଳୁ ଉତ୍ପାଦନରେ ସ୍ୱାବଲମ୍ବୀ କରିବାରେ ସରକାର ସମ୍ପୂର୍ଣ୍ଣ ଫେଲ୍ ମାରିଛନ୍ତି। ଚାଷୀମାନଙ୍କୁ ଆଳୁ ଚାଷ ପାଇଁ ପ୍ରୋତ୍ସାହିତ କରିବା ଏବଂ ଉଦ୍ୟୋଗୀମାନଙ୍କୁ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ସହାୟତା ଯୋଗାଇବା ଲକ୍ଷ୍ୟରେ ରାଜ୍ୟ ସରକାର ୨୦୧୫ ଏପ୍ରିଲ ୩୦ରେ ଆଳୁ ମିଶନ ପ୍ରତିଷ୍ଠା କରିଥିଲେ। ଇତିମଧ୍ୟରେ ୬ ବର୍ଷରୁ ଅଧିକ ଦିନ ବିତିଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏପରି କି ରାଜ୍ୟରେ ଆଳୁଚାଷ ଦିନକୁ ଦିନ ହ୍ରାସ ପାଉଥିବା କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ ସ୍ୱୀକାର କରିଛନ୍ତି।

ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲ ବିଧାନସଭାରେ ଏକ ପ୍ରଶ୍ନ ଜରିଆରେ ପଚାରିଥିଲେ ଯେ, ୨୦୧୫ରେ ଆରମ୍ଭ ହୋଇଥିବା ଆଳୁ ମିଶନର ଲକ୍ଷ୍ୟ କ'ଣ ଥିଲା ଏବଂ ବର୍ତ୍ତମାନ ଆଳୁ ରଖିବା ଓ ବଜାରରେ ଅଭାବ ପ୍ରତି ସରକାରଙ୍କ ପଦକ୍ଷେପ କ'ଣ ରହିଛି। ଏହାର ଉତ୍ତରରେ ମନ୍ତ୍ରୀ ସାହୁ କହିଛନ୍ତି, ରାଜ୍ୟକୁ ଆଳୁ ଉତ୍ପାଦନରେ ସ୍ୱାବଲମ୍ବୀ କରିବା, ଚାଷୀଙ୍କୁ ଏଥିପାଇଁ ପ୍ରୋତ୍ସାହିତ କରିବା, ଉଦ୍ୟୋଗୀମାନଙ୍କୁ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ସହାୟତା ଯୋଗାଇବା ଲକ୍ଷ୍ୟରେ ଆଳୁ ମିଶନ ପ୍ରତିଷ୍ଠା ହୋଇଥିଲା। ଏବେ ଆଳୁ ଚାଷ ହ୍ରାସ ପାଉଥିବା ବେଳେ ଏହାକୁ ବୃଦ୍ଧି କରିବା ପାଇଁ ପଦକ୍ଷେପ ନିଆଯାଉଛି। ସେହିପରି ୨୦୧୬-୧୭ରେ ୨୫,୧୮୫ ହେକ୍ଟର ଚାଷ ଜମିରେ ୩.୦୨ ଲକ୍ଷ ମେଟ୍ରିକ ଟନ୍, ୨୦୧୭-୧୮ରେ ୨୫,୦୯୦ ହେକ୍ଟର ଚାଷ ଜମିରେ ୨.୯୮ ଲକ୍ଷ ମେଟ୍ରିକ ଟନ୍, ୨୦୧୮-୧୯ରେ ୨୪,୬୮୭ ହେକ୍ଟର ଜମିରେ ୨.୯୦ ଲକ୍ଷ ମେଟ୍ରିକ ଟନ ଏବଂ ୨୦୧୯-୨୦ରେ ୨୪,୭୧୪ ହେକ୍ଟର ଚାଷ ଜମିରେ ୨.୯୪ ଲକ୍ଷ ମେଟ୍ରିକ ଟନ୍ ଆଳୁ ଉତ୍ପାଦନ ହୋଇଥିଲା। ୨୦୨୦-୨୧ ବର୍ଷରେ ଗତ ୫ ବର୍ଷ ତୁଳନାରେ ଅଧିକ ଜମିରେ ଅର୍ଥାତ୍ ୨୬ ହଜାର ହେକ୍ଟର ଚାଷ ଜମିରେ ଆଳୁ ଉତ୍ପାଦନ କରାଯାଇଛି। କିନ୍ତୁ ୩.୦୯ ଲକ୍ଷ ମେଟ୍ରିକ ଟନ୍ ଆଳୁ ଉତ୍ପାଦନ ହୋଇପାରିଛି।

ଅନ୍ୟପକ୍ଷରେ ରାଜ୍ୟରେ ୧୩୧ ଶୀତଳଭଣ୍ଡାର ମଧ୍ୟରୁ ଏବେ ମୋଟ ୪୯ଟି କାର୍ଯ୍ୟକ୍ଷମ ଅଛି। ୨୦୧୫ରୁ ଏଯାବତ୍ ୨୪ ଜଣ ଉଦ୍ୟୋଗୀ ଶୀତଳଭଣ୍ଡାର ନିର୍ମାଣ କରିଛନ୍ତି। ସେହି ଉଦ୍ୟୋଗୀମାନଙ୍କୁ କୃଷି ଉଦ୍ୟାନ ବିଭାଗ ତରଫରୁ ୪୯୪୪.୪୦ ଲକ୍ଷ ଟଙ୍କାର ରିହାତି ଆକାରରେ ଟଙ୍କା ପ୍ରଦାନ କରାଯାଇଛି। ଉକ୍ତ ୨୪ଟି ଶୀତଳ ଭଣ୍ଡାରରରେ ସଂରକ୍ଷଣ କ୍ଷମତା ୧,୧୦,୬୦୦ ମେଟ୍ରିକ ଟନ୍। ସୂଚନାଯୋଗ୍ୟ ଯେ, ରାଜ୍ୟରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ଲାଗି ଜାତୀୟ ଉଦ୍ୟାନ ମିଶନରୁ ସାଧାରଣ ଅଞ୍ଚଳ ଲାଗି ୩୫ ପ୍ରତିଶତ ବା ସର୍ବାଧିକ ୧୪୦.୦ ଲକ୍ଷ ଟଙ୍କା ଓ ଅନୁସୂଚିତ ଅଞ୍ଚଳ ପାଇଁ ୫୦ ପ୍ରତିଶତ ସର୍ବାଧିକ ୨୦୦.୦୦ ଲକ୍ଷ ଟଙ୍କା ରିହାତି ପ୍ରଦାନ କରାଯାଉଛି। ଖାଦ୍ୟ ପ୍ରକ୍ରିୟାକରଣ ଓ ଶୀତଳ ଭଣ୍ଡାର କ୍ଷେତ୍ରରେ ଘରୋଇ ପୁଞ୍ଜିନିବେଶ ନିମନ୍ତେ ସରକାର ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୧୩, ଓଡିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୧୬ ଏବଂ ଶିଳ୍ପନୀତି ନିର୍ଦ୍ଧାରଣ-୨୦୧୫ ପ୍ରଣୟନ କରିଥିବା ମନ୍ତ୍ରୀ ସାହୁ ଆଉ ଏକ ପ୍ରଶ୍ନର ଉତ୍ତରରେ ଦର୍ଶାଇଛନ୍ତି। ସରକାର ଏତେସବୁ ସୁବିଧା ଯୋଗାଇବା ସତ୍ତ୍ୱେ ଗତ ୫ ବର୍ଷରେ ୨୪ଟି ଶୀତଳଭଣ୍ଡାର ରାଜ୍ୟରେ ପ୍ରତିଷ୍ଠା ହେବାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

## ଚନ୍ଦକା ହାତୀ ବେକରେ ଲାଗିବ ରେଡିଓ କଲାର

**ଭୁବନେଶ୍ୱର, ୧୧।୯ (ବ୍ୟୁରୋ)**

ସାଟେଲାଇଟ୍ ଜରିଆରେ ନଜର ରଖିବ ବନ ବିଭାଗ





- ତାଲିକାରେ 'ରାମୁ', ବାହୁବଳୀ' ଓ ଗୋଟିଏ ମାଖନା ରହିଛି
- ସ୍ଥିତି ଅନୁଧାନ ପାଇଁ ଆଜି ଆସିବ ବିଶେଷଜ୍ଞ ଟିମ୍
- ଏଥିରେ ସହଯୋଗ କରିବ ହାତୀ ଯଶୋଦା

ଚନ୍ଦକା ବନଖଣ୍ଡରେ ଥିବା ହାତୀଙ୍କ ବେକରେ ରେଡିଓ କଲାର ଲାଗିବ। ଏହାଦ୍ୱାରା ସାଟେଲାଇଟ ଜରିଆରେ ସେମାନଙ୍କ ଗତିବିଧି ଉପରେ ନଜର ରଖିବ ବନ ବିଭାଗ। ଚନ୍ଦକା ବନଖଣ୍ଡ ଅଞ୍ଚଳରେ କିଛି ହାତୀ ବାରମ୍ବାର ଭୁବନେଶ୍ୱର ଓ ଆଖପାଖ ଜନବସତିକୁ ପଶିଯାଇ ଉପଦ୍ରବ କରୁଥିବାରୁ ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ମଧ ଶେଷ ହୋଇସାରିଲାଣି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଚନ୍ଦକା ବନଖଣ୍ଡର ଦୁଇଟି ଦନ୍ତା 'ରାମୁ' ଓ 'ବାହୁ ବଳୀ' ଏବଂ ଗୋଟିଏ ମାଖନା ଦେହରେ ରେଡିଓ କଲାର ପିନ୍ଧାଯିବ। ରବିବାର ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ସେଣ୍ଟର ଫର୍ ଇକୋଲୋଜିର ପ୍ରଫେସର ଡ. ରମଣ ସୁକୁମାର ଓ ତାଙ୍କ ଟିମ ଭୁବନେଶ୍ୱରରେ ପହଞ୍ଚି ସବିଶେଷ ସ୍ଥିତି ଅନୁଧାନ କରିବେ। ଆସନ୍ତା ୧୩ରୁ ୧୯ ତାରିଖ ମଧରେ ହାତୀଙ୍କୁ ରେଡିଓ କଲାର କରିବା ପାଇଁ ବନ୍ଦୋବସ୍ତ କରାଯାଇଛି। ଏହି କାର୍ଯ୍ୟରେ ଗୋଡିବାରିରେ ଥିବା କୁମକି ହାତୀ ଯଶୋଦାକୁ ନିୟୋଜିତ କରାଯିବ। ଇତିମଧରେ ତାକୁ ଭରତପୁର ଅଣାଯାଇଛି। ଏହି ହାତୀ ପିଠିରେ ବସି ବିଶେଷଜ୍ଞମାନେ ଭରତପୁରର ତାଲିକାଭୁକ୍ତ ହାତୀଙ୍କୁ ଟ୍ରାଙ୍କୁଲାଇଜ୍ କରିବେ। ତା'ପରେ ହାତୀଙ୍କ ବେକରେ ରେଡିଓ କଲାର ବନ୍ଧା ଯିବ। ଓୟୁଏଟିର ଭେଟେରିନାରୀ କଲେଜ ସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର ଡ. ଇନ୍ଦ୍ରମଣି ନାଥ ମଧ ଏହି ଟିମ୍‌ରେ ସାମିଲ ରହି ସହଯୋଗ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଅନେକ ସମୟରେ ଭରତପୁର ଜଙ୍ଗଲରେ ଥିବା ମାଖନା ନନ୍ଦନକାନନ ପାଚେରି ଭାଙ୍ଗି ପଶୁଛି। ସେହିଭଳି ଚୂନକୋଳି, ସମେଇଗାଡ଼ିଆ, ପଥର ଗାଡ଼ିଆ, ଅନ୍ଧାରୁଆ ଆଦି ଅଞ୍ଚଳରେ ହାତୀ ଅନେକ ସମୟରେ ବସ୍ତି ଭିତରେ ପଶି ଉପଦ୍ରବ କରୁଛନ୍ତି। କିଛିବର୍ଷ ତଳେ ଭରତପୁରରେ ଜଣେ ବୃଦ୍ଧାଙ୍କୁ ହାତୀ ପାଦରେ ଦଳି ମାରି ଦେଇଥିଲା। ତେଣୁ ଅନେକ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସହିତ ଚନ୍ଦକା ବନଖଣ୍ଡ କର୍ମଚାରୀ ମଧ ଲୋକଙ୍କ ଆକ୍ରୋଶର ଶିକାର ହେଉଥିଲେ। ସେଥିପାଇଁ ଚନ୍ଦକା ବନଖଣ୍ଡ ହାତୀଙ୍କର ଚଳପ୍ରଚଳ ତଥା ଗତିବିଧି ଉପରେ ରେଡିଓ କଲାର ଜରିଆରେ ନଜର ରଖିବା ସହିତ, ଲୋକମାନଙ୍କୁ ମଧ ଆଗୁଆ ସତର୍କ କରେଇ। ବ୍ୟବସ୍ଥା କରିବ। ସେହି ପରିପ୍ରେକ୍ଷୀରେ ଭୁବନେଶ୍ୱରରେ ହାତୀମାନଙ୍କର ରେଡିଓ କଲାର ବ୍ୟବସ୍ଥା ନିଶ୍ଚୟ ସ୍ୱାଗତଯୋଗ୍ୟ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହୁଛନ୍ତି।

ଭୁବନେଶ୍ୱରରେ ରେଡିଓ କଲାର ସଫଳ ହେଲେ, ରାଜ୍ୟର ଅନ୍ୟ ଯେଉଁ ବନଖଣ୍ଡରେ ହାତୀ ଉପଦ୍ର ଅଧିକ ରହିଛି ସେ ଅଞ୍ଚଳରେ ମଧ ହାତୀଙ୍କ ବେକରେ ରେଡିଓ କଲାର ଲଗାଯିବ। ଭୁବନେଶ୍ୱର ପରେ ସୁନ୍ଦରଗଡ଼ ବନଖଣ୍ଡରେ ଏହି କାର୍ଯ୍ୟକ୍ରମ କରାଯିବା ପାଇଁ ବ୍ୟବସ୍ଥା ହେଉଛି ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ଭୂପେଶ

**ଗଞ୍ଜାମ,୧୧।୯(ଡି.ଏନ.ଏ.)**

ଗଞ୍ଜାମ ଜିଲା ପୁଇଁତୋଳା ଗ୍ରାମର ଭୂପେଶ କୁମାର ପଲାଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ୨୦୦ ବୈଷୟିକ ପ୍ରମାଣପତ୍ର ପାଇ ୨୦୨୧ ପାଇଁ ଇଣ୍ଡିଆ ବୁକ୍ ଅଫ ରେକର୍ଡସରେ ସ୍ଥାନ ପାଇଛନ୍ତି। ସାଇବର ଅପରାଧକୁ ରୋକିବା ପାଇଁ ସେ ଏକ ଆପ ମାଧ୍ୟମରେ ଲୋକଙ୍କୁ ସଚେତନ କରିଥିବାରୁ ଏହି ପ୍ରମାଣପତ୍ର ମିଳିଛି। ଭାରତୀୟ ସଶସ୍ତ୍ର ବାହିନୀର ଅବସରପ୍ରାପ୍ତ ସୈନିକ ଭୂପେଶ ହେଉଛନ୍ତି ଶ୍ରମିକ ନେତା ତଥା ଗଞ୍ଜାମ ଏନ୍‌ଏସି ପୂର୍ବତନ ଚେୟାରମ୍ୟାନ ବୃନ୍ଦାବନ ପଲାଇଙ୍କ ପୁଅ। ସେ ସାଇବର ସୁରକ୍ଷାରେ ପ୍ରାୟ ଦୁଇ ଦଶନ୍ଧିର ବିପୁଳ ଅଭିଜ୍ଞତା ସହିତ କାର୍ଯ୍ୟ କରିଥିଲେ। ବର୍ତ୍ତମାନ ଆଇଟି ସୁରକ୍ଷା ବୃତ୍ତିଗତ ଭାବରେ ଏକ କାର୍ଯ୍ୟକ୍ଷମ ଭୂମିକାରେ କର୍ପୋରେଟ୍ ଦୁନିଆରେ ପାଦ ରଖିଛନ୍ତି। ସେ ଓଡ଼ିଶାର ସାଇବର ସୁରକ୍ଷା କମ୍ପାନୀ ଏଏସିଏସଏଲର ସହ-ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ, ପାଲଟନ୍‌ର ରିଜିଓନାଲ ପାର୍ଟନେର ଏବଂ ଆମ ଦେଶରୁ ସମସ୍ତ ଅପରାଧକୁ ହଟାଇବା ପାଇଁ ଏକ ମିଶନ କ୍ରାଇମ୍ ଫ୍ରି ଭାରତ୍, ଏନଟିଆରଡିସିରେ ଏକଜିକ୍ୟୁଟିଭ୍ ଲିଡର ଭାବେ କାର୍ଯ୍ୟରତ। କୋଭିଡ୍ ମହାମାରୀ ସମୟରେ ସମସ୍ତେ



ଇଣ୍ଡିଆ ବୁକ ଅଫ ରେକର୍ଡସ ପାଇଥିବା ଭୂପେଶ।

### ଲୋକଙ୍କୁ ସଚେତନ କରିପାଇଲେ ୨୦୦ ବୈଷୟିକ ପ୍ରମାଣପତ୍ର

ସେ ଅନଲାଇନ୍ ପୋର୍ଟାଲ ମାଧ୍ୟମରେ ୨୦୦ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରମାଣପତ୍ର ହାସଲ କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ସୃଷ୍ଟି କରିଛନ୍ତି। ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ୨୦୦ ବୈଷୟିକ ପ୍ରମାଣପତ୍ର ପାଇଁ ଅଗଷ୍ଟ ୨୦୨୧ ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ଅଧୀନରେ ଏକ ରେକର୍ଡ ସୃଷ୍ଟି କରିଛନ୍ତି। ଅନ୍ୟପଟେ ଭୂପେଶଙ୍କ ଝିଅ ପ୍ରତିଭା ମଧ ଅଲିମ୍ପିଆଡରେ ୧୫ ଗୋଲ୍ଡ ମେଡାଲ ଓ ୩ ଥର ରୌପ୍ୟ ପଦକ ହାସଲ କରି ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିଥିଲେ।

## ଡ. ବିଭୂତି ପଟ୍ଟନାୟକଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ମାନ'

**ଭୁବନେଶ୍ୱର, ୧୧।୯(ବ୍ୟୁରୋ) :** ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ' ପକ୍ଷରୁ ଶନିବାର ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ଓ ଔପନ୍ୟାସିକ ଡ. ବିଭୂତି ପଟ୍ଟନାୟକଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଛି। ପୁରସ୍କାର ବାବଦରେ ୧ ଲକ୍ଷ ଟଙ୍କା, ଉତ୍ତରୀୟ ଓ ଉପଢୌକନ ପ୍ରଦାନ କରାଯାଇଛି। ସେହିପରି ବିଶିଷ୍ଟ କଥାକାର ଭୀମ ପୃଷ୍ଟିଙ୍କୁ ପ୍ରଥମ 'ବିଭୂତି ପଟ୍ଟନାୟକ ଉପନ୍ୟାସ ସମ୍ମାନ' ପ୍ରଦାନ କରାଯାଇଛି। ରୋଜାଲିନ ମହାନ୍ତି, ସଞ୍ଜୟ ପଣ୍ଡା ଓ ମାଧବାନନ୍ଦ ପାତ୍ରଙ୍କୁ 'କାଦମ୍ବିନୀ ନବଉନ୍ମେଷ ଗଳ୍ପ ସମ୍ମାନ', ଶିବ ସୁନ୍ଦର ରାଉତ, ଆଶିଷ ମିଶ୍ର, ସୁଭଦ୍ରା ପ୍ରିୟଦର୍ଶିନୀ ନାୟକଙ୍କୁ 'କାଦମ୍ବିନୀ ନବଉନ୍ମେଷ କବିତା ସମ୍ମାନ' ପ୍ରଦାନ କରାଯାଇଛି। ବିଶିଷ୍ଟ ଚିକିତ୍ସକ ଡା. ହରିଶ ଚୌଧୁରୀଙ୍କୁ 'କାଦମ୍ବିନୀ ସେବା ସମ୍ବର୍ଦ୍ଧନା' ପ୍ରଦାନ କରାଯିବା ସହ ପ୍ରାଚୀ ମହାପାତ୍ରଙ୍କୁ 'କାଦମ୍ବିନୀ ପ୍ରଚ୍ଛଦଶିଳ୍ପୀ ସମ୍ମାନ', ସଦାନନ୍ଦ ତ୍ରିପାଠୀଙ୍କୁ 'କାଦମ୍ବିନୀ ନବଉନ୍ମେଷ ଗଳ୍ପ ବିଚାରକ' ଓ ଡ. ଜୟନ୍ତୀ ରଥଙ୍କୁ 'କାଦମ୍ବିନୀ ନବଉନ୍ମେଷ କବିତା ବିଚାରକ' ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

## 'ସୀମା ସୁରକ୍ଷାରେ ରାଜ୍ୟ ସରକାର ଫେଲ'

**ଭୁବନେଶ୍ୱର,୧୧।୯(ବ୍ୟୁରୋ)**

ଓଡ଼ିଶାର ସୀମା ଅସୁରକ୍ଷିତ ହୋଇପଡ଼ିଛି। ଦକ୍ଷିଣ, ପଶ୍ଚିମ ଏବଂ ଉତ୍ତର ପୂର୍ବାଞ୍ଚଳ ସୀମାରେ ପଡ଼ୋଶୀ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ବିଭିନ୍ନ ସମୟରେ ପ୍ରବେଶ କରି ଓଡ଼ିଶାର ଅଞ୍ଚଳକୁ ନିଜ ଅକ୍ତିଆରକୁ ନେବା ପାଇଁ ଅପଚେଷ୍ଟା କରି ଆସୁଛନ୍ତି। ରାଜ୍ୟ ସରକାର ସୀମା ସୁରକ୍ଷା ଦିଗରେ ଉପଯୁକ୍ତ ପଦକ୍ଷେପ ନେଉନାହାନ୍ତି। ସୀମା ବିବାଦ ନେଇ ରାଜ୍ୟ ସରକାର କୋର୍ଟ କଚେରିରେ ନିଜର ତଥ୍ୟ ଦେଇ ନ ପାରିବା ଯୋଗୁ ଏଭଳି ପରିସ୍ଥିତ ଉପୁଜୁଥିବା ଭାଜପା ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର ଅଭିଯୋଗ କରିଛନ୍ତି।

ଶନିବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବକ୍ସିପାତ୍ର କହିଛନ୍ତି ଯେ, ଗତ ୨ ବର୍ଷ ଧରି ପଡ଼ୋଶୀ ରାଜ୍ୟ ଓଡ଼ିଶାର ଗଜପତି ଜିଲାର ମାଣିକପାଟଣା ଏବଂ ବାଲେଶ୍ୱରର ଉଦୟପୁର ଅଞ୍ଚଳରେ ଅନଧିକାର ପ୍ରବେଶ କରିଛନ୍ତି। ୭ ଦିନ ତଳେ ଗଜପତି ଜିଲାର

### ଆନ୍ଧ୍ର ମନ୍ତ୍ରୀଙ୍କ ଓଡ଼ିଶାରେ ଅନଧିକାର ପ୍ରବେଶ ପ୍ରସଙ୍ଗ

ରାଇଗଡ଼ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତର ମାଣିକପାଟଣା ଗ୍ରାମରେ ଆନ୍ଧ୍ର ସରକାର ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିଥିଲେ। ଜିଲା ପ୍ରଶାସନ ଗତ ୭ ତାରିଖରେ ଅଙ୍ଗନୱାଡି କେନ୍ଦ୍ରକୁ ସିଲ୍ କଲେ। ଆନ୍ଧ୍ର ସରକାରଙ୍କୁ ସହଯୋଗ କରୁଥିବା ସେହି ଗ୍ରାମର ଗୁରୁନାଥ ଶବରଙ୍କୁ ଗିରଫ କରାଗଲା। ଏହାର ପ୍ରତିବାଦରେ ସେପ୍ଟେମ୍ବର ୯ରେ ଆନ୍ଧ୍ର ମନ୍ତ୍ରୀ ଏସ୍.ଅପଲା ରାଜୁ ସାଙ୍ଗରେ ତହସିଲଦାର, ସବ୍‌କଲେକ୍ଟର, ଡିଏସ୍‌ପି ଏବଂ ୪ ପ୍ଲାଟୁନ ପୋଲିସ ନେଇ ମାଣିକପାଟଣାରେ ପହଞ୍ଚି ଦାଦାଗିରି କରିଥିଲେ। ଏନେଇ ରାଜ୍ୟ ସରକାରଙ୍କ ଗୋଇନ୍ଦା ବିଭାଗ ଫେଲ୍ ମାରିଛି । ସୀମା ବିବାଦକୁ ନେଇ ଓଡ଼ିଶା ମୁଖ୍ୟମନ୍ତ୍ରୀ ପଡ଼ୋଶୀ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ବିବାଦର ସମାଧାନ କରନ୍ତୁ ବୋଲି ବକ୍ସିପାତ୍ର ଦାବି କରିଛନ୍ତି।

## ପର୍ଯ୍ୟଟକଙ୍କ ଲାଗି ଆକର୍ଷଣୀୟ ହେବ ମହେନ୍ଦ୍ରଗିରି

**ଭୁବନେଶ୍ୱର(ବ୍ୟୁରୋ)/ଆର୍.ଉଦୟଗିରି/ ପାରଳାଖେମୁଣ୍ଡି(ଡି.ଏନ୍.ଏ.),୧୧।୯**

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶୁକ୍ରବାର ବ୍ରହ୍ମପୁରର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିବା ବେଳେ ଶନିବାର ଗଜପତି ଜିଲା ଗସ୍ତକରି ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଏବଂ ଜିଲାରେ ଥିବା ପର୍ଯ୍ୟଟନ ସମ୍ଭାବନାର କ୍ଷେତ୍ରସ୍ତରୀୟ ଅନୁଧାନ କରିଛନ୍ତି। ମହାପାତ୍ର ବ୍ରହ୍ମପୁରରୁ ପାରଳାଖେମୁଣ୍ଡି ରାସ୍ତାରେ ତୁମ୍ବା-ପୁରିଆ ସାହି-ବୁର୍‌ଖତ ଆଦି ସ୍ଥାନ ଦେଇ ମହେନ୍ଦ୍ରଗିରିର କୁନ୍ତୀ ମନ୍ଦିର, ଯୁଧିଷ୍ଠିର ମନ୍ଦିର ପରିଦର୍ଶନ କରିଛନ୍ତି। ସେ ମହେନ୍ଦ୍ରଗିରି ଶିଖର ଅଞ୍ଚଳରେ ପର୍ଯ୍ୟଟନ ବିକାଶର ସମ୍ଭାବନା ଅନୁଧାନ କରିଛନ୍ତି। ଏହିସବୁ ମନ୍ଦିର ଏବଂ ମହେନ୍ଦ୍ରଗିରିକୁ ପର୍ଯ୍ୟଟକଙ୍କ ନିମନ୍ତେ ଅଧିକ ଆକର୍ଷଣୀୟ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ମହେନ୍ଦ୍ରଗିରି ଜୈବ ଅଞ୍ଚଳର ଜୈବ ବିବିଧତା ବୃଦ୍ଧି କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ବିଷୟରେ ମଧ ଜଙ୍ଗଲ ବିଭାଗ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।


ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ମୁଖ୍ୟ ଶାସନ ସଚିବ।

ପର୍ଯ୍ୟଟକମାନଙ୍କ ନିମନ୍ତେ ବ୍ରହ୍ମପୁର ଓ ପାରଳାଖେମୁଣ୍ଡି ରାସ୍ତାକୁ ସଂଯୋଜିତ କରୁଥିବା ସ୍ଥାନ ବୁର୍‌ଖତଠାରେ ପର୍ଯ୍ୟଟକ ରହଣି କ୍ୟାମ୍ପ ଓ ସୁବିଧା କେନ୍ଦ୍ର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗସ୍ତ ଅବସରରେ ମୁଖ୍ୟ ଶାସନ ସଚିବ ଛେଲିଗଡ଼ ଜଳସେଚନ ପ୍ରକଳ୍ପ ଏବଂ ଖସଡ଼ା ଜଳପ୍ରପାତ ପର୍ଯ୍ୟଟନ ବିକାଶ ଆଦିର ସମୀକ୍ଷା କରିଥିଲେ। ସମୀକ୍ଷାରୁ ଜଣାପଡ଼ିଛି, ଇତିମଧରେ ଛେଳିଗଡ଼ ମଧମ ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଏହାର ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହୋଇଯିବ।

### ଗଜପତି ଜିଲାର ବିଭିନ୍ନ ପ୍ରକଳ୍ପ କାମ ସମୀକ୍ଷାକଲେ ମୁଖ୍ୟ ଶାସନ ସଚିବ

**ଖୁବ୍‌ଶୀଘ୍ର ଆରମ୍ଭ ହେବ ଛେଳିଗଡ଼ର କ୍ଷେତ୍ରସ୍ତରୀୟ କାମ**

ଏହି ପ୍ରକଳ୍ପ ଗଜପତି ଜିଲାର ୫୦୦ ହେକ୍ଟର ଏବଂ ଗଞ୍ଜାମ ଜିଲାର ପ୍ରାୟ ୬ ହଜାର ହେକ୍ଟର ଜମିକୁ ଜଳସେଚିତ କରିବ। ସମୀକ୍ଷା ପରେ ପରେ ଗଣମାଧମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି, ଗଜପତି ଜିଲାରେ ପ୍ରକୃତି ପର୍ଯ୍ୟଟନ ନିମନ୍ତେ ପର୍ଯ୍ୟାପ୍ତ ସମ୍ଭାବନା ରହିଛି। ମହେନ୍ଦ୍ରଗିରି ଓ ଚନ୍ଦ୍ରଗିରିକୁ ଓଡ଼ିଶା ପର୍ଯ୍ୟଟନ ସର୍କିଟ ସହ ସଂଯୋଜିତ କରିବା ଏବଂ ବ୍ରହ୍ମପୁରରୁ ତୁମ୍ବା ଓ ମହେନ୍ଦ୍ରଗିରି ଦେଇ ପାରଳାଖେମୁଣ୍ଡି ସିଧାସଳଖ ଯିବା ପାଇଁ ଥିବା ରାସ୍ତାର ବିକାଶ ନିମନ୍ତେ ଆବଶ୍ୟକ ପ୍ରକଳ୍ପ ପ୍ରସ୍ତୁତ ହେବ। ଏହା କରାଗଲେ ଗଜପତି ଜିଲାରେ ପ୍ରକୃତି ପର୍ଯ୍ୟଟନ ବିକାଶ ସହ ସ୍ଥାନୀୟ ବାସିନ୍ଦାଙ୍କ ରୋଜଗାର ପନ୍ଥା ବୃଦ୍ଧି ପାଇବ। ଏହି ଗସ୍ତ ସମୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଡି. ୱାପାଙ୍ଗ୍ ଆଓ ଏବଂ ଗଜପତିର ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ସମେତ ସମ୍ପୃକ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ତଥ୍ୟ ଉପସ୍ଥାପନ କରିଥିଲେ। ଏହାସହ ଆଦିବାସୀ ଅଞ୍ଚଳ ମୋହନା ବ୍ଲକ ଖସଡ଼ା ଏବଂ ଜିରାଙ୍ଗସ୍ଥିତ ବୁଦ୍ଧମନ୍ଦିର ଓ ଏହାର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ମଧ ହେବା ନେଇ ଆଶା କରାଯାଉଥିବା କେତେଜଣ ଅଧିକାରୀ ମତ ରଖିଛନ୍ତି।

## ଦୁର୍ଘଟଣାରେ ଚାଲିଗଲା ଛାତ୍ରୀଛାତ୍ରଙ୍କ ଜୀବନ

**ଫୁଲବାଣୀ ଅଫିସ, ୧୧।୯**

ଗଣେଶ ପୂଜା ପାଇଁ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖି ଘରକୁ ଫେରୁଥିବାବେଳେ କନ୍ଧମାଳ ଜିଲା ଫୁଲବାଣୀ-ଗୋଚ୍ଛାପଡା ରାସ୍ତା ପୁଟୁଡି ଛକରେ ଏକ ସଡ଼କ ଦୁର୍ଘଟଣାରେ ୨ ଛାତ୍ରୀଛାତ୍ରଙ୍କ ଜୀବନ ଯାଇଛି। ମୃତ ଛାତ୍ରୀଛାତ୍ର ହେଲେ ତୁଡିପାଜୁ ପଞ୍ଚାୟତ ବୁନ୍ଦାଲି ଗ୍ରାମର ଦୀପା କହଁର(୧୬) ଓ ଖଜୁରୀପଡା ବ୍ଲକ ଦୂତୀପଡ଼ା ପଞ୍ଚାୟତ ଜାମୁଝରୀ ଗ୍ରାମର ଆଶିଷ ଦିଗାଲ(୧୭)। ଉଭୟ ୧୦ମ ଶ୍ରେଣୀରେ ଭିନ୍ନ ସ୍କୁଲରେ ପଢୁଥିଲେ। ଶୁକ୍ରବାର ପୂଜା ଦେଖିବା ପାଇଁ ଆଶିଷ ତାଙ୍କର ଜଣେ ସାଙ୍ଗ ସହ ବୁନ୍ଦାଲି ଯାଇଥିଲେ। ସେଠାରେ ଦୀପାଙ୍କ ସହ ତାଙ୍କର ବନ୍ଧୁତା ଥିଲା। ଗ୍ରାମରେ ପୂଜା ଦେଖିବା ପରେ ରାତି ପ୍ରାୟ ୧୦ଟାରେ ବାଇକରେ ଆଶିଷ ଏବଂ ଦୀପା ଘରକୁ ଫେରୁଥିବାବେଳେ ପୁଟୁଡି ଛକ ରାସ୍ତା ପାର୍ଶ୍ୱରେ ଥିବା ଏକ ଖୁଣ୍ଟରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

ଈଶ୍ୱର ଏହି ବିଶ୍ୱକୁ ଏପରି ଭୟଙ୍କର ଭାବେ ପ୍ରହାର କରୁଛନ୍ତି ଅଟାକଟା ପରି ତାକୁ ଦଳୁଛନ୍ତି– କୁନ୍ଦୁଛନ୍ତି– ସର୍ବଦା ତାକୁ ରକ୍ତସ୍ନାତ କରୁଛନ୍ତି ଏବଂ ଅଗ୍ନିକୁଣ୍ଡର ଲେଲିହାନ ନାରକୀୟ ଉତ୍ତାପ ଭିତରକୁ ନିକ୍ଷେପ କରୁଛନ୍ତି। କାରଣ ଜନସାଧାରଣ ଏବେ ବି ରହିଛନ୍ତି କଠିନ ସ୍ଥୁଳ ଓ ମନ୍ଦ କଂଚାଧାତୁ ସଦୃଶ। ତାକୁ ଆଉ କୋଉ ଉପାୟରେ ବି ତରଳାଇ ଆକାର ଦେଇ ହୁଅନ୍ତା ନାହିଁ। –ଶ୍ରୀଅରବିନ୍ଦ

# ଆନ୍ଦୋଳନକୁ ଅଣଦେଖା



ଆକାର ପଟେଲ

ଚଳିତ ମାସ ଶେଷଆଡ଼କୁ, ଅର୍ଥାତ୍ ୨୭ ସେପ୍ଟେମ୍ବରରେ ସଂଯୁକ୍ତ କିଷାନ ମୋର୍ଚ୍ଚା କୃଷି ଆଇନଗୁଡ଼ିକ ପ୍ରତ୍ୟାହାର ଦାବିରେ ଭାରତ ବନ୍ଦ ଡାକରା ଦେଇଛି। ଗତ ବର୍ଷ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା ଓ ଏଯାବତ ଚାଲିଛି। କାହିଁକି ଏହା ଚାଲୁଛି ତାହାର ସବିଶେଷ ସମୀକ୍ଷା ବା ଅନୁଧ୍ୟାନ କରାଯିବା ଦରକାର। ଆନ୍ଦୋଳନରତ କୃଷକମାନେ କେନ୍ଦ୍ର ସରକାରଙ୍କୁ ୮ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରଥମ ଦାବି ହେଉଛି ; ନିୟନ୍ତ୍ରିତ ମଣ୍ଡି ବାହାରେ କୃଷିଜାତ ଉତ୍ପାଦର ଟିକସମୁକ୍ତ କାରବାର ପ୍ରତ୍ୟାହାର, କୃଷି କ୍ଷେତ୍ରରେ କର୍ପୋରେଟଗୁଡ଼ିକର ପ୍ରବେଶ ବନ୍ଦ କରିବା ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଗ୍ୟାରେଣ୍ଟି ଦେବା। ଦ୍ୱିତୀୟରେ, ଆଇନରେ ଥିବା ଚୁକ୍ତିଭିତ୍ତିକ କୃଷିକୁ ବାଦ୍ ଦେବା। ତୃତୀୟରେ ସଂଶୋଧିତ ଅତ୍ୟାବଶ୍ୟକ ସାମଗ୍ରୀ ଆଇନକୁ ପ୍ରତ୍ୟାହାର କରିବା, କୃଷିଜାତ ଉତ୍ପାଦର ଅତ୍ୟଧିକ ଗଚ୍ଛିତ ପ୍ରକ୍ରିୟାକୁ ଅପରାଧମୁକ୍ତ କରିବା। ଚତୁର୍ଥ ଦାବି ହେଉଛି ; ବିଦ୍ୟୁତ୍ ଅଧ୍ୟାଦେଶ, ୨୦୨୦ରେ ପ୍ରସ୍ତାବିତ ସଂଶୋଧନଗୁଡ଼ିକ ଦ୍ୱାରା ବିଦ୍ୟୁତ୍ ସବ୍‌ସିଡି ଶେଷ ହୋଇଯାଉଥିବାରୁ ଏହାକୁ ପ୍ରତ୍ୟାହାର କରିବା ଏବଂ ଏସବୁ ବଦଳରେ ନଗଦ ସବ୍‌ସିଡି ପ୍ରଦାନ କରିବା। ପଞ୍ଚମରେ, ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳ ଦରକୁ ଦୃଷ୍ଟିରେ ରଖି ପେଟ୍ରୋଲ ଓ ଡିଜେଲ ଉପରୁ ଟିକସ ହଟାଇବା। ଷଷ୍ଠରେ, ନଡ଼ାପୋଡ଼ିକୁ ଅପରାଧୀକରଣ କରୁଥିବା ଷ୍ଟ୍ର ପଲ୍ୟୁଶନ ଅର୍ଡିନାନ୍ସ ବା ନଡ଼ା ପ୍ରଦୂଷଣ ଅଧ୍ୟାଦେଶ ୨୦୨୦କୁ ରଦ୍ଦ କରିବା। ସପ୍ତମ ଦାବି ଥିଲା, ରାଜ୍ୟ ଅଧିକାର କ୍ଷେତ୍ର ଉପରେ କେନ୍ଦ୍ର ବୈଧାନିକ ହସ୍ତକ୍ଷେପ ବନ୍ଦ କରୁ ; କାରଣ କୃଷି ହେଉଛି ରାଜ୍ୟର ପ୍ରସଙ୍ଗ, କେନ୍ଦ୍ରର ନୁହେଁ। ଏବଂ ଶେଷରେ ଯେଉଁମାନେ ଭୀମାକୋରେଗାଁଓ ଘଟଣା ଓ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ପ୍ରତିବାଦରେ ଜେଲରେ ରହିଛନ୍ତି, ସେମାନଙ୍କୁ ନିଃସର୍ତ୍ତରେ ମୁକ୍ତ କରାଯାଉ।

ଗତ ବର୍ଷ ୩୦ ଡିସେମ୍ବରରେ ମୋଦି ସରକାର ବିଦ୍ୟୁତ୍ ଅଧ୍ୟାଦେଶ (ଦାବି ୪) ସଂଶୋଧନକୁ ହଟାଇ ନେବା ଏବଂ ନଡ଼ାପୋଡ଼ି ଜରିମାନା (ଦାବି ୬)ରୁ କୃଷକମାନଙ୍କୁ ମୁକ୍ତ କରିବା ଲାଗି ରାଜି ହୋଇଥିଲେ। ଚଳିତ ବର୍ଷ ଜାନୁୟାରୀ ୧୨ରେ ସୁପ୍ରିମକୋର୍ଟ କୃଷି ଆଇନଗୁଡ଼ିକର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ଏହି ସ୍ଥଗିତାଦେଶ କୃଷକଙ୍କ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଦାବି ଉପରେ ବ୍ୟାଖ୍ୟା କରିଥିଲା। ପରେ କୋର୍ଟ କୃଷକ ଓ ସରକାରଙ୍କ ମଧ୍ୟରେ ଆଲୋଚନା କରି ଏକ ସୁପାରିସ ସମ୍ବଳିତ ରିପୋର୍ଟ ଦାଖଲ କରିବା ଲାଗି ୪ ଜଣିଆ କମିଟି ଗଠନ କରିଥିଲେ। କମିଟିର ସଦସ୍ୟ ଭୂପିନ୍ଦର ସିଂ ମାନ୍ କୃଷକମାନଙ୍କ ସପକ୍ଷରେ ରହିଛନ୍ତି ବୋଲି କହି କମିଟିରୁ ଓହରିଗଲେ। ଅନ୍ୟ ତିନି ସଦସ୍ୟଙ୍କ ମଧ୍ୟରେ ଥିବା ଦୁଇ କୃଷି ଅର୍ଥନୀତିଜ୍ଞ ସରକାରଙ୍କ ସପକ୍ଷରେ ଲେଖିଥିଲେ। କୃଷକ ସଂଗଠନଗୁଡ଼ିକ ସରକାରଙ୍କୁ ସାକ୍ଷାତ କରିବା ପାଇଁ ମନା କରିଦେଇଥିଲେ ଓ ୬ ମାସ ପୂର୍ବେ ଅର୍ଥାତ୍ ମାର୍ଚ୍ଚରେ ଏକ ବନ୍ଦ ଲଫାପାରେ ସେମାନଙ୍କ ସୁପାରିସଗୁଡ଼ିକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ପ୍ରଦାନ କରିଥିଲେ। ଚଳିତ ବର୍ଷ ଜୁଲାଇ ୪ରେ ଖାଉଟି ବ୍ୟାପାର ମନ୍ତ୍ରୀ ପୀୟୂଷ ଗୋଏଲ ବ୍ୟବସାୟୀମାନଙ୍କ ପାଇଁ ମୁଗ ବ୍ୟତୀତ ସମସ୍ତ ଡାଲିର ଗଚ୍ଛିତ ସୀମା ଲାଗୁ କରିଥିଲେ। ଏଥିରେ ହୋଲ୍‌ସେଲ ପାଇଁ ୨୦୦ ଟନ୍ ଏବଂ ରିଟେଲ୍ ଲାଗି ୫ ଟନ୍ ସୀମା ଧାର୍ଯ୍ୟ କରାଯାଇଥିଲା। ମୂଲ୍ୟ ବୃଦ୍ଧି ହେଉଥିବାରୁ ଏହା କରାଯାଇଥିଲା ବୋଲି କୁହାଯାଇଥିଲେ ବି ଏହି ନିର୍ଦ୍ଧାରିତ ସୀମାରୁ ବୁଝାପଡୁଛି ଯେ, ସରକାର ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ହଟାଇବା ବିରୋଧରେ ଥିଲେ। ଅନ୍ୟପକ୍ଷରେ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଗଠିତ କମିଟିର ସଦସ୍ୟମାନେ ପ୍ରଦାନ କରିଥିବା ରିପୋର୍ଟ ଏଯାବତ ଫାଇଲ ଭିତରେ ପଡ଼ିରହିଛି, ଯାହାକୁ ନେଇ ଗତ ସପ୍ତାହରେ କମିଟିର ସଦସ୍ୟ ଅନୀଲ ଘନୱାତ ନିଜର ନୈରାଶ୍ୟ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ରିପୋର୍ଟ ପ୍ରକାଶ କରାଗଲା ପରେ ସୃଷ୍ଟି ହେବାକୁ ଥିବା ଆଇନଶୃଙ୍ଖଳା ପରିସ୍ଥିତି ଉପରେ ସରକାର ଏବଂ କୋର୍ଟଙ୍କୁ ବିଚାର କରିବାକୁ ପଡ଼ିବ। ଏଥିରୁ ସ୍ପଷ୍ଟ ହେଉଛି ଯେ, କମିଟି ତିନି କୃଷି ଆଇନ ପ୍ରତ୍ୟାହାର ସପକ୍ଷରେ ନାହାନ୍ତି। ଘନୱାତଙ୍କ ଅନୁଯାୟୀ ଏହି ଆଇନଗୁଡ଼ିକରେ ଅନେକ ତ୍ରୁଟି ରହିଛି, ଯେଉଁଥିରେ ସୁଧାର ଆଣିବା ଆବଶ୍ୟକ। କୃଷକମାନଙ୍କ ଦାବିଗୁଡ଼ିକର ଏହା ହିଁ ଏବକାର ସ୍ଥିତି ଯେଉଁଥିପାଇଁ ସେମାନେ ଏଯାବତ ଆନ୍ଦୋଳନ ଜାରି ରଖିଛନ୍ତି। ସେମାନଙ୍କ ଦାବିଗୁଡ଼ିକରୁ କେତେକ ପୂରଣ କରାଯାଇ ସାରିଲାଣି, କେତେକ ସ୍ଥଗିତ ରହିଛି। ଘଟଣାକ୍ରମରେ ସରକାର ଆଇନକୁ ପ୍ରତ୍ୟାହାର ନ କରି ଏକ ନିୟମ ବାଢ଼ିଥିଲେ। ଚଳିତ ବର୍ଷ ପ୍ରାରମ୍ଭରେ ସରକାର ଆଇନଗୁଡ଼ିକୁ କାର୍ଯ୍ୟକାରୀ ନ କରି ୧୮ ମାସ ସ୍ଥଗିତ ରଖିବାକୁ ଇଚ୍ଛୁକ ଥିଲେ। ଏଣୁ କୌଣସି କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଇ ନ ଥିବା ଆଇନଗୁଡ଼ିକୁ ପ୍ରତ୍ୟାହାର କରିବା ପାଇଁ ସରକାରଙ୍କୁ କିଏ ଅଟକାଉଛି ? ଜୁନ୍‌ରେ ଆତ୍ମନିର୍ଭର ଭାରତ ପ୍ୟାକେଜ୍‌ର ଏକ ଅଂଶ ଭାବେ ଆଇନଗୁଡ଼ିକୁ ଅଧ୍ୟାଦେଶ ଭାବେ ପାସ୍ କରାଗଲା। କୃଷି ଆଇନଗୁଡ଼ିକୁ ନେଇ ବିଶ୍ୱରେ ସବୁଠୁ ବଡ଼ ତଥା ଦୀର୍ଘ ଗଣ ଆନ୍ଦୋଳନ ଜାରି ରହିଥିବାବେଳେ ତାହାକୁ ସନ୍ଦେହଜନକ ଭାବେ ରାଜ୍ୟ ସଭାରେ ବିନା ପ୍ରତିରୋଧରେ ପାସ୍ କରାଗଲା। ଉକ୍ତ ଆନ୍ଦୋଳନରେ ପ୍ରାୟ ୬୦୦ କୃଷକଙ୍କ ମୃତ୍ୟୁ ଘଟିସାରିଲାଣି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଅନ୍ୟ କୌଣସି ଗୋଷ୍ଠୀ ମଧ୍ୟ କୃଷି ଆଇନ ଲାଗୁ କରାଯିବା ଲାଗି ଦାବି କରୁନାହାନ୍ତି। ଏହାବାଦ୍ ସରକାରଙ୍କ ଉପରେ ଏହି ଆଇନ କାର୍ଯ୍ୟକାରୀ କରିବା ପାଇଁ କୌଣସି ଚାପ ପଡୁନାହିଁ। ସରକାର କେବଳ ଆଇନଗୁଡ଼ିକୁ ଶୀତଳଭଣ୍ଡାରରେ ପକାଇ ଦେଇଛନ୍ତି ଓ କୃଷକ ଆନ୍ଦୋଳନକୁ ସମ୍ପୂର୍ଣ୍ଣ ଅଣଦେଖା କରୁଛନ୍ତି। ସେମାନେ ଥକିଯାଇ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ଏହାକୁ ଶେଷ କରନ୍ତୁ ବୋଲି ସରକାର ଆଶା କରୁଛନ୍ତି। ଏଭଳି ଘଟିବାର କୌଣସି ସଙ୍କେତ ଦେଖାଯାଉନାହିଁ, ବରଂ ଆଗକୁ ଭାରତ ବନ୍ଦ ଆସୁଛି। ଏଣୁ ଆଇନଗୁଡ଼ିକୁ ପ୍ରତ୍ୟାହାର ନ କରି କାହିଁକି ସରକାର ଆନ୍ଦୋଳନକୁ ଲମ୍ବିବାକୁ ଦେଉଛନ୍ତି।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 3 | | 6 | |
| 3 | 8 | | 5 | | | | | 9 |
| | | | | 9 | 1 | | | |
| 2 | | | | | 6 | 8 | | |
| 1 | 7 | 8 | | | | | | |
| | 6 | | 9 | | | 2 | | |
| | | 3 | | | 8 | | | |
| | | 4 | | 5 | | | | 7 |
| | 1 | | | 2 | | 6 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 3 | 1 | 7 | 6 | 8 | 4 | 5 |
| 8 | 5 | 7 | 9 | 3 | 4 | 6 | 2 | 1 |
| 6 | 4 | 1 | 5 | 2 | 8 | 9 | 7 | 3 |
| 5 | 6 | 8 | 7 | 4 | 2 | 3 | 1 | 9 |
| 3 | 7 | 9 | 8 | 6 | 1 | 4 | 5 | 2 |
| 4 | 1 | 2 | 3 | 9 | 5 | 7 | 8 | 6 |
| 7 | 8 | 6 | 2 | 5 | 9 | 1 | 3 | 4 |
| 9 | 3 | 5 | 4 | 1 | 7 | 2 | 6 | 8 |
| 1 | 2 | 4 | 6 | 8 | 3 | 5 | 9 | 7 |

ଗତକାଲିର ଉତ୍ତର

# ଅନ୍ଧାରି ଶାସନ ଓ ଗଣ ଦେଶାନ୍ତର



ଡ. ପ୍ରଫୁଲ୍ଲ କୁମାର ସାହୁ

ପୈତୃକ ଭୂମି ପ୍ରତି ପ୍ରତ୍ୟେକ ମଣିଷର ମମତା ଅମାପ। ତେଣୁ ପ୍ରବାସରେ ଥିଲେ ଜନ୍ମ ମାଟିକୁ ଫେରିବା ପାଇଁ ପ୍ରାଣ ବ୍ୟାକୁଳ ହୁଏ ପ୍ରତି ମୁହୂର୍ତ୍ତରେ। ମାତ୍ର ଯୁଦ୍ଧ, ଗୃହଯୁଦ୍ଧ, ସନ୍ତ୍ରାସ, ଗଣହତ୍ୟା, ସାଂପ୍ରଦାୟିକ ଦଙ୍ଗା ଇତ୍ୟାଦି କାରଣରୁ କିଛି ଲୋକଙ୍କୁ ଜନ୍ମ ମାଟିର ମୋହ ତୁଟାଇ ସବୁଦିନ ପାଇଁ ଆଶ୍ରୟ ନେବାକୁ ପଡ଼େ ବିଦେଶ ମାଟିରେ। ନିଜ ଦେଶ ଛାଡ଼ି ବିଦେଶରେ ଆଶ୍ରୟ ନେଇଥିବା ଏହି ଉଦ୍‌ବାସ୍ତୁମାନଙ୍କୁ କୁହାଯାଏ ଶରଣାର୍ଥୀ।

ବ୍ୟକ୍ତିର ନାଗରିକତା ହେଉଛି ତା'ର ଜାତୀୟତାର ପରିଚୟ। ମାତ୍ର ପୃଥିବୀର ବିଭିନ୍ନ ଦେଶରେ ଏମିତି ପ୍ରାୟ ପନ୍ଦର ନିୟୁତ ଲୋକ ଅଛନ୍ତି ; ଯାହାଙ୍କ ପାଖରେ ନା ଅଛି ନାଗରିକତା ନା ରାଷ୍ଟ୍ରୀୟତା। ଏହି ଠିକଣା ନ ଥିବା ଲୋକମାନେ ସର୍ବନିମ୍ନ ମାନବିକ ଅଧିକାର ତଥା ସବୁ ପ୍ରକାର ସୁବିଧାରୁ ବଞ୍ଚିତ ଏକ ବାସ୍ତୁହରା ବର୍ଗ। ଏମାନେ ନିଜ ଦେଶରେ ଶରଣାର୍ଥୀ ପରି ବଞ୍ଚନ୍ତି ଏବଂ ବିଦେଶକୁ ଚାଲିଗଲେ ସେଠାରେ ସେମାନଙ୍କୁ କୁହାଯାଏ ଅନୁପ୍ରବେଶକାରୀ। ଦେଶ ହେଉ କି ବିଦେଶ ହେଉ, ସବୁଠି ଏମାନେ ଅବାଞ୍ଛିତ। ବାବନା ଭୂତ ଭଳି ବଞ୍ଚୁଥିବା ଏହି ଅନାଗରିକଙ୍କ ସମସ୍ୟା ସମାଧାନ ଏବେ ବିଶ୍ୱ ସମୁଦାୟ ପାଇଁ ଏକ ଆହ୍ୱାନ।

ପୃଥିବୀର ପ୍ରତ୍ୟେକ ମଣିଷ ସ୍ୱାଧୀନ ଭାବରେ ଜନ୍ମ ଗ୍ରହଣ କରିଛି ଏବଂ ମର୍ଯ୍ୟାଦାର ସହ ବଞ୍ଚିବା ତା'ର ଜନ୍ମଗତ ଅଧିକାର। ଏଭଳି ବିଚାରଧାରା ଉପରେ ବିଶ୍ୱ ଗୁରୁତ୍ୱ ଦେଲା ମାନବବାଦୀ ଜୀବନବୋଧର ଅଭ୍ୟୁଦୟ ତଥା ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରତିଷ୍ଠା ପରେ। ମଣିଷର ପ୍ରାକୃତିକ ତଥା ଗଣତାନ୍ତ୍ରିକ ଅଧିକାରକୁ ନେଇ ପ୍ରକାଶ ପାଇଲା ଜାତିସଂଘର ଘୋଷଣାନାମା। କୁହାଗଲା ଜୀବନ ଧାରଣ ପାଇଁ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଆଦି ସର୍ବନିମ୍ନ ଆବଶ୍ୟକତା ପୂରଣ କରିବା ଯେମିତି ମଣିଷର ପ୍ରାକୃତିକ ଅଧିକାର, ସେମିତି ଦେଶରେ ରାଜନୈତିକ ବ୍ୟବସ୍ଥାରେ ଅଂଶ ଗ୍ରହଣ କରିବା, ସାମାଜିକ ନ୍ୟାୟରୁ ବଞ୍ଚିତ ନ ହେବା, ଅର୍ଥନୈତିକ ସ୍ତରରେ ଶୋଷିତ ନ ହେବା ଓ ନିଜର ଧାର୍ମିକ ଏବଂ ସାଂସ୍କୃତିକ ଜୀବନ ବଞ୍ଚିବାର ସୁଯୋଗ ପାଇବା ଇତ୍ୟାଦି ତା'ର ନାଗରିକ ଅଧିକାର। ମଣିଷକୁ ତା'ର ଏହି ଅଧିକାରରୁ ବଞ୍ଚିତ କରିବା ଅତ୍ୟନ୍ତ ଅନ୍ୟାୟ ଓ ଅମାନବିକ। ତୁର୍କୀର ବୋଦରସ ନିକଟସ୍ଥ ସାମୁଦ୍ରିକ ବେଳାଭୂମିରେ ଭାସିଆସି ଲାଗିଥିବା ଏକ ତିନି ବର୍ଷର କଅଁଳ ଶିଶୁର ଶବ ଦେଖି ଯେତେବେଳେ ବିଶ୍ୱ ବିବେକ ଦୋହଲି ଗଲା, ସେତେବେଳେ ମଣିଷର ନାଗରିକ ଅଧିକାରକୁ ନେଇ ଅଧିକ କ୍ରିୟାଶୀଳ ହୋଇ ଉଠିଲା ଜାତିସଂଘ। ବିସ୍ଥାପନ ସମସ୍ୟା ସମାଧାନ ପାଇଁ ଆରମ୍ଭ ହେଲା ଜୋରଦାର ପ୍ରୟାସ। ୨୦୨୪ ସୁଦ୍ଧା ରାଷ୍ଟ୍ରୀୟତା ବିହୀନ ଲୋକଙ୍କ ସମସ୍ୟା ସମାଧାନ ପାଇଁ ଧାର୍ଯ୍ୟ ହେଲା ଲକ୍ଷ୍ୟ। ମାତ୍ର ଜାତିସଂଘର ତତ୍ପରତା ସତ୍ତ୍ୱେ ଏଯାବତ୍ ବାହାରି ପାରୁନି ଶରଣାର୍ଥୀ ସମସ୍ୟାର ସ୍ଥାୟୀ ସମାଧାନର ସୂତ୍ର। କ୍ରମାଗତ ଭାବେ ବଢୁଛି ଆଫଗାନିସ୍ତାନ, ସିରିଆ, ସୁଦାନ ଓ ମ୍ୟାନ୍‌ମାର ଆଦି ରାଷ୍ଟ୍ରର ପ୍ରତାରିତ ଓ ବିତାଡ଼ିତଙ୍କ ସଂଖ୍ୟା। ଏମାନେ ନିଜ ଦେଶରୁ ବିସ୍ଥାପିତ ହୋଇ ଲକ୍ଷ ଲକ୍ଷ ସଂଖ୍ୟାରେ ପ୍ରବେଶ କରୁଛନ୍ତି ଅନ୍ୟ ଦେଶରେ। ଏଭଳି ସ୍ଥିତିରେ ଶରଣାର୍ଥୀ ସମସ୍ୟାକୁ ଆହୁରି ଗମ୍ଭୀର କରିଦେଇଛି ଆଫଗାନିସ୍ତାନ ଆତଙ୍କ। ବିଡ଼ମ୍ବନାର ବିଷୟ ସେଠାରୁ ଆମେରିକାର ସୁପରିକଳ୍ପିତ ସୈନ୍ୟ ଅପସାରଣ ପରେ ଇସ୍‌ଲାମୀୟ ମୌଳବାଦୀ ସଂଗଠନ ତାଲିବାନ ହାତକୁ ଚାଲିଯାଇଛି ଆଫଗାନିସ୍ତାନର ଭାଗ୍ୟ ଓ ଭବିଷ୍ୟତ। ତାଲିବାନୀ ଶାସନକୁ ଡରି ଦେଶ ଛାଡ଼ି ଚାଲିଯିବା ପାଇଁ ଲୋକଙ୍କ ଭିତରେ ଚାଲିଛି ପ୍ରାଣମୂର୍ଚ୍ଛା ପ୍ରୟାସ। ପ୍ରାଣ ବିକଳରେ ଦେଶ ଛାଡ଼ି ବିଦେଶକୁ ପଳାଉଥିବା ଏହି ଉଦ୍‌ବାସ୍ତୁମାନଙ୍କୁ ଆଶ୍ରୟ ଦେବାପାଇଁ ବିଶ୍ୱ ସମୁଦାୟକୁ ଅନୁରୋଧ କରିଛନ୍ତି ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ।

କୌଣସି ଦେଶ ପକ୍ଷରେ ଅଳ୍ପ କିଛି ଶରଣାର୍ଥୀଙ୍କୁ ଆଶ୍ରୟ ଦେବା ସହଜ ହୋଇପାରେ, ମାତ୍ର ଗଣ ଦେଶାନ୍ତର କାରଣରୁ ଇଂଲଣ୍ଡ, କାନାଡା, ଆମେରିକା, ଉଗାଣ୍ଡା, ବାଂଲାଦେଶ ଓ ଭାରତ ଭଳି ଅନେକ ଦେଶ ଏବେ ଶରଣାର୍ଥୀ ସମସ୍ୟାରେ ପୀଡ଼ିତ। ବିଶେଷ କରି ରୋହିଙ୍ଗ୍ୟା ଶରଣାର୍ଥୀ ସମସ୍ୟାକୁ କେନ୍ଦ୍ରକରି ଭାରତରେ ଏବେ ଦାନା ବାନ୍ଧୁଛି ରାଜନୈତିକ ବିବାଦ।

କେତେକ ଦେଶ ଗୋଷ୍ଠୀଗତ ବା ସାଂପ୍ରଦାୟିକ ଆଧାରରେ ନିର୍ଦ୍ଧାରଣ କରନ୍ତି ରାଷ୍ଟ୍ରୀୟତା। ଭେଦାଭେଦ ବିରୋଧୀ ଆନ୍ତର୍ଜାତିକ ଆଇନର ସମ୍ପୂର୍ଣ୍ଣ ପରିପନ୍ଥୀ। ଜାତିସଂଘର ଘୋଷଣାନାମା କହେ ବଂଶ, ଗୋଷ୍ଠୀ, ବର୍ଣ୍ଣ, ପୁରୁଷାନୁକ୍ରମିକତା ଓ ଜାତିଗତ ବା ଗୋଷ୍ଠୀଗତ ମୂଳ ଆଧାରରେ କାହାକୁ ନାଗରିକତାରୁ ବଞ୍ଚିତ କରିବା ଅନୁଚିତ। ଏହି ଆନ୍ତର୍ଜାତିକ ନିୟମ ଉଲ୍ଲଂଘନ ଫଳରେ ମ୍ୟାନ୍‌ମାରରେ ଖୁବ୍ ଦୟନୀୟ ହୋଇପଡ଼ିଛି ସଂଖ୍ୟାଲଘୁ ରୋହିଙ୍ଗ୍ୟା ମୁସଲମାନଙ୍କ ସ୍ଥିତି। ମ୍ୟାନ୍‌ମାରର ନୂତନ ନାଗରିକତା ଆଇନ(୧୯୮୨)ସଂଖ୍ୟାଲଘୁ ରୋହିଙ୍ଗ୍ୟାମାନଙ୍କ ନାଗରିକତାକୁ ବାରଣ କରିବା ଫଳରେ ସେମାନଙ୍କ ଅସନ୍ତୋଷକୁ ନେଇ ଦାନା ବାନ୍ଧିଲା ଆନ୍ଦୋଳନ। ତାକୁ ଦମନ କରିବା ପାଇଁ ସରକାର ଗ୍ରହଣ କଲେ ନିଷ୍ଠୁର ପଦକ୍ଷେପ। ରୋହିଙ୍ଗ୍ୟାଙ୍କ ଉପରେ ଚାଲିଲା ବଳାତ୍କାର, ହତ୍ୟା ଆଦି ନାନା ପ୍ରକାର ଅତ୍ୟାଚାର। ଶେଷରେ ତାହା ଗୋଷ୍ଠୀ ସଂଘର୍ଷର ରୂପ ନେଲା ଏବଂ ଏଥିରେ ପ୍ରାଣ ହରାଇଲେ ହଜାର ହଜାର ରୋହିଙ୍ଗ୍ୟା। ଅଗ୍ନି ସଂଯୋଗ କରି ଜାଳି ଦିଆଗଲା ସେମାନଙ୍କ ଘର। ନାଗରିକତା ହରାଇଥିବା ରୋହିଙ୍ଗ୍ୟାମାନେ ଶେଷରେ ବାସହରା ହୋଇ ପ୍ରାଣ ବିକଳରେ ଦେଶ ଛାଡ଼ି ପଳାଇଲେ ଏବଂ ଶରଣାର୍ଥୀ ଭାବେ ଆଶ୍ରୟ ନେଲେ ଭାରତ, ବାଂଲାଦେଶ ଓ ମାଲେସିଆ ଆଦି ଦେଶରେ। ଭାରତକୁ ପ୍ରବେଶ କରିଥିବା ପ୍ରାୟ ୪୦ ହଜାର ରୋହିଙ୍ଗ୍ୟା ଏବେ ରହିଛନ୍ତି ଜମ୍ମୁ, ଦିଲ୍ଲୀ, ଉତ୍ତରପ୍ରଦେଶ, ରାଜସ୍ଥାନ ଓ ଅନ୍ୟ କେତେକ ରାଜ୍ୟରେ।

ସେମାନଙ୍କ ଭିତରୁ କିଏ କୃଷି କ୍ଷେତ୍ରରେ ନିୟୋଜିତ ଅଛି ତ କିଏ କାମ କରୁଛି ନିର୍ମାଣ ଶ୍ରମିକ ଭାବରେ। ମାତ୍ର ମ୍ୟାନ୍‌ମାରରୁ ପଳାଇ ଆସିଥିବା ଏହି ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ଆଶ୍ରୟ ପ୍ରଶ୍ନକୁ ନେଇ ବିବାଦ ଉଠିଛି ଦେଶରେ। ମାନବିକତା ଦୃଷ୍ଟିରୁ ସେମାନଙ୍କୁ ଆଶ୍ରୟ ଦେବା ସପକ୍ଷରେ ଗୋଟିଏ ଗୋଷ୍ଠୀ ଯୁକ୍ତି କରୁଥିବା ବେଳେ, ଦେଶର ସୁରକ୍ଷାକୁ ଅଗ୍ରାଧିକାର ଦେଇ ସେମାନଙ୍କୁ ବିତାଡ଼ିତ କରିବାକୁ ଦାବି କରୁଛନ୍ତି ଆଉ ଗୋଟିଏ ଗୋଷ୍ଠୀ। ଏହି ପରିପ୍ରେକ୍ଷୀରେ ପ୍ରଶ୍ନ ଉଠୁଛି ୧୯୭୨ରେ ବାଂଲାଦେଶରୁ ଆସିଥିବା ଶରଣାର୍ଥୀଙ୍କୁ ଯେଉଁ ଦେଶ ବିନା ଦ୍ୱିଧାରେ ଆଶ୍ରୟ ଦେଇଥିଲା,ଏବେ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ବେଳକୁ ଏତେ କଠୋର କାହିଁକି ?

ଭାରତୀୟ ସଭ୍ୟତା ଓ ସଂସ୍କୃତି ଖୁବ୍ ପ୍ରାଚୀନ ହେଲେ ବି ଏଥିରେ ରହିଛି ଏକ ପ୍ରଗତିଶୀଳ ଦର୍ଶନ ଓ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ। ମଣିଷର ମର୍ଯ୍ୟାଦାଜନକ ବଞ୍ଚିବାର ଆବଶ୍ୟକତା ଉପରେ ଜାତିସଂଘ ଗୁରୁତ୍ୱ ଦେବାର ବହୁ ପୂର୍ବରୁ ସମଗ୍ର ବିଶ୍ୱକୁ ଭାରତ ଶୁଣେଇଥିଲା 'ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟ' ମନ୍ତ୍ର। ପରବର୍ତ୍ତୀ ସମୟରେ ଏହି ମାନବୀୟ ମୂଲ୍ୟବୋଧକୁ ଆଧାର କରି ପ୍ରସ୍ତୁତ ହେଲା ଆମ ସମ୍ବିଧାନ। ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ଭାବରେ ଏଠି ସବୁ ଧର୍ମ ଓ ଜାତିର ଲୋକଙ୍କୁ ମିଳିଲା ସମାନ ସୁବିଧା ଓ ସୁଯୋଗ। ଏହି କାରଣରୁ ବାଂଲାଦେଶ ଓ ପାକିସ୍ତାନ ଭଳି ମୁସଲିମ ରାଷ୍ଟ୍ରଠାରୁ ଭାରତରେ ରହୁଥିବା ମୁସଲମାନମାନେ ବେଶି ସୁରକ୍ଷିତ। ମୋଟ ଉପରେ ମାନବତା ହିଁ ଭାରତୀୟ ସଂସ୍କୃତିର ମୂଳକଥା ଏବଂ ତାକୁ ହିଁ ଅଗ୍ରାଧିକାର ଦେଇ ବାଂଲାଦେଶରୁ ପଳାଇ ଆସିଥିବା ଶରଣାର୍ଥୀଙ୍କୁ ଆଶ୍ରୟ ଦେଇଥିଲା ଭାରତ। ମାତ୍ର ତା'ର ପ୍ରତିବଦଳରେ ଦେଶ ପାଇଲା କ'ଣ ? ଶରଣାର୍ଥୀଙ୍କୁ ଆଶ୍ରୟ ଦେବା ଫଳରେ ଏଠାରେ ଖୋଲିଲା ଆତଙ୍କବାଦୀ ପ୍ରଶିକ୍ଷଣ ଶିବିର। ଆକ୍ରମଣର ଶିକାର ହେଲା ଆମ ସଂସଦ ଭବନ। ସନ୍ତ୍ରାସବାଦୀ ବର୍ବରତାରୁ ବାଦ୍ ପଡ଼ିଲେନି ଶିଶୁ ଓ ମହିଳା। ତେଣୁ ଦେଶର ସୁରକ୍ଷା ଦୃଷ୍ଟିରୁ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ପ୍ରତି କଠୋର ଆଭିମୁଖ୍ୟ ପୋଷଣ କରୁଛି ଦେଶ। କେବଳ ଭାରତ ନୁହେଁ, ଆତଙ୍କବାଦ ଭୟରେ ଏମାନଙ୍କୁ ଆଶ୍ରୟ ଦେବାକୁ ଚାହୁଁ ନାହାନ୍ତି ବିଶ୍ୱର କୌଣସି ଶାନ୍ତିପ୍ରିୟ ରାଷ୍ଟ୍ର।

ଆତଙ୍କବାଦୀ ସଂଗଠନଗୁଡ଼ିକର ମୂଳ ଚିନ୍ତାଧାରା ହେଉଛି ଧର୍ମଭିତ୍ତିକ ଇସ୍‌ଲାମିକ ରାଷ୍ଟ୍ର ଗଠନ। ଏହି ଲକ୍ଷ୍ୟ ହାସଲ ନିମନ୍ତେ ସେମାନଙ୍କ ଦୃଷ୍ଟିରେ ଯୁଦ୍ଧ ହେଉଛି ଜେହାଦ। ଯେଉଁମାନେ ଏ ପନ୍ଥାକୁ ଗ୍ରହଣ କରିବା ପାଇଁ ଅନିଚ୍ଛୁକ, ମୃତ୍ୟୁଦଣ୍ଡ ହିଁ ସେମାନଙ୍କ ପାଇଁ ଏକମାତ୍ର ବିକଳ୍ପ। ଏମାନେ ପ୍ରଗତିଶୀଳ ମୁସଲିମମାନଙ୍କୁ ମୁସଲମାନ ବୋଲି ମାନନ୍ତି ନାହିଁ କି ବିଶ୍ୱାସ ରଖନ୍ତି ନାହିଁ ବିଜ୍ଞାନ ଓ ଦର୍ଶନର ନିଷ୍କର୍ଷ ଉପରେ। ସମଗ୍ର ଦୁନିଆ ଆଗକୁ ବଢୁଥିବା ବେଳେ ଏମାନେ ଏବେ ସୁଦ୍ଧା ବନ୍ଧା ପଡ଼ିଛନ୍ତି ମଧ୍ୟଯୁଗୀୟ ବର୍ବରତା ପାଖରେ। ଏମାନଙ୍କ ତାଲିବାନୀ ଚିନ୍ତାଧାରା ଯୋଗୁ ମଳିନ ପଡ଼ିଯାଇଛି ସମଗ୍ର ମୁସଲମାନ ଜାତିର ଛବି। ସୁତରାଂ ବିଶ୍ୱବ୍ୟାପୀ ପୀଡ଼ିତ ମୁସଲିମମାନଙ୍କ ପାଇଁ ଉପୁଜିଥିବା ଆଶ୍ରୟ ସଙ୍କଟ ହେଉଛି ସନ୍ତ୍ରାସବାଦୀ ସଂଗଠନର ବିଶେଷ ଅବଦାନ।

ଅଧକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ,
ପଡ଼ିଆବେଡ଼ା, ମୟୂରଭଞ୍ଜ,
ମୋ:୯୪୩୮୮୫୫୦୮୮

# କଇଁଛ ବିଜ୍ଞାନୀ

ବ୍ୟକ୍ତିତ୍ୱ



ଡକ୍ଟର ଶୈଳେନ୍ଦ୍ର ସିଂ

କେବଳ ଭୂଭାଗରେ ବିଚରଣ କରୁଥିବା ପ୍ରାଣୀ ନୁହନ୍ତି, ଜଳଜ (ଆକ୍ୱାଟିକ୍) ପ୍ରାଣୀଙ୍କ ପ୍ରତି ଶିକାରୀଙ୍କ କ୍ରୂରଭାବ ସେମାନଙ୍କ ସଂଖ୍ୟା କମାଇ ଚାଲିଛି। ବିଶେଷକରି ମଧୁରଜଳରେ ବାସ କରୁଥିବା ଜଳଜ ଜୀବ କଇଁଛ, କୁମ୍ଭୀର ଓ ଡଲଫିନ୍ ବଂଶ ବିପଦରେ ପଡ଼ିଛି। ବେଆଇନ ବେପାର, ବାସସ୍ଥଳୀ ନଷ୍ଟ ଓ ମନୁଷ୍ୟ ସମ୍ବନ୍ଧୀୟ ଦ୍ୱନ୍ଦ୍ୱ (ହ୍ୟୁମାନ କନ୍‌ଫ୍ଲିକ୍ଟ) ଯୋଗୁ ଏହି ଜଳଚର ଜୀବନ ବହୁ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଡଲଫିନ୍ ଏବଂ ଓଧ ଜଳବିଦ୍ୟୁତ୍ ପ୍ରକଳ୍ପ ଦ୍ୱାରା ଘୋର ପ୍ରଭାବିତ। ଅସହନୀୟ ମାଛଧରିବା କାର୍ଯ୍ୟ ଦ୍ୱାରା ଉପରଲିଖିତ ପ୍ରାଣୀଙ୍କ ଜୀବନ ବିପଦରେ ପଡୁଛି। ଏ ବିଷୟରେ ଯେତେ ଆଲୋଚନା, ଅନୁଧ୍ୟାନ ଓ ସଚେତନତା ସୃଷ୍ଟି କରାଗଲେ ମଧ୍ୟ ଆଶାନୁରୂପ ଫଳ ମିଳିପାରୁ ନାହିଁ। ତେବେ ଏହି ଜଳଜୀବ ବିଶେଷକରି କଇଁଛ ଓ କୁମ୍ଭୀରଙ୍କ ସଂରକ୍ଷଣ ପାଇଁ ନିରନ୍ତର କାର୍ଯ୍ୟ କରୁଥିବା ଜୀବ ବିଜ୍ଞାନୀ ଡକ୍ଟର ଶୈଳେନ୍ଦ୍ର ସିଂ ଏବେ ବେହେଲର କଞ୍ଜରଭେଶନ ଆୱାର୍ଡ ବିଜେତା ହେବା ପରେ ଏଭଳି ପ୍ରସଙ୍ଗକୁ ନେଇ ଆଲୋଚନା ହେବା ସ୍ୱାଭାବିକ। ଉଲ୍ଲେଖଯୋଗ୍ୟ, କଇଁଛ ସଂରକ୍ଷଣ ଓ ଜୀବବିଜ୍ଞାନ କ୍ଷେତ୍ରରେ ଏହି ସମ୍ମାନକୁ 'ନୋବେଲ ପ୍ରାଇଜ୍' ସହ ସମାନ ଭାବେ ଦେଖାଯାଇଥାଏ। ୨୦୦୬ରେ ଏହି ପୁରସ୍କାର ପ୍ରତିଷ୍ଠା କରାଯାଇଥିଲା। ଆମେରିକାର ନ୍ୟୁୟର୍କସ୍ଥିତ ବ୍ରୋନ୍‌କ୍ସ ଜୁ'ର ପୂର୍ବତନ ସଂଗ୍ରହାଧ୍ୟକ୍ଷ ଜନ୍ ଏଲ୍. ବେହେଲରଙ୍କ ସ୍ମୃତିରେ ଏହି ସମ୍ମାନ ନାମିତ କରାଯାଇଛି। ବେହେଲର ଆୱାର୍ଡ କମିଟି ଏକ ବ୍ୟାପକ ଚୟନ ପ୍ରକ୍ରିୟା ଦେଇ ବିଜେତାଙ୍କୁ ବାଛିଥାଆନ୍ତି। ଚଳିତ ଥର ଶୈଳେନ୍ଦ୍ର ଏହି ସମ୍ମାନର ଅଧିକାରୀ ହୋଇଥିବାରୁ ତାଙ୍କ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ ଜଳଜୀବ କିଭଳି ସ୍ଥାନ ଅଧିକାର କରିଛନ୍ତି ସେ ବିଷୟରେ ପ୍ରାଣୀପ୍ରେମୀମାନେ ଜାଣିବାକୁ ନିଶ୍ଚିତ ଚାହିଁବେ।

ଭାରତ-ନେପାଳ ସୀମାନ୍ତ ଉତ୍ତରପ୍ରଦେଶର କାର୍ଟେର୍ନିଆଘାଟ ଅଭୟାରଣ୍ୟ ନିକଟବର୍ତ୍ତୀ ଏକ ଗ୍ରାମରେ ଶୈଳେନ୍ଦ୍ରଙ୍କ ଜନ୍ମ। ପିଲାଟି ବେଳୁ ମାଛ, ପ୍ରଜାପତି ଓ କଇଁଛ ଦେଖି ତାଙ୍କ ମନରେ ଏହିସବୁ ଜୀବ ପ୍ରତି ଅନେକ ଉତ୍ସୁକତା ଥିଲା। ସେ କହନ୍ତି, ତାଙ୍କର 'ଟମ୍' ଓ 'ଟିଙ୍କି' ନାମରେ ଦୁଇଟି ଇଣ୍ଡିଆନ୍ ରୁଫ୍‌ଡ୍ ଟର୍ଟଲ ଥିଲା। ଏଗୁଡ଼ିକୁ ପୋଷା ଭାବେ ରଖିବା ନିୟମ ବିରୁଦ୍ଧ ଜାଣିବା ପରେ ସେହି କଇଁଛକୁ ଛାଡ଼ି ଦେଇଥିଲେ। ହେଲେ ମନ ମଧ୍ୟରେ ସେହି ଜୀବ ବିଷୟରେ ଅଧିକ ଜାଣିବା ସକାଶେ ଆଗ୍ରହ ଥିଲା। ଏପରି କି ସେ ବାରମ୍ବାର ଜୀବଗୁଡ଼ିକର ବାସସ୍ଥଳୀକୁ ଯାଇ ବିଭିନ୍ନ ବିଷୟରେ ଅନୁଧ୍ୟାନ କରୁଥିଲେ। ପିଲାଦିନର ସେହି ଆଗ୍ରହ ତାଙ୍କୁ ଉକ୍ତ ଜୀବଗୁଡ଼ିକୁ ପାଠପଢ଼ା ବିଷୟବସ୍ତୁରେ ରଖିବେ ବୋଲି ମନସ୍ଥ କରିଥିଲେ। ପରେ ସେ ଘଡ଼ିଆଳ କୁମ୍ଭୀର ବିଷୟ ରଖି ସ୍ନାତକୋତ୍ତର କରିଥିଲେ ଓ ପିଏଚ୍‌ଡି ରେଡ୍-କ୍ରାଉନ୍‌ଡ ରୁଫ୍‌ଡ୍ ଟର୍ଟଲ ଉପରେ ପର୍ଯ୍ୟବସିତ ଥିଲା। ଶୈଳେନ୍ଦ୍ର କଲେଜ ପଢ଼ା ସାରିବା ମାତ୍ରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ରେ ଟ୍ରେନି ଅଫିସର ଭାବେ ଯୋଗ ଦେଇଥିଲେ। କିନ୍ତୁ ଆଗ୍ରହ ତାଙ୍କୁ ସେହି ଜଳଜୀବ ଆଡ଼କୁ ଟାଣି ନେଉଥିବା ଅନୁଭବ କରିବା ପରେ ଚାକିରି ଛାଡ଼ି ଗବେଷଣାରେ ଲାଗିପଡ଼ିଥିଲେ। ଏବେ ସେ ଭାରତର ମଧୁରଜଳରେ ଥିବା କଇଁଛ ଓ କୁମ୍ଭୀରଙ୍କ ଉଦ୍ଧାର ଓ ସୁରକ୍ଷା ଦିଗରେ ଅଭିଯାନ ଜାରି ରଖିଛନ୍ତି। ବନ୍ୟପ୍ରାଣୀ ସଂରକ୍ଷଣ ସମିତି (ଡବ୍ଲ୍ୟୁସିଏସ୍) ଓ ଟର୍ଟଲ ସର୍ଭାଇଭାଲ ଆଲିଆନ୍ସ (ଟିଏସ୍ଏ) ସହ ନିଜକୁ ଜଡ଼ିତ କରିଛନ୍ତି। ଡବ୍ଲ୍ୟୁସିଏସ୍ ମାଧ୍ୟମରେ ୧୬୭ ସଂରକ୍ଷଣ, ଗବେଷଣା ଓ ଶିକ୍ଷାଗତ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି। ଭାରତରେ ଅନେକ ହଜାର କଇଁଛ ନିୟମିତ ଭାବେ ବାହାରକୁ ଚାଲାଣ ହେବା ଦ୍ୱାରା ସେମାନଙ୍କ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ଦେଶରେ ପ୍ରଶିକ୍ଷିତ ମାନବ ସମ୍ବଳର ଅଭାବ ଥିବାରୁ ଏହା କେତେକ ଆହ୍ୱାନର ସମ୍ମୁଖୀନ ହୋଇଛି ବୋଲି ଶୈଳେନ୍ଦ୍ର କହିଥାନ୍ତି। ସଂରକ୍ଷଣ ପାଇଁ କରାଯାଇଥିବା ପ୍ରକଳ୍ପ ଲାଗି ସରକାର ଅର୍ଥ ଖର୍ଚ୍ଚ କରୁଥିଲେ ମଧ ଏହାର ଗତି କଚ୍ଛପ ଭଳି ରହିଯାଉଛି। ତଥାପି ଶୈଳେନ୍ଦ୍ର ଆଶାବାଦୀ ଯେ, କଇଁଛଙ୍କ ସଂରକ୍ଷଣ ଓ ବାସସ୍ଥଳୀକୁ ଯଥାସମ୍ଭବ ସୁରକ୍ଷିତ ରଖିବାରେ ତାଙ୍କ କୌଶଳ ନିଶ୍ଚିତ ନୂଆ ଦିଶା ଦେଖାଇବ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଗଣେଶ କିମ୍ବା ଅନ୍ୟ ଦେବଦେବୀଙ୍କ ମୂର୍ତ୍ତି ବିସର୍ଜନ ଯୋଗୁ ଜଳ ପ୍ରଦୂଷଣ ହେଉଛି। ଏହାର ପ୍ରତିକାର ପାଇଁ ନାସିକ୍‌ର ତୃପ୍ତି ଗାଏକ୍ୱାଡ ଏକ ଅଭିନବ ଉପାୟ ଆପଣାଇଛନ୍ତି। ୩୩ ବର୍ଷୀୟା ତୃପ୍ତି ପେସାରେ ଜଣେ ଆଡ୍‌ଭୋକେଟ। ସେ ପ୍ଲାଷ୍ଟର୍‌ପ୍ୟାରିସ, ଥର୍ମୋକୁଲ୍‌ରେ ନିର୍ମିତ ଦେବଦେବୀଙ୍କ ବିସର୍ଜିତ ତଥା ଭଗ୍ନ ମୂର୍ତ୍ତିରୁ ଖେଳନା ତିଆରି କରି ବସ୍ତିର ଅସହାୟ ପିଲାଙ୍କୁ ଦେଉଛନ୍ତି। ୨୦୧୯ରୁ 'ସମ୍ପୂର୍ଣ୍ଣମ୍ ସେବା ଫାଉଣ୍ଡେଶନ'ମାଧ୍ୟମରେ ସେ ଏହି ଅଭିଯାନ ଆରମ୍ଭ କରିଥିଲେ। ପ୍ରଥମେ ଘରେ ଭାଙ୍ଗିଯାଉଥିବା ମୂର୍ତ୍ତି କିମ୍ବା ଫଟୋଫ୍ରେମ୍‌କୁ ପାଣିରେ ନ ପକାଇ ତାଙ୍କ ପାଖକୁ ପଠାଇବା ଲାଗି ସୋସିଆଲ ମିଡିଆରେ ଅନୁରୋଧ କରିଥିଲେ। ଏବେ ପୁଣେ, ନାଗପୁର ଏବଂ ମୁମ୍ବାଇରୁ ଏସବୁ ଜିନିଷ ତାଙ୍କ ପାଖରେ ପହଞ୍ଚୁଛି। ସେ ଏଥିପାଇଁ ଏକ ହ୍ୱାଟ୍ସ ଆପ୍ ଗ୍ରୁପ ମଧ ଖୋଲିଛନ୍ତି। ଏହି କାର୍ଯ୍ୟରେ ୨୫ ଜଣ ସ୍ୱେଚ୍ଛାସେବୀ ତାଙ୍କ ସହ ଯୋଗଦେଇଛନ୍ତି। ଏବେ ସୁଦ୍ଧା ସେ ୨୦,୦୦୦ ବିଭିନ୍ନ ପ୍ରକାର ମୂର୍ତ୍ତିର ପୁନଃଉପଯୋଗ କରି ଖେଳନା ଓ ଅନ୍ୟ ଜିନିଷ ତିଆରି କରିସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ସେପ୍ଟେମ୍ବର ୧୯୯୬

- ଭାରତ ସମେତ ତିନୋଟି ରାଷ୍ଟ୍ରର ଦୃଢ଼ ବିରୋଧ ଓ ଅନେକ ରାଷ୍ଟ୍ରର ପ୍ରତିନିଧିମାନଙ୍କ ଅନୁପସ୍ଥିତି ସତ୍ତ୍ୱେ ଜାତିସଂଘ ସାଧାରଣ ପରିଷଦରେ ବ୍ୟାପକ ଅଣୁଅସ୍ତ୍ର ନିରୋଧ ଚୁକ୍ତି (ସି.ଟି.ବି.ଟି) ଚିଠା ପ୍ରସ୍ତାବ ଗୃହୀତ।
- ଉତ୍ତରପ୍ରଦେଶର ବାହାରିକ ଜିଲ୍ଲାସ୍ଥିତ ରାପ୍ତି ନଦୀର କାତ୍ରାଘାଟ ନିକଟରେ ନୌକା ବୁଡ଼ିଯିବା ଫଳରେ ୪୦ ଯାତ୍ରୀଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### କାହା ଜୀବନ ମୂଲ୍ୟବାନ୍

ମହାଶୟ,

ଦୀର୍ଘ ଦୁଇବର୍ଷ ପାଖାପାଖି ପ୍ରାଥମିକ ବିଦ୍ୟାଳୟ ବନ୍ଦ। ପର୍ଯ୍ୟାୟକ୍ରମେ ନବମ, ଦଶମ ଏକାଦଶ ଓ ଦ୍ୱାଦଶ ଖୋଲିଥିଲେ ମଧ ସରକାର ପ୍ରାଥମିକ ବିଦ୍ୟାଳୟ ଖୋଲିବାର ନାଁ ଧରୁନାହାନ୍ତି। 'ମୂଳୁ ମାଇଲେ ଯିବ ସରି' ଭଳି ପ୍ରାଥମିକ ବିଦ୍ୟାଳୟର ପିଲାମାନେ ସମ୍ପୂର୍ଣ୍ଣ ମୂର୍ଖ ହୋଇଗଲେ। ଏବେ ସରକାର ସବୁ ଶିକ୍ଷକଙ୍କୁ ଟିକା ଦେବାର ଘୋଷଣା କରିଛନ୍ତି। 'କହ୍ନେଇ ଯୋଗୁ ଗାଈଗୁହାଳ ପରି ପିଲାଙ୍କ ଯୋଗୁ ସିନା ଶିକ୍ଷକ' ! ଏବେ କୁଆଡେ ଅକ୍ଟୋବରରୁ ବାର ବର୍ଷରୁ ଉର୍ଦ୍ଧ୍ୱ ପିଲାଙ୍କୁ ଟିକା ଦେବାର ଖବର ପ୍ରକାଶ ପାଇଛି। ଏହା କେତେ ସତ କେତେ ମିଛ କେଜାଣି। ଆଗ ଛୋଟ ପିଲାଙ୍କୁ ଟିକାଦେଇ ପଛେ ଶିକ୍ଷକମାନଙ୍କୁ ଟିକା ଦେଇଥିଲେ ଭଲ ହୋଇଥାଆନ୍ତା। ପିଲାଙ୍କ ଜୀବନ ନିରାପଦ ନ ରହି ଶିକ୍ଷକ ଜୀବନ ନିରାପଦ ରହିଲେ ସ୍କୁଲ ଚାଲିବ ତ ?

–ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

### ଭଣ୍ଡବାବାଙ୍କୁ କ୍ଷମା ନ ମିଳୁ

ଭଣ୍ଡବାବାମାନେ ଭଗବାନଙ୍କ ଅବତାର ବୋଲି ପରିଚୟ ଦେଇ ଭକ୍ତଙ୍କୁ ଶୋଷଣ କରୁଛନ୍ତି। ଏପରିକି ଧନସମ୍ପଦ, ଜମି ଓ ସୁନାଗହଣା ପାଇବାକୁ ହକ୍‌ଦାର ହୋଇଥାନ୍ତି। ସେମାନେ ବେନିୟମରେ ବିପୁଳ ଅର୍ଥ ଉପାର୍ଜନ କରିପାରନ୍ତି। ଅସଦାଚରଣ, ମହିଳଙ୍କୁ ପ୍ରତାରଣା କରିବାକୁ ପଛେଇ ନ ଥାନ୍ତି। ସରକାର କିମ୍ବା ଭକ୍ତଙ୍କଠାରୁ ଜମି ପାଇବାକୁ ଉଦ୍ୟମ କରି ସଫଳ ହୁଅନ୍ତି। ଏପରି ବାବାଙ୍କୁ ସନ୍ଧାନ କରି ଜନସାଧାରଣ ପୋଲିସକୁ ଜଣାଇବା ଉଚିତ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କାଟି ବିଶ୍ୱର ସକଳ ନିଗଡ଼ ବନ୍ଧନ
ଶତ ଆଶା ପୀରତିର ମଧୁ ନିବନ୍ଧନ
ସକଳ ସ୍ନେହ ମମତା
ମରମ ନିଭୃତ କଥା,
କରିବି ଏ କୋଣେ ତାର ସମାଧି ସାଧନ,
ସକଳ ମଧୁର ସ୍ମୃତି ପ୍ରୀତି ଆରାଧନ।
(ବନ୍ଦୀର ବିଳାପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

**୧୨ ସଂକ୍ରମିତ ଚିହ୍ନଟ**

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ଜିଲାରୁ ଶନିବାର ୧୨ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୫ ଜଣ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଗଁଦିଆ ବ୍ଲକର ୩, ସଦର ବ୍ଲକର ୩, କାମାକ୍ଷାନଗର ବ୍ଲକର ୨, ଭୁବନ ବ୍ଲକର ୧, ପରଜଙ୍ଗ ବ୍ଲକର ୧, ହିନ୍ଦୋଳ ଏନ୍ଏସିର ୧ ଏବଂ ଢେଙ୍କାନାଳ ପୌରାଞ୍ଚଳର ଜଣେ ରହିଛନ୍ତି। ଜିଲାରେ ମୋଟ୍ ୧୩୩ ଜଣ ସକ୍ରିୟ ଆକ୍ରାନ୍ତ ରହିଥିବାବେଳେ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨୪୨ରେ ସ୍ଥିର ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କା, ମୂଲ୍ୟବାନ ସାମଗ୍ରୀ ଚୋରି

କାମାକ୍ଷାନଗର,୧୧।୯(ଡି.ଏନ.ଏ.)- ଢେଙ୍କାନାଳ ଜିଲା କାମାକ୍ଷାନଗର ସହର ୪ନଂ. ୱାର୍ଡ ଅଧୀନ କଲେଜ ନିକଟରେ ରହୁଥିବା ସନ୍ତୋଷ ସାହୁଙ୍କ ଘରେ ସୋମବାର ରାତିରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ପରିବାର ସଦସ୍ୟ ଶୋଇଥିବାବେଳେ ଗେଟ୍ ଭାଙ୍ଗି ଅଭିଯୁକ୍ତମାନେ ଘରେ ପଶି ନଗଦ ଲକ୍ଷାଧିକ ଟଙ୍କା, କ୍ୟାମେରା, ମୋବାଇଲ ନେଇଯାଇଛନ୍ତି। ସନ୍ତୋଷଙ୍କ ଅଭିଯୋଗକ୍ରମେ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ ଚଳାଇଛି। ଖବର ଲେଖାଯିବା ସୁଦ୍ଧା କେହି ଗିରଫ ହୋଇନାହାନ୍ତି। କାମାକ୍ଷାନଗର ଅଞ୍ଚଳରେ ଚୋରି, ଡକାୟତି ଭଳି ଘଟଣା ବଢ଼ିବାରେ ଲାଗିଛି। କିଛିଦିନ ତଳେ ରେଙ୍ଗାଳି ଅଫିସର କାର୍ଯ୍ୟରତ ମହିଳା କର୍ମଚାରୀଙ୍କୁ ଆକ୍ରମଣ କରି ଦୁର୍ବୃତ୍ତ ସୁନା ଚେନ ଝାମ୍ପି ନେଇଥିଲେ। ସେହିପରି ରେକୁଲା ପମ୍ପ ହାଉସ କର୍ମଚାରୀଙ୍କୁ ମାଡ଼ ମାରି ଲକ୍ଷାଧିକ ଟଙ୍କାର ପାଇପ୍ ନେଇଯିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିଲା। ସେହିପରି ମଠମନ୍ଦିରର ହୁଣ୍ଡିକୁ ମଧ ଲୁଟେରାମାନେ ଟାର୍ଗେଟ କରୁଛନ୍ତି। ପୋଲିସ ପକ୍ଷରୁ ରାତ୍ରକାଳୀନ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି।

### ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ସେବାକାଳ ବୃଦ୍ଧି ଦାବି

ଢେଙ୍କାନାଳ ଅଫିସ, ୧୧।୯-ଓଡ଼ିଶା ନିଖିଳ ଉତ୍କଳ ରାଜ୍ୟ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସଙ୍ଗଠନର ଭର୍ଚୁଆଲ ବୈଠକ ରାଜ୍ୟ ସଙ୍ଗଠନ ସାଧାରଣ ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ସଙ୍ଗଠନ ସମ୍ପାଦକ ହରିହର ସାହୁ, ଜିଲାର ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଗନ ବିହାରୀ ନାୟକ, ଉପେନ୍ଦ୍ର ନାରାୟଣ ଶତପଥୀ, ଶିକ୍ଷୟିତ୍ରୀ ଦୀପ୍ତିମୟୀ ଲେଙ୍କା, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋତିର୍ମୟୀ ନାଥଙ୍କ ସମେତ ରାଜ୍ୟର ବିଭିନ୍ନ ସ୍ଥାନର ୨୩ ଜଣ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ୨ଟି ଇନ୍‌କ୍ରିମେଣ୍ଟ ଦେବା ସହିତ ସେବା ସମୟ ୨ ବର୍ଷ ବୃଦ୍ଧି, ଶିକ୍ଷାକ୍ଷେତ୍ରରେ ଅଗ୍ରାଧିକାର ଦେବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ରାଜ୍ୟ ସଙ୍ଗଠନ ସମ୍ପାଦକ ହରିହର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ମହିମା ଆଶ୍ରମ ଉତ୍ସବମୁଖର

ଢେଙ୍କାନାଳ ଅଫିସ, ୧୧।୯-ନବାନ୍ନ ଉପଲକ୍ଷେ ଢେଙ୍କାନାଳ ସଦର ବ୍ଲକ ମହୁଲପଡ଼ା, ବଳଦିଆବନ୍ଧ ଏବଂ ତାଳବରକୋଟର ମହିମା ଆଶ୍ରମ ଉତ୍ସବମୁଖର ହୋଇଉଠିଛି। ବ୍ରହ୍ମ ଅବଧୂତ କୈଳାସ ବାବା, ପ୍ରମୋଦ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩ଦିନ ଧରି ନବାନ୍ନ ଉତ୍ସବ ପାଳିତ ହୋଇଥିଲା। ଗୁରୁବାର ମହୁଲପଡ଼ାସ୍ଥିତ ସିଦ୍ଧ ସାଧୁ ନୃସିଂହ ବାବାଙ୍କ ସମାଧି ପୀଠରେ ନବାନ୍ନ ଲାଗି ହୋଇଥିଲା। ଅନୁରୂପ ଭାବେ ଶୁକ୍ରବାର ବଳଦିଆବନ୍ଧ ଓ ତାଳବରକୋଟ ମହିମା ଆଶ୍ରମରେ ନବାନ୍ନ ଲାଗି ହୋଇଛି। ମହିମା ଅଲେଖ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିବାବେଳେ ସାଧୁସନ୍ଥମାନେ ଜଗତ ମଙ୍ଗଳ କାମନା କରିଥିଲେ। ସାଧୁ ରାମ ଦାସ, ଜ୍ୟୋତି ବୈରାଗୀ, ଶତ୍ରୁଘ୍ନ ବୈରାଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୁଣି ବନ୍ଧା ହେଲେ ୨ ତହସିଲ କର୍ମଚାରୀ

■ଜମି କିସମ ପରିବର୍ତ୍ତନ ଦୁର୍ନୀତି ମାମଲା
■୫ରେ ପହଞ୍ଚିଲା ଗିରଫଙ୍କ ସଂଖ୍ୟା

ଢେଙ୍କାନାଳ ଅଫିସ,୧୧।୯

ଢେଙ୍କାନାଳ ସଦର ତହସିଲରେ ଜମି କିସମ ପରିବର୍ତ୍ତନ ଦୁର୍ନୀତି ମାମଲାରେ ଗିରଫଙ୍କ ତାଲିକା ଲମ୍ବିବାରେ ଲାଗିଛି। ଶନିବାର ତହସିଲର ୨ଜଣ କର୍ମଚାରୀଙ୍କ ସମେତ ମୋଟ ୩ଜଣ ବନ୍ଧା ହୋଇଛନ୍ତି। ସେମାନେ ହେଲେ ପୂର୍ବତନ ଅମିନ ତଥା ବର୍ତ୍ତମାନ ଓଡ଼ାପଡ଼ା ତହସିଲରେ କାର୍ଯ୍ୟରତ ଆର୍ଆଇ ସୌମ୍ୟରଞ୍ଜନ ପରିଡ଼ା, ପୂର୍ବତନ ରେକର୍ଡ କିପର ତଥା ବର୍ତ୍ତମାନ ପରଜଙ୍ଗ ତହସିଲରେ କାର୍ଯ୍ୟରତ ଦୁଷ୍ମନ୍ତ ଦେହୁରୀ ଏବଂ ଆବେଦନକାରୀ ବେବିନା ବେହେରା। ଏଥିପୂର୍ବରୁ ଶୁକ୍ରବାର ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ନିଲମ୍ବିତ ହୋଇଥିବା ପୂର୍ବତନ ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ଦଳେଇ ଏବଂ ଆବେଦନକାରୀ ମହିଳାଙ୍କ ସ୍ୱାମୀ ନରେନ୍ଦ୍ର ବେହେରା ଗିରଫ ହୋଇଥିଲେ।

ଅଦ୍ୟାବଧି ଏହି ମାମଲାରେ ମୋଟ ୫ ଜଣ ଗିରଫ ହୋଇଛନ୍ତି। ଅଭିଯୁକ୍ତଙ୍କୁ ଶନିବାର ଅପରାହ୍ନରେ କୋର୍ଟଚାଲାଣ କରାଯାଇଛି। ଏଥିସହିତ ଜମି କିସମ ପରିବର୍ତ୍ତନ ସମ୍ପର୍କିତ ଫାଇଲ ସମେତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଲିସ ଜବତ କରିଥିବା ଜିଲା ପୋଲିସ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣାରେ ସଦର ତହସିଲଦାରଙ୍କ ଅଭିଯୋଗକ୍ରମେ ତହସିଲ କାର୍ଯ୍ୟାଳୟର ୧୦ କର୍ମଚାରୀ ନାମରେ ମାମଲା ରୁଜୁ ହୋଇଛି।

ସୂଚନାଯୋଗ୍ୟ ଢେଙ୍କାନାଳ ସହରସ୍ଥିତ ସାନଷାଠିଏବାଟିଆ ମୌଜାର ଖାତା ନଂ. ୩୮୭/୧୮୯୬, ପ୍ଲଟ ନଂ. ୫୨୨ ଅନ୍ତର୍ଗତ ୩୧୦ ଡେସିମିଲ୍ ଜଳାଶୟ-୨ କିସମ ଜମିକୁ ଚଞ୍ଚକତା କରି ଶାରଦ କିସମ-୨ରେ ପରିବର୍ତ୍ତନ କରାଯାଇଥିଲା। ଏଭଳି ବଡ଼ଧରଣର ଦୁର୍ନୀତିରେ ଜଣେ ପୂର୍ବତନ ଅତିରିକ୍ତ ତହସିଲଦାର ଓ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ପୂର୍ବତନ ୨ କର୍ମଚାରୀ ଗିରଫ ହେବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଅନ୍ୟପଟେ ଘଟଣାର ଭିଜିଲାନ୍ସ ତଦନ୍ତ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।



ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଉଛି।

# ୨ କାରଗିଲ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

ଅନୁଗୋଳ ଅଫିସ, ୧୨।୯

ଅନୁଗୋଳ ଜିଲା ଭାଜପା ପକ୍ଷରୁ ଶନିବାର କାର୍ଗିଲ୍ ଯୋଦ୍ଧା ତଥା ଅବସରପ୍ରାପ୍ତ ଯବାନ ଆମ୍ବପାଳ ଗ୍ରାମର ହୃଷୀକେଶ ସାହୁ ଏବଂ କେନ୍ଦ୍ରାପଡ଼ା ଜିଲା ପାଟକୁରା ଗ୍ରାମର ଉପେନ୍ଦ୍ର ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉଭୟେ ୧୯୯୫ରେ ଭାରତୀୟ ସେନାରେ ଯୋଗଦେଇ ୧୯୯୯ରେ କାର୍ଗିଲ୍ ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ। ଭାରତୀୟ ସେନାରେ ଦୀର୍ଘ ୨୬ ବର୍ଷ ସେବା ପ୍ରଦାନ କରିବା ପରେ ଉଭୟେ ଅବସର ଗ୍ରହଣ କରିଛନ୍ତି। ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ, ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି ଯୋଗଦେଇ ଉଭୟଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ପର୍ଶୁରାମ ବାରିକ, ବିଶ୍ୱଜିତ ମିଶ୍ର, ରୋଜାଲିନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝି ସଂଯୋଜନା କରିଥିଲେ। ଏହାପରେ ନତଡ଼ା ବିଷ୍ଣୁ ମନ୍ଦିର ପ୍ରାଙ୍ଗଣରେ ଗୋପବନ୍ଧୁ ମାନବ କଲ୍ୟାଣ ସମିତି ଏବଂ ଆମ୍ବପାଳ ମନ୍ଦିରରେ ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଭାଜପା ପକ୍ଷରୁ ୨ କାର୍ଗିଲ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସ୍ୱତନ୍ତ୍ର ସହାୟତା ଦାବି କଲେ ଡ୍ରାଇଭର




କାର୍ଯ୍ୟକ୍ରମରେ ଉପସ୍ଥିତ ଡ୍ରାଇଭର ମହାସଂଘର କର୍ମକର୍ତ୍ତାମାନେ।

ଛେଣ୍ଡିପଦା,୧୧।୯(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ପାତ୍ରପଡ଼ା ରାଜୀବ ଭବନଠାରେ ଶନିବାର ଓଡ଼ିଶା ଡ୍ରାଇଭର ମହାସଂଘ ଆହ୍ୱାନକ୍ରମେ ପାତ୍ରପଡା ଡ୍ରାଇଭର ମହାସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ମହାସଂଘ ସଭାପତି ଲକ୍ଷ୍ମୀଧର କବି ଯୋଗଦେଇ ଡ୍ରାଇଭରଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଡ୍ରାଇଭର ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ସ୍ୱାସ୍ଥ୍ୟବୀମା ପ୍ରଦାନ, ମାଗଣା ଚିକିତ୍ସା ବ୍ୟବସ୍ଥା, ଦୁର୍ଘଟଣାରେ ମୃତାହତ ହେଲେ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଆଦି ୧୦ ଦାବି ପୂରଣ କରିବାକୁ ଦାବି କରାଯାଇଛି। ଏ ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ନ ନେଲେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସମ୍ମାନିତ ଅତିଥି ଭାବେ ଜିଲା ଉପସଭାପତି ମନୋଜ ସାହୁ, ବ୍ଲକ ସଭାପତି ବସନ୍ତ ସାହୁ, ଉପସଭାପତି ସୁମନ୍ତ ସାହୁ, ସମ୍ପାଦକ ସୁବର୍ଣ୍ଣ ପରିଡା, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପାତ୍ରପଡ଼ା ପଞ୍ଚାୟତ ଡ୍ରାଇଭର ମହାସଂଘ ସଭାପତି ଭାବେ ଦୀନବନ୍ଧୁ ସାହୁ, ସମ୍ପାଦକ ଟୁକୁନା ସାହୁ, ଆଇଟି ସେଲ୍ ମୁଖ୍ୟ ଭାବେ ପିକୁନ ସାହୁଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି।

# ୧୦ ପରିବାର ଜଳବନ୍ଦୀ

କାମାକ୍ଷାନଗର, ୧୧।୯(ଡି.ଏନ.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ସହର ୩ନଂ. ୱାର୍ଡ ୟୁକୋ ବ୍ୟାଙ୍କ ନିକଟରେ ଥିବା ଅନନ୍ତପୁର ସାହିରେ କେନାଲ ପାଣି ରାସ୍ତାରେ ଚାଲୁଛି। ଫଳରେ ସାହିର ୧୦ ପରିବାର ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ରେଙ୍ଗାଳି ମୁଖ୍ୟ କେନାଲରୁ ବାହାରିଥିବା ଏକ ଶାଖା କେନାଲ ଦ୍ୱାରା କାମାକ୍ଷାନଗର ଏନ୍ଏସିର କେତେକ ଅଞ୍ଚଳକୁ ଜଳଯୋଗାଣ ହେଉଛି। ରେଙ୍ଗାଳି ବାମ କେନାଲରେ ପାଣି ଛଡ଼ାଯାଇଥିବାରୁ ଶାଖା କେନାଲ ଭର୍ତ୍ତି ହୋଇଯିବା ସହ ଉଛୁଳିଛି। ଏହି ପାଣି ସାହିରେ ପ୍ରବେଶ କରିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି।

# ୫୧ ୟୁନିଟ୍ ରକ୍ତ ସଂଗ୍ରହ

କାମାକ୍ଷାନଗର,୧୧।୯( ଡି.ଏନ.ଏ.)

କାମାକ୍ଷାନଗର ବ୍ଲକ ଜିରିଡ଼ାମାଳିରେ ଯୁବ ବିଜେଡି ଏବଂ ଭବାନୀ କ୍ଲବର ମିଳିତ ଆନୁକୂଲ୍ୟରେ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ମୁଖ୍ୟଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା, ମଙ୍ଗତଲାଲ କଟାରୁକା ପ୍ରମୁଖ ଉପସ୍ଥିତ ଥିଲେ। ରକ୍ତ ଅଭାବରୁ ଯେପରି କାହାରି ମୃତ୍ୟୁ ନ ହୁଏ ସେଥିଲାଗି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ତଦନୁଯାୟୀ ସାରା ରାଜ୍ୟରେ ବିଜେଡି ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଉଛି। ଏଥିରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ମୁଖ୍ୟଅତିଥି ଆହ୍ୱାନ ଦେଇଥିଲେ। ଉପେନ୍ଦ୍ର ରାଉତ, ସୁମନ୍ତ ଜେନା, ପ୍ରଶାନ୍ତ ରାଉତ, ମନୋଜ ଛୋଟରାୟ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ମୂର୍ତ୍ତି ଉଚ୍ଚତା ସ୍ୱାଭାବିକ ରଖିବାକୁ ପ୍ରସ୍ତାବ



ମିଳିତବଜାର ଲକ୍ଷ୍ମୀପୂଜା କମିଟି ବୈଠକ।

■ମିଳିତବଜାର ଲକ୍ଷ୍ମୀପୂଜା କମିଟି ବୈଠକ
■ମଣ୍ଡପ ଭିତରେ ହେବ ଆବଶ୍ୟକ ସାଜସଜ୍ଜା
■କୋଭିଡ୍ କଟକଣା ଅନୁଯାୟୀ ପୂଜା ହେବ

ଢେଙ୍କାନାଳ ଅଫିସ, ୧୧।୯

ଢେଙ୍କାନାଳର ଗଣପର୍ବ ଲକ୍ଷ୍ମୀପୂଜା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ମିଳିତ ବଜାର କମିଟି ପକ୍ଷରୁ ଶୃଙ୍ଖଳିତ ପଆୟୋଜନ ଲାଗି ଶୁକ୍ରବାର ସନ୍ଧ୍ୟାରେ ମିନାବଜାର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମିନାବଜାର ପୂଜା ପ୍ରତିଷ୍ଠାନର ସଭାପତି ରବିନାରାୟଣ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ମିଳିତବଜାର ଲକ୍ଷ୍ମୀପୂଜା କମିଟି ସଭାପତି ବିଶ୍ୱନାଥ ବେହେରା ଉପସ୍ଥିତ ଥିଲେ। ଚଳିତ ବର୍ଷ ପୂଜାରେ ମା'ଙ୍କ ମୃଣ୍ମୟୀ ପ୍ରତିମାର ଉଚ୍ଚତା ସ୍ୱାଭାବିକ ରଖିବାକୁ ପ୍ରସ୍ତାବ ଦିଆଯାଇଛି।

ପୂଜା ସମୟରେ ମଣ୍ଡପ ସମ୍ମୁଖ ଭାଗର ପରଦା ଉଠାଯାଇ କୋଭିଡ୍ ନିୟମ ଅନୁଯାୟୀ ଦର୍ଶନ ବ୍ୟବସ୍ଥା କରାଯିବ। ଜନ ଗହଳିକୁ ପ୍ରଶ୍ରୟ ଦିଆଯିବ ନାହିଁ। ପୂଜା ମଣ୍ଡପ ପରିସରରେ ଆବଶ୍ୟକ ସାଜସଜ୍ଜା କରିବା ଏବଂ ଆଲୋକ ସାଜସଜ୍ଜା କରିବା ଲାଗି ଆଲୋଚନା ହୋଇଥିଲା। କୋଭିଡ୍ କଟକଣା ମାନିବା ଲାଗି ପ୍ରତି ପୂଜା ମଣ୍ଡପ ସମ୍ମୁଖରେ ନିୟମାବଳୀ ଲିଖିତ ଭାବେ ଦର୍ଶାଯିବ। ଏ ସମ୍ପର୍କରେ କମିଟି ପକ୍ଷରୁ ଜିଲାପାଳଙ୍କୁ ଜଣାଇବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।

ଜବାହରଚୌକ ପୂଜା ପ୍ରତିଷ୍ଠାନ ସଭାପତି ନବୀନଚନ୍ଦ୍ର ନାରାୟଣ ଦାସ, ବାଜିଚୌକ ପୂଜା ପ୍ରତିଷ୍ଠାନ ସଭାପତି ରାମଚନ୍ଦ୍ର ପାତ୍ର ଓ ସମ୍ପାଦକ ବ୍ରହ୍ମାନନ୍ଦ ସାହୁ, ମହାବୀର ବଜାର ପୂଜା କମିଟି ସଭାପତି ଦୀପକ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ମିନାବଜାର ପୂଜା କମିଟି ସମ୍ପାଦକ ପୀତବାସ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଗଣେଶ ବଜାର ପୂଜା କମିଟି କାର୍ଯ୍ୟକାରୀ ସଭାପତି ଶରତ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଓଷ୍ଟା ପକ୍ଷରୁ ଚତୁର୍ଥ ସାମ୍ବିଧାନିକ ସମ୍ମିଳନୀ

ଅନୁଗୋଳ ଅଫିସ,୧୨।୯: ଅନୁଗୋଳ ପିଟିସି ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଅନୁଗୋଳ ଓଷ୍ଟା ପକ୍ଷରୁ ଚତୁର୍ଥ ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସଂଘର ଜିଲା ସଭାପତି ରାଜକିଶୋର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଓଷ୍ଟା ରାଜ୍ୟ ସାଧାରଣ ସମ୍ପାଦକ ପ୍ରକାଶ କୁମାର ମହାନ୍ତି ଯୋଗଦେଇ ରାଜ୍ୟରେ ଦେଖାଦେଇଥିବା ଶିକ୍ଷକ ନିଯୁକ୍ତି ସମସ୍ୟା, ପଦୋନ୍ନତି ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୁଗ୍ମ ସମ୍ପାଦକ ରଞ୍ଜନ ଦାସ, ରାଜ୍ୟ ଉପସଭାପତି ସରୋଜ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଅଶୋକ ମହାପାତ୍ର, ପିଟିସି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କେଦାର ବେହେରା, ଜିଲା ସମ୍ପାଦକ ତରଣୀ ସେନ ସାହୁ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ତ୍ରିନାଥ ଦେବତା, ଦୈତାରି ସାହୁ, ରାଜକିଶୋର ସାହୁ, ଗଦାଧର ପ୍ରଧାନ, ଦୁର୍ଗାଚରଣ ବିଶୋଇ, ବିନୟ କୁମାର କର ପ୍ରମୁଖଙ୍କୁ ଅତିଥିମାନେ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

**ବିକ୍ରେତା ଆବଶ୍ୟକ**
ବହୁରାଷ୍ଟ୍ରୀୟ କମ୍ପାନୀ ନିମନ୍ତେ
ପୂର୍ବ, ଉତ୍ତର ଏବଂ ପଶ୍ଚିମ ଭାରତରେ ବ୍ୟାପ୍ତ ~200 ସ୍ଥାନ ପାଇଁ ସିଭିଲ୍ କାର୍ଯ୍ୟ, ସୋର୍ସିଂ, ଯୋଗାଣ, ଇଲେକ୍ଟ୍ରିକାଲର ଆଇ ଆଣ୍ଡ ସି, ସୋଲାର, ପାୱାର, ଇଣ୍ଟରନେଟ୍ ସଂଯୋଗ, ଆର୍ଥିଂ ଉପକରଣ ଏବଂ ଲଜିଷ୍ଟିକ୍ ସହାୟତା ସମେତ 5 ବର୍ଷର ଏଏମ୍‌ସି।
କେବଳ ଅତୀତରେ ସମାନ ଧରଣର କାର୍ଯ୍ୟର ଅଭିଜ୍ଞତା ରଖୁଥିବା କମ୍ପାନୀ ଆବେଦନ କରିପାରିବେ।
enquiry880440@gmail.com

**INDIAN INSTITUTE OF TOURISM AND TRAVEL MANAGEMENT**
(An Autonomous Body under Ministry of Tourism, Government of India)
Dumuduma, Bhubaneswar, Odisha, Pin - 751019
IITTM
**SPOT ADMISSION**
**Session 2021-22**
**MBA** (Tourism & Travel Management)
**BBA** (Tourism & Travel)
For online registration and detailed information please visit: **www.iittm.ac.in**, for further information
CONTACT - **83420 82073, 97781 80241, 94374 61936, 96688 60753**
or E-mail : admissioniittmb@gmail.com
Under Collaborative Scheme of INDIRA GANDHI NATIONAL TRIBAL UNIVERSITY (A Central University established by an Act of Parliament)
Free Admission Counselling at IITTM Campus till 28th Sept. 2021
Scholarships Available for Meritorious Students
Nodal Officer

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
सिजुआ, डाक : डुमुडुमा, भुवनेश्वर -751019
Sijua, P.O.-Dumuduma, Bhubaneswar-751019

No. AIIMS/BBSR/RECT/DEPUTATION/852/2979 Dated: 9th Sep, 2021

**VACANCY NOTICE ON DEPUTATION FOR AIIMS, BHUBANESWAR & AIIMS GUWAHATI**

Applications are invited in prescribed pro-forma from eligible Officers/Officials of Central/State/U. T. Government/Universities/Statutory/Autonomous Bodies/Public Sector Undertaking/Research and Development Organisations/Police Departments of Central/State/U.T/Armed Forces including Para Military Forces as applicable for filling up of Group 'A' and 'B' posts on Deputation Basis at All India Institute of Medical Sciences, Bhubaneswar and All India Institute of Medical Sciences, Guwahati.

**The details of Vacant Posts at All India Institute of Medical Sciences, Bhubaneswar.**

| Sl. | Name of Post | Group | Pay Matrix & Level | No. of Posts |
|---|---|---|---|---|
| 1. | Chief Librarian | A | Level-13 as per 7th CPC (Rs.123100-215900) | 01 |
| 2. | Librarian Selection Grade | A | Level-11 as per 7th CPC (Rs.67700 -208700) | 01 |
| 3. | Chief Medical social Service Officer | A | Level-11 as per 7th CPC (Rs. 67700 - 208700) | 01 |
| 4. | Executive Engineer (Civil) | A | Level-11 as per 7th CPC (Rs. 67700 - 208700) | 01 |
| 5. | Hospital Architect | A | Level-11 as per 7th CPC (Rs. 67700 - 208700) | 01 |
| 6. | Senior Administrative Officer | A | Level-11 as per 7th CPC (Rs.67700 -208700) | 01 |
| 7. | Deputy Chief Security Officer | A | Level-11 as per 7th CPC (Rs. 67700 - 208700) | 01 |
| 8. | Finance and Chief Accounts Officer (Sr. Accounts Officer) | A | Level-11 as per 7th CPC (Rs.67700 -208700) | 01 |
| 9. | Accounts Officer | A | Level-10 as per 7th CPC (Rs. 56100 -177500) | 01 |
| 10. | Security Officer | A | Level-10 as per 7th CPC (Rs. 56100 -177500) | 01 |
| 11. | Store Officer | A | Level-10 as per 7th CPC (Rs. 56100 -177500) | 02 |
| 12. | Assistant Administrative Officer | B | Level-7 as per 7th CPC (Rs. 44900-142400) | 02 |

**The details of Vacant Posts at All India Institute of Medical Sciences, Guwahati.**

| Sl. | Name of Post | Group | Pay Matrix & Level | No. of Posts |
|---|---|---|---|---|
| 1. | Financial Advisor | A | Level-13 as per 7th CPC(Rs.123100-215900) | 01 |
| 2. | Executive Engineer (Civil) | A | Level-11 as per 7th CPC (Rs. 67700 - 208700) | 01 |
| 3. | Accounts Officer | A | Level-10 as per 7th CPC (Rs. 56100 -177500) | 01 |
| 4. | Assistant Administrative Officer | B | Level-7 as per 7th CPC (Rs. 44900-142400) | 01 |

i) Maximum age limit for applying for the aforesaid posts on deputation is 56 years as on last date of receipt of applications.
ii) The period of deputation will be for a period of 3 (three) years and extendable for maximum period of seven years as per DoPT guidelines.
iii) The Officers/Officials who fulfill the specified eligibility criteria may submit their application in the prescribed proforma at **Annexure-I** through proper channel to **The Assistant Administrative Officer, Recruitment Cell, All India Institute of Medical Sciences, At - Sijua, Po - Dumuduma, Patrapara, Bhubaneswar -751019**
iv) For detailed advertisement including educational qualifications, age and eligibility criteria etc., kindly visit the Institute's website **https://aiimsbhubaneswar.nic.in.**
v) The last date of receipt of complete application on the prescribed proforma along with required documents through proper channel is **30 days after publication of this advertisement in the Employment News.**

Sd/-
प्रशासनिक अधिकारी/ Administrative Officer
एम्स, भुवनेश्वर/ AIIMS, Bhubaneswar

**ଜିଲ୍ଲା କାର୍ଯ୍ୟାଳୟ, ଢେଙ୍କାନାଳ (ଦେବୋତ୍ତର ବିଭାଗ)**
ବିଜ୍ଞାପନ ସଂଖ୍ୟା 1089/ତାରିଖ: 08.09.2021
**ନିଲାମ ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଢେଙ୍କାନାଳ ଦେବୋତ୍ତର ବିଭାଗ ଅଧୀନସ୍ଥ ନିମ୍ନଲିଖିତ ସଇରାତଗୁଡ଼ିକ ନିମ୍ନସୂଚୀ ଅନୁଯାୟୀ ୨୦୨୧-୨୨ ଆର୍ଥିକ ବର୍ଷର ଅବଶିଷ୍ଟ ସମୟ ପାଇଁ ଅର୍ଥାତ୍ (ତା.୧୮.୦୯.୨୦୨୧ରିଖଠାରୁ ତା.୩୧.୦୩.୨୦୨୨ରିଖ ପର୍ଯ୍ୟନ୍ତ) ନିଲାମ ନିମନ୍ତେ ଟେଣ୍ଡର କରାଯିବ ଏବଂ ଏଥିପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଜଉମୁଦ ଦିଆ ଟେଣ୍ଡର ଆହ୍ୱାନ କରାଯାଉଛି। ଆଗ୍ରହୀ ବ୍ୟକ୍ତିମାନେ ବିଜ୍ଞାପନ ପ୍ରକାଶନ ତାରିଖଠାରୁ ତା୧୫।୦୯।୨୦୨୧ରିଖ ଦିବା ୧୧ ଘଣ୍ଟା ମଧ୍ୟରେ ପ୍ରତି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ନିର୍ବାହୀ ଅଧିକାରୀ, ଦେବୋତ୍ତର, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରତି ସଇରାତ ନିମନ୍ତେ ପୃଥକ ଟେଣ୍ଡର ଜଉମୁଦ ଦେଇ ପକାଇବେ।

| କ୍ର. ସଂ. | ସଇରାତର ନାମ | ଅବଧି | ଧାର୍ଯ୍ୟ ମୂଲ୍ୟ (ଟଙ୍କା)ରେ | ଧାର୍ଯ୍ୟ ଅମାନତ ମୂଲ୍ୟ (ଟଙ୍କା)ରେ | ଟେଣ୍ଡର କାଗଜ ପ୍ରତି ମୂଲ୍ୟ |
|---|---|---|---|---|---|
| ୧ | ଶ୍ରୀ ବଳଦେବ ଜୀଉ ବିଜେ ଅବଢ଼ା | ୧୮.୦୯.୨୦୨୧ରିଖଠାରୁ ୩୧.୦୩.୨୦୨୨ | ୧,୫୮,୧୪୨.୦୦ | ୧୫,୮୦୦.୦୦ | ଟ.୫୦୦.୦୦ |
| ୨ | ଦଧିବାମନ ଜୀଉ ବିଜେ, ଢେଙ୍କାନାଳ ଟାଉନ | ୧୮.୦୯.୨୦୨୧ରିଖଠାରୁ ୩୧.୦୩.୨୦୨୨ | ୨,୧୦,୬୪୨.୦୦ | ୨୧,୧୦୦.୦୦ | ଟ.୫୦୦.୦୦ |
| ୩ | କପିଳାସ ମାଳି, ମୁଦି ଓ ବାଡ଼ି ଦୋକାନ | ୧୮.୦୯.୨୦୨୧ରିଖଠାରୁ ୩୧.୦୩.୨୦୨୨ | ୩,୪୨,୪୭୫.୦୦ | ୩୪,୩୦୦.୦୦ | ଟ.୫୦୦.୦୦ |
| ୪ | କପିଳାସ ପାନ ଦୋକାନ | ୧୮.୦୯.୨୦୨୧ରିଖଠାରୁ ୩୧.୦୩.୨୦୨୨ | ୧,୪୮,୭୫୦.୦୦ | ୧୪,୯୦୦.୦୦ | ଟ.୫୦୦.୦୦ |
| ୫ | କପିଳା ଓମଫେଡ୍ ପାର୍ଲର | ୧୮.୦୯.୨୦୨୧ରିଖଠାରୁ ୩୧.୦୩.୨୦୨୨ | ୧,୬୫,୯୫୮.୦୦ | ୧୬,୬୦୦.୦୦ | ଟ.୫୦୦.୦୦ |
| ୬ | ଗୁରୁଜାଙ୍ଗ ଅସ୍ଥିରକୁଦ | ୧୮.୦୯.୨୦୨୧ରିଖଠାରୁ ୩୧.୦୩.୨୦୨୨ | ୭୧,୩୪୨.୦୦ | ୭,୧୦୦.୦୦ | ଟ.୫୦୦.୦୦ |
| ୭ | ସପ୍ତଶଯ୍ୟା ଅବଢ଼ା ପ୍ରସାଦ | ୧୮.୦୯.୨୦୨୧ରିଖଠାରୁ ୩୧.୦୩.୨୦୨୨ | ୫୦,୦୦୦.୦୦୦ | ୫,୦୦୦.୦୦ | ଟ.୫୦୦.୦୦ |

ଇଚ୍ଛୁକ ବ୍ୟକ୍ତି ଦେବୋତ୍ତର କାର୍ଯ୍ୟାଳୟରୁ ଧାର୍ଯ୍ୟ ଟେଣ୍ଡର ଫର୍ମ ସଂଗ୍ରହ କରି ଏବଂ ଫର୍ମ ପୂରଣ କରି ଯେଉଁ ସଇରାତ ନିମନ୍ତେ ଟେଣ୍ଡର ଦାଖଲ ଦେଉଛନ୍ତି ତାହା ସ୍ପଷ୍ଟଭାବେ ଉଲ୍ଲେଖ କରି ଧାର୍ଯ୍ୟ ଅମାନତ ଅର୍ଥ ନିର୍ବାହୀ ଅଧିକାରୀ, ଦେବୋତ୍ତର, ଢେଙ୍କାନାଳ (Executive Officer, Debottar, Dhenkanal)ଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ସଂଲଗ୍ନ କରି ଭୋଟ ପରିଚୟପତ୍ର/ଆଧାରର ନକଲ/ବ୍ୟାଙ୍କ ପାସ୍ ବୁକ୍‌ରେ ଫଟୋ ଥାଇ ପ୍ରଥମ ପୃଷ୍ଠାର ନକଲ ସଂଯୁକ୍ତ କରି ପ୍ରତ୍ୟେକ ଦୋକାନ ଓ ସ୍ଥାନ ପାଇଁ ପୃଥକ୍ ପୃଥକ୍ ଟେଣ୍ଡର ନିର୍ଦ୍ଧାରିତ ତାରିଖ ଓ ସମୟ ମଧ୍ୟରେ ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳଠାରେ ଥିବା ଟେଣ୍ଡର ବାକ୍ସରେ ଦାଖଲ କରିବେ। ଦାଖଲ ହେଇଥିବା ସମସ୍ତ ଟେଣ୍ଡର ତା.୧୫.୦୯.୨୦୨୧ ଦିବା ୧୨ ଘଣ୍ଟା ସମୟରେ ଖୋଲାଯିବ। ଟେଣ୍ଡର ଦାଖଲକାରୀ ଟେଣ୍ଡର ଖୋଲାଯିବା ସମୟରେ ଉପସ୍ଥିତ ରହିବେ। ଉପରୋକ୍ତ ଟେଣ୍ଡର ସଂପର୍କିତ ସବିଶେଷ ବିବରଣୀ ଓ ଟେଣ୍ଡର ସର୍ତ୍ତାବଳୀ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରୁ ଯେ କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଉପଲବ୍ଧ ହେବ। ଟେଣ୍ଡର ସର୍ତ୍ତାବଳୀରେ ଟେଣ୍ଡର ଦାଖଲକାରୀ ସହମତ ବୋଲି ସ୍ୱାକ୍ଷର କରି ଟେଣ୍ଡର କାଗଜ ସହ ଜଉମୁଦ ଦେଇ ଟେଣ୍ଡର ବାକ୍ସରେ ଦାଖଲ ଦେବେ। କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡର ଖାରଜ/ନାକଚ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଛି। ସର୍ତ୍ତମୂଳକ ଟେଣ୍ଡର ଗ୍ରହଣଯୋଗ୍ୟ ହେବନାହିଁ।

ସ୍ୱା./- ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା-ତଥା- ନିର୍ବାହୀ ଅଧିକାରୀ, ଦେବୋତ୍ତର, ଢେଙ୍କାନାଳ

## ଏ ସପ୍ତାହର ପ୍ରଶ୍ନ

୧– ସାମ୍ବାଦିକମାନଙ୍କ ଲାଗି........... ରାଜ୍ୟ ସରକାରଙ୍କ ପକ୍ଷରୁ ପତ୍ରକାର 'କଲ୍ୟାଣ କୋଶ' କାର୍ଯ୍ୟକାରୀ କରାଯାଇଛି ?

୨– ୱାର୍ଲ୍ଡ ଷ୍ଟାମ୍ପ ଏକ୍ଜିବିଶନ୍'ଫିଲାନିପ୍ପନ ୨୦୨୧' ............ ଠାରେ ଆୟୋଜିତ ହୋଇଥିଲା ?

୩– ନିକଟରେ.................. ରାଜ୍ୟରେ ୟୁନିଭର୍ସିଟି ଅଫ୍ ହେଲ୍ଥ ସାଇନ୍ସେସ୍ ବିଲ୍ ୨୦୨୧ ଲାଗୁ ହୋଇଛି ?

୪– ରାଜ୍ୟ ସଭାର ନୂଆ ସେକ୍ରେଟାରି ଜେନେରାଲ୍ ଭାବେ........... ନିଯୁକ୍ତ ହୋଇଛନ୍ତି ?

୫– ନ୍ୟାଶନାଲ୍ ସ୍ମଲ୍ ଇଣ୍ଡଷ୍ଟ୍ରି ଡେ' ......... ତାରିଖରେ ପାଳନ କରାଯାଏ ?

## ଗତ ଥରର ଉତ୍ତର

୧ – ଏମା ମ୍ୟାକେଅନ୍

୨ – ଇକ୍ୱିଟାସ୍ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ

୩ – ଭାରତ

୪ – ଚୀନ ଦେଶର ଜୀବ

୫ – ତାହିରା ସଫ୍ଦାର୍

## ଉତ୍ତରଦାତା



ଏନ୍. ଭାଲୁ ପାତ୍ର, ସୋରଡା



ଶେଖ୍ ୟାକୁବ୍, ଗୋପ, ପୁରୀ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି

ଇ–ମେଲ୍ ଠିକଣା: dharitriagamiasha @gmail.com

### ଯୁବ ପ୍ରତିଭା

## ଇଣ୍ଟରନ୍ୟାଶନାଲ ମଡେଲ୍ ହେବାକୁ ଲକ୍ଷ୍ୟ

ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇବାକୁ ସେ ଖୁବ୍ ଭଲ ପାଆନ୍ତି। ଯେଉଁଥିପାଇଁ କ୍ୟାମେରା ସହ ତାଙ୍କର ବିତେ ଅଧିକ ସମୟ। ଏହି ନିଶା ହିଁ ଏବେ ତାଙ୍କୁ ଜଣେ ସଫଳ ମଡେଲ୍ ଭାବେ ନିଜର ଏକ ସତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସହଯୋଗ କରିଛି। ସେ ହେଉଛନ୍ତି ଢେଙ୍କାନାଳ ଜିଲା ଉତ୍ତର ମଧୁବନସ୍ଥିତ କୁଞ୍ଜକାନ୍ତରେ ରହୁଥିବା ମଧୁମିତା ଏବଂ ବିଶ୍ୱଜିତ୍ ରାଉତରାୟଙ୍କ ଝିଅ ସ୍ୱପ୍ନା ପ୍ରିୟଦର୍ଶିନୀ। ପିଲାଦିନୁ ନୃତ୍ୟ ପ୍ରତି ତାଙ୍କର ବିଶେଷ ରୁଚି ରହିଥିଲା। ତେଣୁ ସେ ମାତ୍ର ୫ ବର୍ଷ ବୟସରୁ ହିଁ ଓଡ଼ିଶୀ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ଏହାପରେ ସମ୍ବଲପୁରୀ, କଣ୍ଟେମ୍ପରାରି ଏବଂ ବ୍ୟାଲେଟ୍ ଡ୍ୟାନ୍ସ ଫର୍ମ ମଧ୍ୟ ଶିଖିଥିଲେ। ଏହା ସହ ଆକ୍ଟିଂ ଏବଂ ମଡେଲିଂରେ ମଧ୍ୟ ଆରମ୍ଭରୁ ତାଙ୍କର ଆଗ୍ରହ ରହିଆସିଛି। ଜଣେ ଶିଶୁ କଳାକାର ଭାବେ ସେ ଦେଶର ବିଭିନ୍ନ ସ୍ଥାନରେ ନିଜ ଅଭିନୟର ଯାଦୁ ଦେଖାଇ ଦର୍ଶକଙ୍କୁ ମତୁଆଲା କରିଛନ୍ତି ଆଉ ସାଉଁଟିଛନ୍ତି ଅନେକ ପ୍ରଶଂସା ଓ ପୁରସ୍କାର। ଏହାବ୍ୟତୀତ ସେ ଏକ ତେଲୁଗୁ ଡ୍ୟାନ୍ସ ରିଆଲିଟି ଶୋ'ଏବଂ ଡ୍ୟାନ୍ସ ବେବି ଡ୍ୟାନ୍ସ ନାମକ ଡ୍ୟାନ୍ସ ଶୋ ଆଦିରେ ଅଂଶଗ୍ରହଣ କରି ବେଶ୍ ଲୋକପ୍ରିୟତା ହାସଲ କରିପାରିଛନ୍ତି। ୨୦୧୫ରେ କିଟ୍ ଲିଟଲ୍ ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଫାଷ୍ଟ ରନର୍ସ ଅପ୍ ହେବା ସହ ଆଲୀ କ୍ଲବ୍ ମିସ୍ ଏବଂ ମିଷ୍ଟର ଟିନ୍ ଇଣ୍ଡିଆରେ ସେକେଣ୍ଡ ରନର୍ସଅପ୍ ହୋଇଥିଲେ। ୨୦୧୮ରେ ସେ ମିସ୍ ଟୁରିଜମ୍ ଆଣ୍ଡ କଲ୍ଚର ୟୁନିଭର୍ସ ପ୍ରତିଯୋଗିତାରେ ଭାରତକୁ ରିପେଜେଣ୍ଟ କରି ୩ୟ ରନର୍ସ ଅପ ଏବଂ ମିସ୍ ଫଟୋଜେନିକ୍ ଆୱାର୍ଡ ପାଇଥିଲେ। ମଡେଲିଙ୍ଗ୍ ଦୁନିଆରେ ଅହୁରି ଉନ୍ନତି କରିବା ଲକ୍ଷ୍ୟ ନେଇ ସେ ୨୦୧୯ଠାରୁ ମୁମ୍ବାଇରେ ରହୁଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ନୀତା ଲୁଲା, ରୋହିତ ବର୍ମାଙ୍କ ଭଳି ଅନେକ ଲୋକପ୍ରିୟ ଫ୍ୟାଶନ୍ ଡିଜାଇନରଙ୍କ ପାଇଁ ମଡେଲିଙ୍ଗ୍ କରିସାରିଛନ୍ତି। ଏହା ସହ ଲାକ୍‌ମେ ଫ୍ୟାଶନ୍ ୱିକ୍ ଏବଂ ବ୍ଲେଣ୍ଡର ପ୍ରାଇଡ୍ ମ୍ୟାଜିକାଲ୍ ରନ୍‌ୱେ ଆଦିରେ ମଧ୍ୟ କାର୍ଯ୍ୟ କରି ମଡେଲିଂରେ ଥିବା ନିଜ ଦକ୍ଷତା ପ୍ରଦର୍ଶନ କରିସାରିଛନ୍ତି। ବର୍ତ୍ତମାନ ସେ ଏମ୍‌ଟିଭିରେ ପ୍ରସାରିତ ରିଆଲିଟି ଶୋ' ସୁପର ମଡେଲ୍ ସିଜନ୍–୨ରେ ଶ୍ରେଷ୍ଠ ୯ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ଅଛନ୍ତି। ସେ ଏକମାତ୍ର ଓଡ଼ିଆ ଝିଅ ଭାବେ ଏହି ଶୋ'ରେ ଅଂଶଗ୍ରହଣ କରି ନିଜ ରାଜ୍ୟର ବିଭିନ୍ନ ପାରମ୍ପରିକ ପୋଷାକକୁ ଫ୍ୟାଶନ୍ ଦୁନିଆରେ ସାମିଲ୍ କରିବାର ପ୍ରଚେଷ୍ଟା ଚଳାଇଛନ୍ତି। ସେ କୁହନ୍ତି, 'ବାପା ପେସାରେ ଜଣେ ବ୍ୟାଙ୍କର୍ ହୋଇଥିବାରୁ ଓଡ଼ିଶାର ବିଭିନ୍ନ ଜିଲା ସମେତ ହାଇଦ୍ରାବାଦ, ରାୟପୁର ସହ ଦେଶର ବିଭିନ୍ନ ସ୍ଥାନରେ ରହିଛି, ଯାହାଦ୍ୱାରା ବିଭିନ୍ନ ସ୍ଥାନର ନୃତ୍ୟଶୈଳୀ ଶିଖିବା ସହ ନିଜ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ମିଳିଛି। ବିଭିନ୍ନ ନ୍ୟାଶନାଲ୍ ଚ୍ୟାନେଲ୍‌ରେ ପ୍ରସାରିତ ଶୋ'ଗୁଡ଼ିକରେ ଅଂଶଗ୍ରହଣ କରି ଯେତିକି ସଫଳତା ନ ପାଇଛି ତା'ଠାରୁ ଯଥେଷ୍ଟ ଅଧିକ ଶିଖିବାର ମଉକା ପାଇଛି। ତେବେ ଏ ସବୁ ମଧ୍ୟରେ ବର୍ତ୍ତମାନ ଅଂଶଗ୍ରହଣ କରିଥିବା ଶୋ'ରେ ରଙ୍ଗବତୀ ଗୀତରେ ଷ୍ଟେଜ୍ ଉପରେ ମଲାଇକା ଅରୋରା, ମିଲିନ୍ଦ ସୋମନ୍, ଅନୁଶା ଦାଣ୍ଡେକର ଭଳି ସେଲିବ୍ରିଟି ଜଜ୍‌ଙ୍କ ସହ ଡ୍ୟାନ୍ସ କରିବାର ଅନୁଭୂତି ଥିଲା ନିଆରା, ଯାହାର ଭିଡିଓ ଭାଇରାଲ୍ ହେବା ଦ୍ୱାରା ଦର୍ଶକଙ୍କଠାରୁ ମିଳିଥିବା ପ୍ରଶଂସା କୌଣସି ପୁରସ୍କାର ଠାରୁ କମ୍ ନ ଥିଲା।' ନିଜର ପ୍ରତ୍ୟେକ ସଫଳତା ପଛରେ ମା'ବାପାଙ୍କୁ ପ୍ରେରଣାର ଉତ୍ସ ମାନୁଥିବା ସ୍ୱପ୍ନା ଭବିଷ୍ୟତରେ ଜଣେ ଇଣ୍ଟରନ୍ୟାଶନାଲ ମଡେଲ୍ ହେବାର ଲକ୍ଷ୍ୟ ରଖିଛନ୍ତି।

– ପୌର୍ଣ୍ଣମାସୀ



ସ୍ୱପ୍ନା ପ୍ରିୟଦର୍ଶିନୀ



# ମନ୍ସୁନ୍ ଟ୍ରିପ୍

**ବର୍ଷାକୁ କାହାର ବା ଅପେକ୍ଷା ନ ଥାଏ। ସେ ଖରାରେ ଶୁଖି ଶୁଖି ଫାଟି ଆଁ କରିଥିବା ଟାଙ୍ଗରା ଭୂଇଁ ହେଉ କି ଗରମ ଗୁଳୁଗୁଳିରେ ଅତିଷ୍ଠ ହୋଇ ପଡ଼ିଥିବା ଜୀବଜଗତ, ସଭିଏଁ ଆତ୍ମସନ୍ତୋଷ ଲାଭ କରନ୍ତି ଅସରାଏ ବର୍ଷାର ସ୍ପର୍ଶରେ। ଆଉ ଏହି ବର୍ଷାରେ ବି ବୁଲିବାକୁ ଭଲ ପାଆନ୍ତି ଅନେକେ । ଯାହା ମଧ୍ୟରେ ଯୁବପିଢ଼ିଙ୍କ ସଂଖ୍ୟା ସର୍ବାଧିକ । ଆଉ ଏହି ନିଶାରେ ନା ଥାଏ ସେମାନଙ୍କୁ ଭିଜିବାର ଡର ନା ସ୍ୱାସ୍ଥ୍ୟ ସମସ୍ୟାକୁ ଖାତିର...**





ଥଣ୍ଡା ଥଣ୍ଡା ପବନ ସାଙ୍ଗକୁ ବର୍ଷା ଛିଟା, ଦେହ ଆଉ ମନରେ ଭରିଦିଏ ଅପୂର୍ବ ଆନନ୍ଦ। ଏମିତି ପାଗରେ ସାଙ୍ଗସାଥିଙ୍କ ସହ ଏକାଠି ବୁଲିବାର ମଜା ନେବାରେ ସବୁଠୁ ଆଗରେ ଯୁବପିଢି। ହେଲେ କେବେ କେବେ ଏହି ମଜା ଅନେକଙ୍କ ଲାଗି ସଜା ପାଲଟିଯାଏ। ତେଣୁ ମନ୍ସୁନ୍ ଟ୍ରିପ୍‌ରେ ଯିବା ବେଳେ ବିଶେଷକରି ଏହି କରୋନା କାଳରେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସଜାଗ ରହିବା ବେଶ୍ ଗୁରୁତ୍ୱପୂର୍ଣ୍ଣ...

**ପାଖରେ ରଖନ୍ତୁ ଏମର୍ଜେନ୍ସି କିଟ୍:** ରେନି ଡେ' ଟ୍ରିପ୍‌ରେ ଯାଉଥିଲେ ସାଙ୍ଗରେ ଅଧିକ ଦୁଇ ତିନି ହଳ ଶୁଖିଲା ଡ୍ରେସ୍, ଟାୱାଲ ଆଦି ନିଶ୍ଚୟ ରଖନ୍ତୁ। ଯାହାଦ୍ୱାରା ହଠାତ୍ ଓଦା ହୋଇଗଲେ ତୁରନ୍ତ ବଦଳାଇ ଶୁଖିଲା ପୋଷାକ ପିନ୍ଧିପାରିବେ। ବୁଲିବା ବେଳେ କଟନ, ଜିନ୍ସ ଆଦି ଭଳି ଭାରି ପୋଷାକ ପରିବର୍ତ୍ତେ ଶୀଘ୍ର ଶୁଖିପାରୁଥିବା ଭଳି ହାଲୁକା ସିନ୍ଥେଟିକ୍ ପୋଷାକ ବ୍ୟବହାର କରନ୍ତୁ । ପାଖରେ ଛତା, ରେନିକୋଟ୍ ଆଦି ମଧ୍ୟ ରଖିବାକୁ ଭୁଲନ୍ତୁ ନାହିଁ। ବର୍ଷା ସଂସ୍ପର୍ଶରେ ଆସିବା ଦ୍ୱାରା ଅନେକଙ୍କୁ ଥଣ୍ଡା, କାଶ ଜ୍ୱର ଭଳି ସମସ୍ୟା ଦେଖାଦେଇଥାଏ। ତେଣୁ ମନ୍ସୁନ୍ ଟ୍ରିପ୍‌ରେ ଥିବା ବେଳେ ହଠାତ୍ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ ସଙ୍ଗେ ସଙ୍ଗେ ମେଡିକାଲ ସୁବିଧା ପାଇବା କଷ୍ଟ କର ହୋଇଥିବାରୁ ସାଙ୍ଗରେ ମେଡିକାଲ କିଟ୍ସ। ବର୍ତ୍ତମାନ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ମାସ୍କ, ସାନିଟାଇଜର ଆଦି ମଧ୍ୟ ରଖିବା ନିହାତି ଆବଶ୍ୟକ।

**ଖାଦ୍ୟ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦିଅନ୍ତୁ:** ବାହାରେ ରାନ୍ଧି ଖାଇବାରେ ଯୁବପିଢିଙ୍କୁ ମିଳିଥାଏ ଖୁବ୍ ଆନନ୍ଦ। ହେଲେ ମନ୍ସୁନ୍ ଟ୍ରିପ୍‌ରେ ଯାଇଥିଲେ ବେଳେ ବେଳେ ପ୍ରବଳ ବର୍ଷା ପବନ ଯୋଗୁ ବାହାରେ ରାନ୍ଧିବା ହୋଇଯାଏ ମୁସ୍କିଲ୍। ଆଉ ଏଭଳି ପରିସ୍ଥିତିରେ ଯଦି ଆଖ ପାଖରେ ହୋଟେଲ୍ ନ ଥାଏ କିମ୍ବା ବର୍ଷା ପାଇଁ କଷ୍ଟମର ନ ଆସିବାକରୁ ହୋଟେଲ୍ ବନ୍ଦ ଥାଏ ତେବେ ଭୋକରେ ରହିବାକୁ ପଡ଼ିଥାଏ। ଏ ପରିସ୍ଥିତି ଯେପରି ନ ଉପୁଜେ ସେଥିପାଇଁ ବିକଳ୍ପ ବ୍ୟବସ୍ଥା ଅର୍ଥାତ୍ କିଛି ଶୁଖିଲା ଖାଦ୍ୟ ପାଖରେ ନିଶ୍ଚୟ ରଖନ୍ତୁ। ତା'ଛଡ଼ା ଏଦିନେ ସାଧାରଣତଃ ପାଣି ଅପରିଷ୍କାର ରହୁଥିବା ବିଭିନ୍ନ ରୋଗ ସଂକ୍ରମଣର ଆଶଙ୍କା ବୃଦ୍ଧି ପାଇଥାଏ। ତେଣୁ ପାଖରେ ପାଣି ବୋତଲ ରଖନ୍ତୁ। ରାସ୍ତାକଡ଼ରେ ମିଳୁଥିବା ଖାଦ୍ୟରେ ଅସଂଖ୍ୟ ମାଛି ଏବଂ ରୋଗଜୀବାଣୁ ହେଉଥିବାରୁ ଯଥାସମ୍ଭବ ଏହାଠାରୁ ଦୂରେଇ ରୁହନ୍ତୁ।

**ଦୁଃସାହସିକ କାର୍ଯ୍ୟଠୁ ଦୂରେଇ ରୁହନ୍ତୁ:** ଯୁବପିଢି ସର୍ବଦା ବିଭିନ୍ନ ଦୁଃସାହସିକ କାର୍ଯ୍ୟ କରି ଏହାର ମଜା ନେବାକୁ ଆଗଭର। ହେଲେ ବର୍ଷାଦିନ ଏଥିପାଇଁ ଆଦୌ ଅନୁକୂଳ ନୁହେଁ। ଏଦିନେ ବୁଲିବାକୁ ଯାଉଥିଲେ ରିଭର ରାଫ୍ଟିଙ୍ଗ୍, ବୋଟିଂ ଆଦି ନ କରିବା ଭଲ। କାରଣ ବର୍ଷାରେ ନଈ ପାଣିର ସ୍ରୋତ କ୍ଷୀପ୍ର ଥିବାରୁ ଦୁର୍ଘଟଣା ଘଟିବାର ଆଶଙ୍କା ବେଶି।

ପାହାଡ଼ ଚଢା ବା ହିଲ୍ ଟ୍ରାକିଂରେ ରୁଚି ରଖନ୍ତି ତେବେ ଏଦିନେ ଏପରି କରିବା ବିପଜ୍ଜନକ। କାରଣ ଏହିଦିନେ ବର୍ଷା ଯୋଗୁ ପାହାଡିଆ ପଥର ଚଟାଣଗୁଡିକରେ ଶିଉଳି ହୋଇ ଗୋଡ ଖସିଯିବାର ଆଶଙ୍କା ଅଧିକ। ସେହିପରି ସମୁଦ୍ରକୂଳ ବୁଲିଯାଉଥିଲେ ସତର୍କତା ଅବଲମ୍ବନ କରନ୍ତୁ। ଏଦିନେ ଅନେକ ସମୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ଗାଧୋଇବା କିମ୍ବା ଲହଡି ଭାଙ୍ଗିବା ସୁରକ୍ଷା ଦୃଷ୍ଟିରୁ ଆଦୌ ଠିକ୍ ନୁହେଁ।

**ବାଛନ୍ତୁ ନିରାପଦ ସ୍ଥାନ:** ହିଲ୍ ଷ୍ଟେଶନ୍ ବୁଲିବାକୁ ଅନେକେ ଭଲ ପାଆନ୍ତି। ହେଲେ ମନ୍ସୁନ୍ ଟ୍ରିପ୍ ପାଇଁ ଏହା ଆଦୌ ନିରାପଦ ନୁହେଁ। କାରଣ ବର୍ଷା ପାଣିରେ ପାହାଡିଆ ଘାଟି ରାସ୍ତା ଗୁଡିକ ଖସଡା ହୋଇ ରହିଥାଏ। ତେଣୁ ଗାଡି ଚଳାଇବା ବେଳେ ବିଶେଷ ଧ୍ୟାନ ରଖିବା ଆବଶ୍ୟକ। ତା'ଛଡ଼ା ଏଦିନେ ବଣ ବୁଦା ଅଧିକ ଘଞ୍ଚ ହୋଇଯିବା ସହ ବିଷଧର କୀଟ, ପତଙ୍ଗ ଏବଂ ସାପ ଆଦିଙ୍କ ସଂଖ୍ୟା ବଢିଯାଇଥାଏ। କେବଳ ଏତିକି ନୁହେଁ ଏଦିନେ ଅନେକ ପାହାଡିଆ ନଈଗୁଡିକରେ ହଠାତ୍ ପାଣି ଭର୍ତ୍ତି ହୋଇଯିବା ଏବଂ ପୋଲ ଉପରେ ପାଣି ଚାଲିବା କିମ୍ବା ଭାଙ୍ଗିଯିବା କାରଣରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯିବା ଭଳି ଘଟଣା ଦେଖିବାକୁ ମିଳିଥାଏ। ତେଣୁ ମନ୍ସୁନ୍ ଟ୍ରିପ୍ ପାଇଁ ଏଭଳି ସ୍ଥାନ ନ ବାଛିବା ଭଲ। ତଥାପି ଯଦି ଯିବାକୁ ପ୍ଲାନ୍ କରୁଛନ୍ତି ତେବେ ଆବଶ୍ୟକ ସତର୍କତା ଅବଲମ୍ବନ କରିବା ସହିତ ଗାଇଡ୍‌ଙ୍କୁ ସାଙ୍ଗରେ ନିଶ୍ଚୟ ନିଅନ୍ତୁ।

**ଫଟୋ, ଭିଡିଓ ନେବା ବେଳେ ରୁହନ୍ତୁ ସତର୍କ:** ବିଭିନ୍ନ ବିପଦପୂର୍ଣ୍ଣ ସ୍ଥାନରେ ଠିଆ ହୋଇ ସେଲ୍ଫି ନେବା ଯୋଗୁ ଅନେକଙ୍କ ପ୍ରାଣହାନି ଘଟୁଥିବାର ନଜିର ରହିଛି। ବିଶେଷକରି ବର୍ଷାଦିନେ ପାଣି, କାଦୁଅ ଏବଂ ଶିଉଳିରେ ଗୋଡ ଖସି ଦୁର୍ଘଟଣା ଘଟିବାର ଆଶଙ୍କା ଅଧିକ ଥିବାରୁ ନଈକୂଳ, ପଥର, ପାହାଡ, ଡଙ୍ଗା ଆଦି ସ୍ଥାନରେ ଠିଆ ହୋଇ ଫଟୋ, ଭିଡିଓ ଆଦି ନ ନେବା ଭଲ।

**ଇଲେକଟ୍ରୋନିକ୍ସ ସାମଗ୍ରୀକୁ ଯତ୍ନରେ ରଖନ୍ତୁ:** ଏଦିନେ ଅନେକ ସ୍ଥାନରେ ବର୍ଷାଯୋଗୁ ବିଦ୍ୟୁତ କାଟ୍ ହେଉଥିବାରୁ ମୋବାଇଲ୍ ବ୍ୟାଟେରି ଲୋ ହୋଇଗଲେ ଚାର୍ଜ କରିବା ଅସମ୍ଭବ ହୋଇପଡେ। ତେଣୁ ପରିବାର ସହିତ ଯୋଗାଯୋଗ ରଖିବା ଲାଗି ମୋବାଇଲ୍‌ର ଚାର୍ଜ ଯେପରି କମି ନ ଯାଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ। କେବଳ ଏତିକି ନୁହେଁ ଏହା ସହିତ ସାଙ୍ଗରେ କ୍ୟାମେରା, ମ୍ୟୁଜିକ ପ୍ଲେୟାର ଭଳି ଇଲେକ୍ଟ୍ରୋନିକ୍ ସାମଗ୍ରୀ ନେଉଥିଲେ ଏହା ଯେପରି ପାଣି ସଂସ୍ପର୍ଶରେ ଆସି ଖରାପ ନ ହୋଇଯାଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ।



## ଯାହା କୁହନ୍ତି ଏମାନେ...



ସୁଜାତା

**ସୁଜାତା ସାହୁ**(ଶିକ୍ଷୟିତ୍ରୀ,ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶିଆଳଝୁଡଙ୍ଗି, ଉକ୍ରେଲା, କଳାହାଣ୍ଡି)– ବର୍ଷା ଦିନେ ସାଧାରଣତଃ ଆମେ ବାହାରକୁ କମ ଯାତ୍ରା କରିଥାଉ। ତଥାପି ଆମେ ଆମ ସାଙ୍ଗରେ ଆବଶ୍ୟକ ଜିନିଷ ସବୁ ନେବା ଦରକାର। ପାଖରେ କିଛି ଦରକାରୀ ଔଷଧ ସହ ଶୁଖିଲା ଖାଦ୍ୟ ଓ ପାଣି ରଖିବା ନିହାତି ଆବଶ୍ୟକ। ବୁଲିବା ସମୟରେ ପାଖରେ ଯଦି ଛତା ଓ ରେନକୋଟ ଥାଏ, ତେବେ ଆମ ବୁଲିବାର ମଜା ବଢିଯାଏ। ଆଉ ହଁ, ଯେହେତୁ ଏବେ କରୋନା ସମୟ, ଆମକୁ ବେଶି ଗହଳି ସ୍ଥାନଠୁ ମଧ୍ୟ ଦୂରେଇ ରହିବାକୁ ହେବ।



ପ୍ରଦୋଷ

**ପ୍ରଦୋଷ ପ୍ରିୟଦର୍ଶୀ ସାହୁ**(ଫାର୍ମାସି ୨ୟ ବର୍ଷ, ଜେ. ଆଇ.ଟି.ଏମ୍, ବଲାଙ୍ଗୀର)– ମୋ ପାଇଁ ବର୍ଷା ଦିନେ ବାହାରେ ବୁଲିବାର ମଜା ଟିକେ ଅଧିକ ନିଆରା। ସାଙ୍ଗସାଥିମାନଙ୍କ ସହ ମୁଁ ଏହାର ଭରପୂର ମଜା ନିଏ। ତଥାପି ମନରେ ଡର ଥାଏ ବାହାର ଖାଦ୍ୟ ଖାଇବା ଓ ଜ୍ୱରକୁ ନେଇ। ମୁଖ୍ୟତଃ ଏହି ଦିନେ ବୁଲାବୁଲି ସରିବା ପରେ ଆମେ ଜ୍ୱରରେ ପଡିଥାଉ। ସେଥିପାଇଁ ଏଦିନେ ବୁଲିବାକୁ ଗଲେ ଶରୀରର ଯତ୍ନ ନେବାକୁ ହେବ। ବାହାର ଖାଦ୍ୟଠାରୁ ଯେତେ ଦୂର ସମ୍ଭବ ଦୂରେଇ ରହିବା ହିଁ ଆମ ପାଇଁ ଭଲ। ଏହା ସହ କରୋନାର ସମସ୍ତ ନିୟମାବଳୀକୁ ମଧ୍ୟ ମାନିବାକୁ ପଡିବ।



ଶୁଭଙ୍କର

**ଶୁଭଙ୍କର ଜେନା**(ଭୁବନେଶ୍ୱର)– ବର୍ଷା ଦିନେ ଚାରିଆଡ଼େ ଖାଲି ବର୍ଷା, ପବନ ଓ ସନ୍ତସନ୍ତିଆ ପାଗ ଥାଏ। ତେଣୁ ଏହି ଋତୁରେ ଶରୀର ଅସୁସ୍ଥ ହେବାର ଅନେକଗୁଡ଼ିଏ କାରଣ ରହିଛି। ତେବେ ଏହା ପ୍ରତି ଆମେ ଯତ୍ନବାନ ହେବ ଆବଶ୍ୟକ। ବର୍ଷା ଦିନେ ବାହାରକୁ ଗଲେ ରାସ୍ତାକଡ଼ ଖାଦ୍ୟ ଖାଇବା ଅନୁଚିତ। ବିଶେଷ କରି ରାସ୍ତା କଡ଼ରେ ମିଳୁଥିବା ଦୋକାନମାନଙ୍କରେ ତେଲଭାଜି ଖାଇବା ଦ୍ୱାରା ଶରୀର ଅସୁସ୍ଥ ହେବାର ବହୁ ଆଶଙ୍କା ରହିଛି। ଏବେ କରୋନା କାଳ ଚାଲିଥିବାରୁ ବର୍ଷା ଦିନେ ବାହାରେ ବୁଲିବା ବା ଭିଜିବା ଆମ ପାଇଁ ବିପଦଜନକ ହୋଇପାରେ, ଯାହାକୁ ଅଖିଆଗରେ ରଖି ବାହାରକୁ ବାହାରିଲେ ଛତା କିମ୍ବା ରେନିକୋଟ ନେବା ସହ ଜନଗହଳିପୂର୍ଣ୍ଣ ଜାଗାଠୁ ଦୂରେଇ ରହୁଛି। ସର୍ବଦା ମାସ୍କ ବ୍ୟବହାର କରୁଛି ଏବଂ ସାନିଟାଇଜର ପାଖରେ ରଖିବାକୁ ଆଦୌ ଭୁଲୁନି।



ଉପମା

**ଉପମା ଦତ୍ତ**(ବାଲେଶ୍ୱର, ଭୋଗରାଇ )–ବର୍ଷା ଦିନରେ ବୁଲିବାକୁ ଭଲଲାଗେ। ହେଲେ ଏବେ ଆମକୁ କରୋନା ପାଇଁ ସତର୍କତା ପ୍ରତି ଦୃଷ୍ଟି ଦେବାକୁ ପଡିବ। ପ୍ରାୟତଃ ବର୍ଷା ଦିନରେ ଥଣ୍ଡା, କାଶ, ଜ୍ୱର ଭଳି ବିଭିନ୍ନ ଭାଇରସ ଜନିତ ରୋଗ ହୋଇଥାଏ। ତେଣୁ ବର୍ଷା ଦିନରେ ବାହାରକୁ ବାହାରିଲେ ପ୍ରଥମେ ସାନିଟାଇଜର ଏବଂ ମାସ୍କ ନେଇଥାଏ। ବର୍ଷା ଦିନେ ରାସ୍ତାରେ ଅପରିଷ୍କାର ପାଣି ଜମେ, ନାଳ ନର୍ଦ୍ଦମା ଭର୍ତ୍ତି ହୋଇ ରାସ୍ତା ଉପରକୁ ପାଣି ମାଡ଼ି ଆସେ, ତେଣୁ ସେ ପାଣିରେ ଓଦା ହୋଇ ଯେପରି ସ୍ୱାସ୍ଥ୍ୟ ସମସ୍ୟା ନ ଉପୁଜେ ସେଥିପ୍ରତି ଯତ୍ନଶୀଳ ରୁହେ। ସେହିପରି ଆମେ ମାର୍କେଟ କିମ୍ବା ଜନଗହଳିପୂର୍ଣ୍ଣ ଜାଗାକୁ ଯିବା ବେଳେ ସାମାଜିକ ଦୂରତା ବଜାଇ ରଖେ। ଏହା ବ୍ୟତୀତ ଦୂର ସ୍ଥାନକୁ ବୁଲିବାକୁ ଗଲେ ସାଙ୍ଗରେ ଆବଶ୍ୟକ ପୋଷାକ, ଖାଦ୍ୟ, ମେଡିକାଲ୍ କିଟ୍ ଆଦି ରଖେ। ଏଦିନେ ଚାରିଆଡେ ପାଣି କାଦୁଅ ଯୋଗୁ ଖସଡା ଥିବାରୁ ସୁରକ୍ଷା ଦୃଷ୍ଟିରୁ ପାହାଡିଆ କିମ୍ବା ଗଭୀର ନଦୀ, ଝରଣା ଆଦି ସ୍ଥାନକୁ ଯାଇ ନ ଥାଏ।

### ଜାଣନ୍ତୁ ଦୁନିଆ

## ମୃତ୍ୟୁର ସହର



**ସାରା ପୃଥିବୀରେ ଅନେକ ସହର ରହିଛି, ହେଲେ ଏମିତି ବି କିଛି ସହର ରହିଛି ଯେଉଁଠି ସର୍ବଦା ଥାଏ ମୃତ୍ୟୁର ଭୟ। ସେଠାରେ କେଉଁ ମୁହୂର୍ତ୍ତରେ କିଏ କାହାକୁ ଏବଂ କେଉଁ କାରଣରୁ ହତ୍ୟା କରିଛି ଜାଣିବା ଆଗରୁ ଶୁଣିବାକୁ ମିଳେ ଆଉ ଏକ ହତ୍ୟା ଘଟଣା। ଆସନ୍ତୁ ଜାଣିବା ସର୍ବାଧିକ ହତ୍ୟା ଘଟଣା ଦେଖିବାକୁ ମିଳୁଥିବା ଏଭଳି ଏକ ସହର ଲସ୍ କ୍ୟାବସ୍ ସମ୍ପର୍କରେ...**

ମେକ୍ସିକୋରେ ଥିବା ଏହି ସହରଟି ଖୁବ୍ ସୁନ୍ଦର। ହେଲେ ଅନେକ ବିଳାସପୂର୍ଣ୍ଣ ହୋଟେଲ୍, ଆକର୍ଷଣୀୟ ରେଷ୍ଟୁରାଣ୍ଟ ଏବଂ ଘର ଥିଲେ ସୁଦ୍ଧା ଏ ସହରରେ ରହିବା ବିପଦପୂର୍ଣ୍ଣ। କାରଣ ଏଠାରେ ପ୍ରତି ଏକ ଲକ୍ଷରେ ୧୧୧.୩୩ ପ୍ରତିଶତ ଲୋକଙ୍କ ମୃତ୍ୟୁ ଘଟିଥାଏ ହତ୍ୟା କାରଣରୁ। ଯେଉଁଥିପାଇଁ ନିକଟରେ ଏହାକୁ ପୃଥିବୀର ସବୁଠାରୁ ବିପଦପୂର୍ଣ୍ଣ ସହର ବୋଲି ଘୋଷଣା କରାଯାଇଛି। ଏଠାରେ ଥିବା ସମୁଦ୍ର ବେଳାଭୂମିରେ ଅନେକ ସ୍ଥାନରେ ଦେଖିବାକୁ ମିଳେ ରକ୍ତ ଛିଟା, ଯେଉଁଥିପାଇଁ ଏହାକୁ ମର୍ଡର ବିଚ୍ ବୋଲି ମଧ୍ୟ କୁହାଯାଏ। କେବଳ ଏତିକି ନୁହେଁ ସେଠାରେ ଥିବା ବ୍ରିଜ୍‌ଗୁଡ଼ିକରେ ଅନେକ ସମୟରେ ଝୁଲନ୍ତା ଶବଗୁଡ଼ିକ ମଧ୍ୟ ଦେଖିବାକୁ ଭୟ ଲାଗିଥାଏ। ତେବେ ସେଠାରେ ଥିବା ବହୁ ସଂଖ୍ୟାରେ ଡ୍ରଗ୍ ଗ୍ୟାଙ୍ଗ୍‌ମାନଙ୍କ ମଧ୍ୟରେ ଗଣ୍ଡଗୋଳ ଏଭଳି କ୍ରାଇମ୍ ପଛର ମୂଳ କାରଣ ବୋଲି ଅନୁମାନ କରାଯାଇଥାଏ।

## ୫ ପଜିଟିଭ ଚିହ୍ନଟ

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲାରୁ ଶନିବାର ୫ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୨୧୨ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଣ୍ଟଁରପାଳ ବ୍ଲକର ୨, ତାଳଚେର ପୌରାଞ୍ଚଳର ୨ ଏବଂ ତାଳଚେର ବ୍ଲକର ଜଣେ ଅଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୧୬ ଜଣ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ୨ଦିନିଆ ରିମାଣ୍ଡରେ ଆସିଲେ ଠକ ଦମ୍ପତି

**ଅନୁଗୋଳ ଅଫିସ, ୧୧।୯**

■ ୨୦୧୭ରୁ ଆରମ୍ଭ କରିଥିଲେ ନେଟୱର୍କ
■ ସମ୍ପତ୍ତି ବିଷୟରେ ମୁହଁ ଖୋଲିଲେନି
■ ଖୋଜା ଚାଲିଛି ମଧ୍ୟସ୍ଥଙ୍କ ତାଲିକା
■ ତାଲିକା ମିଳିଲେ ଜବତ ହେବ ସମ୍ପତ୍ତି

ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ୧୩୦୦ ଆଶାୟୀଙ୍କୁ ଚାକିରି କରାଇଦେବାକୁ କହି ୨୦ କୋଟି ଟଙ୍କା ଠକି ନେଇଥିବା ବଙ୍ଗୀୟ ଦମ୍ପତି ଚୈତାଳୀ ମୁଖାର୍ଜୀ ଏବଂ ମ୍ରିଗାଙ୍କ ଗୁପ୍ତାଙ୍କୁ ଅନୁଗୋଳ ପୋଲିସ ଶନିବାର ୨ଦିନିଆ ରିମାଣ୍ଡରେ ଆଣିଛି। ଯୁବ ଆଇପିଏସ୍ ଅଧିକାରୀ ତଥା ତାଳଚେର ଏସ୍‌ଡିପିଓ ନୀତେଶ ୱାଦୱାନୀଙ୍କ ନେତୃତ୍ୱରେ ଉଭୟଙ୍କୁ ମାରାଥନ୍ ଜେରା ଚାଲିଛି। ପ୍ରଥମେ ପୋଲିସ ଅଧିକାରୀଙ୍କୁ ଫାଙ୍କିବାକୁ ଚେଷ୍ଟା କରୁଥିବା ଅଭିଯୁକ୍ତ ଦମ୍ପତି ପଚରାଉଚୁରା ବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓକାଳିଛନ୍ତି। କିନ୍ତୁ ଆଦାୟ କରାଯାଇଥିବା ଟଙ୍କା ଏବଂ ଗଚ୍ଛିତ ସମ୍ପତ୍ତି ବିଷୟରେ ମୁହଁ ଖୋଲିନାହାନ୍ତି। ଏହି ହାଇପ୍ରୋଫାଇଲ୍ ଠକେଇ ଘଟଣାର ମାଷ୍ଟର ମାଇଣ୍ଡ ଦମ୍ପତିଙ୍କୁ ଆବଶ୍ୟକ ପଡ଼ିଲେ ଏସ୍‌ପି ଜଗମୋହନ ମୀନା ପଚରାଉଚୁରା କରିବେ ବୋଲି ଜଣାପଡ଼ିଛି।

ପୋଲିସ ସୂଚନା ଅନୁଯାୟୀ, ପ୍ରଥମରେ ଅଭିଯୁକ୍ତ ଦମ୍ପତି ଦୋଷ ମାନୁ ନ ଥିଲେ। ହେଲେ ମାରାଥନ୍ ଜେରା ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପଦାକୁ ଆସିଥିଲା। ୨୦୧୭ରୁ ଚାକିରି ନାମରେ ଠକେଇ କରିବାକୁ ଯୋଜନା କରିଥିଲେ ଚୈତାଳୀ ଏବଂ ମ୍ରିଗାଙ୍କ। ଏଥିଲାଗି ସେମାନେ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିଥିଲେ। ଅନୁଗୋଳ, ସୁନ୍ଦରଗଡ଼, ସମ୍ବଲପୁର, କେନ୍ଦୁଝର, ଯାଜପୁର ଜିଲାର ଶତାଧିକ ଆଶାୟୀଙ୍କୁ ସେମାନଙ୍କ ଜାଲରେ ଫସାଇବାକୁ ସକ୍ଷମ ହୋଇଥିଲେ। ଅନୁଗୋଳରୁ ୧୦ ଜଣଙ୍କଠାରୁ ଅଭିଯୁକ୍ତ ଦମ୍ପତି ୫୦ ଲକ୍ଷ ଟଙ୍କା ଆଦାୟ କରିଛନ୍ତି। ଏଭଳି କାର୍ଯ୍ୟର ନେଟ୍‌ୱର୍କ ବଢ଼ାଇବାକୁ ସେମାନେ ମଧ୍ୟସ୍ଥ ରଖୁଥିଲେ। ଜଣେ ପିଲା ଯୋଗାଡ଼ କରିବା ଲାଗି ୫୦ ହଜାରରୁ ୧ ଲକ୍ଷ ଟଙ୍କା ଯାଏ ଦେଉଥିଲେ। ଠକେଇ ଟଙ୍କାରେ ବିଳାସମୟ ଜୀବନ ବିତାଉଥିଲେ। ନିଜର ନେଟ୍‌ୱର୍କ ବିସ୍ତାର କରିବା ଲାଗି ସେମାନେ ଭୁବନେଶ୍ୱର ଏବଂ ସୁନ୍ଦରଗଡ଼ରେ ଦୁଇଟି କାର୍ଯ୍ୟାଳୟ ଖୋଲିଥିବା କହୁଥିଲେ। ହେଲେ ଏହା ମିଛ ଥିଲା। ଏଜେଣ୍ଟମାନଙ୍କୁ ନିୟୋଜିତ କରି ଶିକ୍ଷିତ ଯୁବତୀଯୁବକଙ୍କୁ ପ୍ରଲୋଭିତ କରୁଥିଲେ। ନିଯୁକ୍ତି ପ୍ରଦାନ ନାମରେ ଲକ୍ଷାଧିକ ଟଙ୍କା ଆଦାୟ କରୁଥିଲେ। ରାଜ୍ୟ ଓ ରାଜ୍ୟ ବାହାରର କେତେଜଣ ପିଲା ଠକେଇର ଶିକାର ହୋଇଛନ୍ତି, କେତେଜଣ ମଧ୍ୟସ୍ଥ ନିୟୋଜିତ ହୋଇଥିଲେ ସେ ନେଇ ପଚରାଉଚୁରା ଚାଲିଛି। ଅଦ୍ୟାବଧି ଅନୁଗୋଳର ୫ ଥାନାରେ ହୋଇଥିବା ଠକେଇ ଅଭିଯୋଗର ତଦନ୍ତକାରୀ ଅଧିକାରୀ ସେମାନଙ୍କଠାରୁ ତଥ୍ୟ ଆଦାୟ କରିବାରେ ଲାଗିଛନ୍ତି। ତାଳଚେର ଏସ୍‌ଡିପିଓଙ୍କ ସମେତ ଅନୁଗୋଳ ଥାନାଧିକାରୀ ରମେଶ ଚନ୍ଦ୍ର ବିଶୋଇ, କୋଲିୟାରୀ ଥାନାଧିକାରୀ ସବ୍ୟସାଚୀ ରାଉତ, ତାଳଚେର ଏସ୍‌ଆଇ ବିପ୍ଳବ ସାହୁ ମଧ୍ୟ ଜେରା କରିଛନ୍ତି। ଦମ୍ପତିଙ୍କ ସମ୍ପତ୍ତି ଠାବ କରିବା ଚ୍ୟାଲେଞ୍ଜ ପାଲଟିଛି। ସମ୍ପତ୍ତି ଜବତ ହେବା ପରେ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସୂଚନା ମିଳିପାରିବ ବୋଲି ଏସ୍‌ପି ମୀନା କହିଛନ୍ତି।

ସୂଚନାଯୋଗ୍ୟ, ସମ୍ପୃକ୍ତ ଦମ୍ପତି କୋଲକାତାର ଦୁର୍ଗାପୁରରେ ଆତ୍ମଗୋପନ କରିଥିବା ଜଣାପଡ଼ିବା ପରେ ଅନୁଗୋଳ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ଗତ ବୁଧବାର ଗିରଫ କରିଥିଲା। ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ଠକେଇର ଚେର ରାଜ୍ୟ ବାହାରକୁ ଲମ୍ବିଥିବାରୁ ଅଧିକ ତଥ୍ୟ ହାସଲ କରିବାକୁ ଅଭିଯୁକ୍ତଙ୍କୁ ୨ ଦିନିଆ ରିମାଣ୍ଡରେ ଆଣିବାକୁ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ପୋଲିସ ଆବେଦନ କରିଥିଲା।


ରିମାଣ୍ଡରେ ଆସିଥିବା ଠକ ଦମ୍ପତି।

## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଜବତ

ବଇଣ୍ଡା,୧୧।୯(ଡି.ଏନ୍.ଏ.)-ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରୁ ଶନିବାର ଠାକୁରଗଡ଼ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ କିଶୋରନଗର ଥାନା ବରଡ଼ାମଲିହା ଗ୍ରାମର ପି.ସି. ଜେନା ନାୟକ (୨୫)। ପୋଲିସ କହିଛି, ଯୁବକ ଜଣକ ତାଙ୍କ ଶ୍ୱଶୁର ଘର ଆମ୍ବସରମୁଣ୍ଡା ଗ୍ରାମକୁ ଆସିଥିବାବେଳେ ଶନିବାର ସକାଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଚିକିତ୍ସା ପାଇଁ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ନଂ. ୫/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଯୁବତୀଙ୍କୁ ବଳାତ୍କାର କରି ଯୁବକ ଗିରଫ

ଆଠମଲ୍ଲିକ, ୧୧।୯(ଡି.ଏନ୍.ଏ.)-ସମ୍ପର୍କୀୟା ଭଉଣୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ଆଠମଲ୍ଲିକ ଥାନା ପଦ୍ମପୋଖରୀ ଗ୍ରାମର ପ୍ରକାଶ ମୁଣ୍ଡା (୨୫)ଙ୍କୁ ଶନିବାର ପୋଲିସ ଗିରଫ କରିଛି। ଏ ନେଇ ନଂ. ୧୫୫/୨୧ରେ ମାମଲା ରୁଜୁ ହୋଇଛି। ଆଇଆଇସି ନିରୋଦ କୁମାର ଦାସ କହିଛନ୍ତି, ପ୍ରକାଶ ଶୁକ୍ରବାର କୌଶଳକ୍ରମେ ଯୁବତୀଙ୍କୁ ଡାକି ଆଣି ଏକ ଜଙ୍ଗଲିଆ ସ୍ଥାନରେ ବଳାତ୍କାର କରିଥିଲେ। ଏ ନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଶନିବାର ଥାନାରେ ଏତଲା ଦିଆଯାଇଥିଲା।

### ବସ୍ ଦୁର୍ଘଟଣାଗ୍ରସ୍ତ, ୧୦ ଗୁରୁତର

**ବଇଣ୍ଡା,୧୧।୯(ଡି.ଏନ୍.ଏ.):** କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ କିଶୋରନଗର ଥାନା ଅନ୍ତର୍ଗତ ସୁସବଠାରେ ଶନିବାର ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୧୦ ଜଣ ଯାତ୍ରୀ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଘରୋଇ ବସ୍ 'ସୁଶ୍ରୀ' ସମ୍ବଲପୁର ଅଞ୍ଚଳରୁ ଆସୁଥିବାବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲା। ପୋଲିସ ପହଞ୍ଚି ଗାଡ଼ି ଜବତ କରି ତଦନ୍ତ ଚଳାଇଛି।

### କ୍ୟାବିନକୁ ଧକ୍କା ଦେଲା କାର୍

**ଅନୁଗୋଳ ଅଫିସ, ୧୨।୯**-ଅନୁଗୋଳ ହାଟଛକ ଶିବ ମନ୍ଦିର ନିକଟରେ ଭାରସାମ୍ୟ ହରାଇ ଏକ କାର୍ (ନଂ. ଓଡ଼ି ୧୦ ଇ ୩୧୯୧) ଦୁର୍ଘଟଣାଗ୍ରସ୍ତ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଉକ୍ତ କାର ଖଲାରୀରୁ ଅନୁଗୋଳ ଅଭିମୁଖେ ଆସୁଥିବାବେଳେ ଏକ ଉଠା ଦୋକାନକୁ ଧକ୍କା ଦେଇ ଜଳସେଚନ ପାଚେରିରେ ପିଟି ହୋଇ ଓଲଟି ପଡ଼ିଥିଲା। କାରରେ ବସିଥିବା ଯୁବକମାନେ ମଦ୍ୟପାନ କରି ଗାଡ଼ି ଚଳାଉଥିବାରୁ ଦୁର୍ଘଟଣା ଘଟିଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଅନ୍ୟପଟେ ଦୁର୍ଘଟଣା ପରେ କାର୍ ଛାଡ଼ି ଯୁବକମାନେ ଫେରାର ହୋଇଯାଇଛନ୍ତି। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

### ଜଳିଗଲା ନବସନ୍ଧା କାର୍ଯ୍ୟାଳୟ

ଛେଣ୍ଡିପଦା,୧୧।୯(ସ୍ୱ.ପ୍ର.)-ଛେଣ୍ଡିପଦା ତହସିଲ ଅଫିସ ନିକଟରେ ଥିବା ନବସନ୍ଧା କାର୍ଯ୍ୟାଳୟରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ପୋଡ଼ିପାଉଁଶ ହୋଇଯାଇଛି। ଅଫିସରେ ନିଆଁ ଲାଗିଥିବା ଦେଖି ସ୍ଥାନୀୟ ଲୋକ ଛେଣ୍ଡିପଦା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ସବୁକିଛି ଛାରଖାର ହୋଇଯାଇଥିଲା। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି।

### ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ଅନୁଗୋଳ ଅଫିସ,୧୧।୯**
ଅନୁଗୋଳ ସହର ମିଶ୍ରପଡ଼ାରେ ରହୁଥିବା ଶ୍ରୀନିବାସ ମିଶ୍ରଙ୍କ ଘରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ସୁନା ମଙ୍ଗଳସୂତ୍ର, ସୁନା ଚେନ୍, ୩ଟି ମୁଦି ଓ ନଗଦ ୨ ହଜାର ଟଙ୍କା ଚୋରି କରି ନେଇଥିବା ଶ୍ରୀନିବାସ ଶନିବାର ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୪୫୯/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଶ୍ରୀନିବାସ ଅସୁସ୍ଥ ହୋଇ ଭୁବନେଶ୍ୱର ଚିକିତ୍ସା ପାଇଁ ଯାଇଥିଲେ। ଶୁକ୍ରବାର ରାତିରେ ଘରକୁ ଆସିବା ପରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏହାପରେ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।


ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନିହଲପ୍ରସାଦ ପଞ୍ଚାୟତ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାମ୍ନାରେ ସାମାନ୍ୟ ବର୍ଷା ହେଲେ ଆଣ୍ଠୁଏ ପାଣି ଜମି କାଦୁଅରେ ଭର୍ତ୍ତି ହୋଇଯାଉଛି। ଏହାର ପ୍ରତିବାଦରେ ଶନିବାର ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ ଧାନତଳି ରୋଇ ଅଭିନବ ପ୍ରତିବାଦ କରିଥିଲେ।

# ବିଦ୍ୟୁତ୍ ଫାଶରେ ଦନ୍ତା ଶିକାର

**ଖମାର, ୧୧।୯(ଡି.ଏନ୍.ଏ.)**

■ ୫ ଦିନ ପୂର୍ବରୁ ମରିଥିବା ଅନୁମାନ
■ ଘଟଣାସ୍ଥଳରେ ବନ ବିଭାଗର ତଦନ୍ତ

ଦେବଗଡ଼ ବନଖଣ୍ଡ ଅନ୍ତର୍ଗତ ଅନୁଗୋଳ ଜିଲା ଖମାର ବନାଞ୍ଚଳ ବଡ଼ଗୁଣ୍ଡ ଖସଡ଼ା ଜଙ୍ଗଲରେ ବିଦ୍ୟୁତ୍ ତାର ବିଛାଇ ଏକ ଦନ୍ତା ହାତୀ ଶିକାର କରାଯାଇଛି। ଆନୁମାନିକ ୫ଦିନ ତଳେ ଏହି ଘଟଣା ଘଟିଥିବାବେଳେ ଶନିବାର ପଦାକୁ ଆସିଛି। ହାତୀର ଗଳିତ ମୃତଦେହ ବ୍ୟବଚ୍ଛେଦ କରିବା ସହ ବନ ବିଭାଗ ଖୋଳତାଡ଼ ଆରମ୍ଭ କରିଛି।

ଖମାର ବନାଞ୍ଚଳ ହାତୀଙ୍କ ପ୍ରାକୃତିକ ଆବାସସ୍ଥଳୀ। ଏହି ହାତୀ ପ୍ରଭାବିତ ଅଞ୍ଚଳରେ ଶିକାରୀଙ୍କ ଉପଦ୍ରବ ନିତିଦିନିଆ ହୋଇଛି। ସଦ୍ୟତମ ଦନ୍ତା ଶିକାର ଘଟଣାରେ ଶିକାରୀମାନେ ପ୍ରାୟ



୧ କି.ମି. ଦୂରରୁ ବିଦ୍ୟୁତ୍ ତାର ବିଛାଇ ଶିକାର କରିଛନ୍ତି। ତେବେ ହାତୀର ଦାନ୍ତ ସୁରକ୍ଷିତ ରହିଛି। ସୂଚନା ପାଇ ବନ କର୍ମଚାରୀ, ପ୍ରାଣୀଧନ ଚିକିତ୍ସକ ପହଞ୍ଚି ତଦନ୍ତ କରିଛନ୍ତି। ଘଟଣାସ୍ଥଳରୁ ବିଦ୍ୟୁତ୍ ତାର, ବୋତଲ ଜବତ କରାଯାଇଛି। ଅନ୍ୟପଟେ ବନ କର୍ମଚାରୀ ଏବଂ ହାତୀ ସ୍କ୍ୱାଡ୍ କର୍ମଚାରୀଙ୍କ ଅବହେଳାରୁ ବନ୍ୟପ୍ରାଣୀ ଶିକାର ବଢ଼ିବାରେ ଲାଗିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଏ ସଂକ୍ରାନ୍ତରେ ଖମାର ରେଞ୍ଜର ଚନ୍ଦ୍ରଶେଖର ଗଡ଼ନାୟକ କୁହନ୍ତି, ଏହି ଘଟଣାର ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚାଲିଛି। ଦେବଗଡ଼ ଡିଏଫ୍‌ଓ କ୍ଷମା ଷଡଙ୍ଗୀ କୁହନ୍ତି, ବିଦ୍ୟୁତ୍ ଫାଶରେ ମରିଥିବା ହାତୀ ପଲରୁ ଅଲଗା ହୋଇ ବୁଲୁଥିଲା। କର୍ମଚାରୀଙ୍କୁ ତା' ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କର୍ମଚାରୀମାନେ ଅବହେଳା କରିଥିବା ଜଣାପଡ଼ିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ନାଲ୍‌କୋ କର୍ମଚାରୀଙ୍କ ପ୍ରତିବାଦ

**ବଣ୍ଟଁରପାଳ,୧୧।୯(ଡି.ଏନ୍.ଏ.)**

ନାଲ୍‌କୋ କର୍ତ୍ତୃପକ୍ଷ ଶ୍ରମିକମାନଙ୍କୁ ଅବହେଳା କରୁଥିବା ଅଭିଯୋଗ ଆଣିଛନ୍ତି ଶ୍ରମିକ ସଙ୍ଗଠନ। ଶନିବାର ନାଲ୍‌କୋ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତାମାନେ ଏହାର ପ୍ରତିବାଦ କରିଛନ୍ତି। ଶ୍ରମିକ ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି ଯେ, ନାଲ୍‌କୋ କର୍ତ୍ତୃପକ୍ଷ ଏକତରଫା ଭାବେ ନାଲ୍‌କୋ ଅଫିସରମାନଙ୍କୁ ଲାପ୍‌ଟପ ପାଇଁ ୯୦ ହଜାର ଟଙ୍କା ଲେଖାଏ ଯୋଗାଇ ଦେଇଛନ୍ତି। ମାତ୍ର ଶ୍ରମିକମାନଙ୍କ ପ୍ରତି ଅବହେଳା କରାଯାଇ କୌଣସି ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯାଉନାହିଁ। କର୍ମଚାରୀଙ୍କୁ ଲାପ୍‌ଟପ ଯୋଗାଇ ଦିଆଯାଇ ନ ଥିବାରୁ ସମସ୍ତ ଶ୍ରମିକ ସଙ୍ଗଠନ ଏହାର ବିରୋଧ କରିଛନ୍ତି। ଏ ଦିଗରେ ପଦକ୍ଷେପ ନ ନେଲେ ଖୁବଶୀଘ୍ର ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ବୈଠକରେ ଆଲୁମିନିୟମ ମଜ୍‌ଦୁର ସଂଘ ସଭାପତି ସୁବାସ ସାହୁ, ସାଧାରଣ ସମ୍ପାଦକ ରମେଶ ବେହେରା, ନେପୁର ସାଧାରଣ ସମ୍ପାଦକ ବୈରାଗୀ ସେଠ, କାର୍ଯ୍ୟକାରୀ ସଭାପତି ମାଙ୍ଗିଲାଲ ସାମଲ, ନେସ୍‌ର ସାଧାରଣ ସମ୍ପାଦକ ନିର୍ମଳ ସାମଲ, ଏନ୍‌ଏସ୍‌ସିୟୁର ସାଧାରଣ ସମ୍ପାଦକ ପରେଶ ଚନ୍ଦ୍ର ଜେନା, କାର୍ଯ୍ୟକାରୀ ସଭାପତି ବିଭବ ଜେନା, ଏନ୍‌ଏନ୍‌ଇୟୁର ପ୍ରଶାନ୍ତ ବେହେରା, ବିଏମ୍‌ଏସ୍ ସାଧାରଣ ସମ୍ପାଦକ ମନୋଜ ଆମାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।


ନାଲ୍‌କୋ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତାମାନେ ପ୍ରତିବାଦ କରୁଛନ୍ତି।

# ୭୦ ୟୁନିଟ୍ ରକ୍ତ ସଂଗ୍ରହ



ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

**ବଇଣ୍ଡା,୧୧।୯(ଡି.ଏନ୍.ଏ.)**

କିଶୋରନଗର ବ୍ଲକ କଣ୍ଟେଇକୋଳିଆ ପଞ୍ଚାୟତ ଇଚ୍ଛାପୁର ବିନାୟକ କ୍ଲବ ଗୃହରେ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଡା. ସତ୍ୟବ୍ରତ ପାଟଜୋଷୀ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ୍ ୭୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଅର୍ଜୁନ କୁମାର ସାହୁ, ସାମାଜିକ କର୍ମୀ ଯୋଗେଶ ବେହେରା, ଭାଗୀରଥି ସାହୁ, ଅରୁଣ ସାହୁ, ଜେନାମଣି ସାହୁ, ବାପୁଜୀ ଦେହୁରୀ, ଅଭୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଖପାଖ ଅଞ୍ଚଳର ଯୁବତୀଯୁବକ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।

# ଗ୍ରାମଦେବୀଙ୍କ ନବାନ୍ନ ପୂଜା


ଗ୍ରାମଦେବୀଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଉଛି।

**କଣିହାଁ,୧୧।୯(ଡି.ଏନ.ଏ)**

କଣିହାଁ ବ୍ଲକର ବିଭିନ୍ନ ଗ୍ରାମରେ ଶନିବାର ଗ୍ରାମଦେବୀଙ୍କ ନବାନ୍ନ ପୂଜା ପାଳିତ ହୋଇଛି। କଟକଣା ଯୋଗୁ ଅଳ୍ପ ସଂଖ୍ୟକ ଶ୍ରଦ୍ଧାଳୁ ଓ କମିଟି ସଦସ୍ୟ ଯୋଗ ଦେଇଥିଲେ। ପୂଜକଙ୍କ ଘରୁ ବିଧି ଅନୁଯାୟୀ ଆଲମ ଅଣାଯିବା ପରେ ପୂଜା କରାଯାଇଥିଲା। ଏହାପରେ ଭୋଗ, ଫଳ, ଫୁଲ ଅର୍ପଣ କରାଯାଇଥିଲା। ଜନ୍ତାଳ ବାଦ୍ୟରେ ପୂଜା ପରେ ନବାନ୍ନ ଅର୍ପଣ ହୋଇଥିଲା। ପୂର୍ବରୁ ବଳି ପ୍ରଥା ବନ୍ଦ ଯୋଗୁ ପଞ୍ଚାମୃତରେ ବିଧି ପାଳନ କରାଯାଇଛି। ବଡହୀରା, କଂସମୁଣ୍ଡା, ମସୁଣିହତା, ବାଲିପଟାଙ୍କ ସମେତ ବଳାଙ୍ଗୀସ୍ଥିତ ମା' ଭୈରବୀ ପୀଠରେ ପୂଜାବିଧି ହୋଇଥିଲା।

# ନରକଙ୍କାଳ ଜବତ

**ଅନୁଗୋଳ ଅଫିସ, ୧୧।୯**

ଅନୁଗୋଳ ଜିଲା ନାଲ୍‌କୋ ଥାନା ଅନ୍ତର୍ଗତ ଗୋପିନାଥପୁର ଗ୍ରାମ ନିକଟରୁ ଏକ ନରକଙ୍କାଳ ପୋଲିସ ଜବତ କରିଛି। ଏ ନେଇ ନାଲକୋ ଥାନାରେ ନଂ. ୯/୨୧ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଥାନାଧିକାରିଣୀ ବିନ୍ଦୁ ବାସିନୀ କହିଛନ୍ତି, ଗୋପିନାଥପୁରରେ କଙ୍କଳା ପଡ଼ିଥିବା ଦେଖିବା କିଛି ଲୋକ ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି କଙ୍କାଳ ଜବତ କରିଥିଲା। କଙ୍କାଳଟି ଜଣେ ପୁରୁଷଙ୍କର ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅନ୍ୟପଟେ ମୃତକଙ୍କ କୌଣସି ପରିଚୟ ମିଳିପାରି ନାହିଁ। ଏଥିସହିତ କଙ୍କାଳ ନିକଟରୁ ଏକ ହାପ୍ ପ୍ୟାଣ୍ଟ ପୋଲିସ ଜବତ କରିଛି। କଙ୍କାଳ ଜବତ କରିବା ପରେ ଭୁବନେଶ୍ୱରରେ ଥିବା ଏଫଏମ୍‌ଟି ଲ୍ୟାବ୍‌କୁ ପରୀକ୍ଷା ପାଇଁ ପଠାଯାଇଛି ବୋଲି ଥାନା ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି। ସେଠାରୁ ରିପୋର୍ଟ ଆସିବା ପରେ ମୃତକ ସମ୍ପର୍କରେ ସୂଚନା ମିଳିପାରିବ ବୋଲି ସେ କହିଛନ୍ତି।

# ବାର୍‌ହା ମାଂସ ଜବତ, ୩ ଗିରଫ

**ଛେଣ୍ଡିପଦା, ୧୧।୯(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ଅଧିକାରୀମାନେ ଶୁକ୍ରବାର ବିଳମ୍ବିତ ରାତିରେ କଣଲୋଇ ଗ୍ରାମର ଦୁଃଶାସନ ଦେହୁରୀଙ୍କ ଘରେ ଚଢ଼ାଉ କରି ବାର୍‌ହା ମାଂସ ଓ ଚମଡ଼ା ଜବତ କରିଛନ୍ତି। ଏହି ଘଟଣାରେ ୩ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ କଣଲୋଇ ଗ୍ରାମର ଘାସିରାମ ସାହୁ, ଦୁଃଶାସନ ଦେହୁରୀ ଏବଂ ମଙ୍ଗୁଲୁ ମାଝି। ଶିକାରରେ ଜଣେ ସମ୍ପୃକ୍ତ ନ ଥିବା ଜଣାପଡ଼ିଥିବା ପରେ ଅଟକ ଅବଧୂତ ଦେହୁରୀଙ୍କୁ ଛାଡ଼ି ଦିଆଯାଇଛି। ଘାସିରାମ ବାର୍‌ହା ଶିକାର କରିବା ପରେ ଦୁଃଶାସନ ଏବଂ ମଙ୍ଗୁଲୁଙ୍କୁ ଦେଇଥିଲେ। ଏସିଏଫ୍ ରଞ୍ଜନ କୁମାର ବେହେରା ଏବଂ ବନାଞ୍ଚଳ ଅଧିକାରୀ ସଦଳବଳ ଚଢ଼ାଉରେ ସାମିଲ ଥିଲେ।

# ଆର୍‌ଆଇ ଅଫିସରୁ ଚୋରି

**ଛେଣ୍ଡିପଦା, ୧୧।୯(ସ୍ୱ.ପ୍ର.)**

ଛେଣ୍ଡିପଦା ତହସିଲ ଅନ୍ତର୍ଗତ ଜରପଡ଼ା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କ କାର୍ଯ୍ୟାଳୟରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏ ନେଇ ଭାରପ୍ରାପ୍ତ ଆର୍‌ଆଇ ସୁନୀଲ କୁମାର ସ୍ୱାଇଁ ଶନିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏତଲାରେ ଦର୍ଶାଯାଇଛି, ଗୁରୁବାର ସନ୍ଧ୍ୟାରେ କାର୍ଯ୍ୟାଳୟ ବନ୍ଦ କରି ଭାରପ୍ରାପ୍ତ ଆର୍‌ଆଇ ଘରକୁ ଯାଇଥିଲେ। ଶୁକ୍ରବାର ଗଣେଶ ଚତୁର୍ଥୀ ପାଇଁ ଛୁଟିଥିଲା। ଏହାର ସୁଯୋଗରେ ଦୁର୍ବୃତ୍ତମାନେ କାର୍ଯ୍ୟାଳୟ ତାଲା ଭାଙ୍ଗି ନଗଦ ୪ ହଜାର ୨୦୦ଟଙ୍କା, ଏକ ଲାପ୍‌ଟପ ସମେତ ଜରୁରୀ ଆସବାବପତ୍ର ଚୋରି କରି ନେଇଯାଇଛନ୍ତି। ଅଭିଯୋଗ ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଞ୍ଚଳରେ ଚୋରି ବଢୁଥିବାରୁ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଫସଲ ବୀମାରୁ ଚାଷୀ ବାଦ୍

**ବନ୍ତଳା, ୧୧।୯(ଡି.ଏନ.ଏ.)**

ଅନୁଗୋଳ ଜିଲା ସଂଯୁକ୍ତ ସମବାୟ ବ୍ୟାଙ୍କ ଅଧୀନରେ ଥିବା ପୋକତୁଙ୍ଗା ସେବା ସମବାୟ ସମିତିରେ ଚାଷୀଙ୍କୁ ଋଣ ଦେଇ ଫସଲ ବୀମାରୁ ବାଦ୍ ଦିଆଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଶନିବାର ପୋକତୁଙ୍ଗା, ଧୋକୁଟା, ନନ୍ଦପୁର ପଞ୍ଚାୟତର ଚାଷୀଙ୍କ ପ୍ରତିନିଧି ବିଧାୟକ ରଜନୀକାନ୍ତ ସିଂଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। କ୍ଷୀରୋଦ ବାରିକ, ପ୍ରଶାନ୍ତ ସାମଲ, ବୁଲୁ ସାହୁ, ଗିରୀଶ ସାହୁ ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି ଯେ, ସମବାୟ ସମିତି ଅନ୍ତର୍ଗତ ୬୬୨ ଚାଷୀ ପୂର୍ବ ଋଣ ଶୁଝିବା ସହିତ ପୁନର୍ବାର ଋଣ ନେଇଛନ୍ତି। ସମ୍ପୃକ୍ତ ଚାଷୀଙ୍କଠାରୁ ଫସଲ ବୀମା ପାଇଁ ଟଙ୍କା ନେଇ ବୀମାଭୁକ୍ତ କରାଯାଇନାହିଁ। ଏଥିରେ ସମବାୟ ସମିତିର କର୍ମଚାରୀଙ୍କ ହାତ ରହିଛି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଚାଷୀମାନେ କିପରି ବୀମାଭୁକ୍ତ ହୋଇପାରିବେ ସେ ଦିଗରେ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ବିଧାୟକ କହିଛନ୍ତି, ଚାଷୀମାନେ ଯେଉଁଭଳି ବୀମାଭୁକ୍ତ ହୋଇପାରିବେ ସେ ନେଇ ସରକାରଙ୍କୁ ଜଣାଇବେ। ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳଙ୍କୁ ଜଣାଇବେ ବୋଲି ସେ କହିଛନ୍ତି।


CLASSIFIED DISPLAY
MORE SPACE • SAME PRICE
TARIFF — GST 5%

| For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 |
|---|---|---|---|---|---|---|---|
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9471160476 / 8282973756
Whatsapp : 9953557897

KUBER FINANCE
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ
୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9452281017

ବାବା ମୁବାରକ୍ ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mob. 9999268493
Whatsapp: 8902923601

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବିକ୍ରି ହୋଇପାରେ ୟୁରେକା ଫୋର୍ବସ

ଦେଶର ପ୍ରମୁଖ ୱାଟର ପ୍ୟୁରିଫାୟର ଓ ଭାକ୍ୟୁମ କ୍ଲିନର ନିର୍ମାଣକାରୀ କମ୍ପାନୀ ୟୁରେକା ଫୋର୍ବସ ବର୍ତ୍ତମାନ ବିକ୍ରିହେବାକୁ ଯାଉଛି ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ଏହି କମ୍ପାନୀକୁ ଆମେରିକାର ଏକ ଘରୋଇ ଇକ୍ୱିଟି ଫାର୍ମ ଏଡ୍‌ଭେଣ୍ଟ ଇଣ୍ଟରନ୍ୟାଶନାଲ ପ୍ରାୟ ୫ ହଜାର କୋଟି ଟଙ୍କାରେ କ୍ରୟ କରିବ ବୋଲି ସୂଚନା ମିଳିଛି।

## ସଂକ୍ଷେପରେ

### ଗାଡ଼ି ବୀମା କଭର ମହଙ୍ଗା ହୋଇପାରେ

ନୂଆଦିଲ୍ଲୀ,୧୧।୯: ଆଗାମୀ ମାସଗୁଡିକରେ ନୂଆ ଗାଡ଼ି କିଣିବା ୧୦% ମହଙ୍ଗା ହୋଇପାରେ। ବୀମା ପଲିସିର ଡିଜାଇନ ଏବଂ ମୋଟର ବୀମା କଭର ମଡେଲ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ଏଭଳି ଯଦି ନୂଆ ନିୟମ ଆସେ ତେବେ ଗାଡ଼ି ଲାଗି ବୀମା କଭର ନେବା ମହଙ୍ଗା ହେବ। ଯାହାର ପ୍ରଭାବ ଯାନର କ୍ରୟ ଉପରେ ପଡିବ ବୋଲି କୁହାଯାଉଛି। ମାଡ୍ରାସ ହାଇକୋର୍ଟ ନିକଟରେ ଏକ ଶୁଣାଣି କରିଛନ୍ତି। ଏହା ଅନୁସାରେ ଯାନ ମାଲିକ ଏବେ ବମ୍ପର ଟୁ ବମ୍ପର କଭର ନେବା ବାଧତାମୂଳକ ହେବ। ତୃତୀୟ ପକ୍ଷ ବୀମା ପଲିସି ବାଦ୍ ମୋଟର ଅନ୍ ଡ୍ୟାମେଜ ବୀମା ମଧ କ୍ରୟ କରିବାକୁ ପଡିବ। ସହ ଯାତ୍ରୀଙ୍କ ଲାଗି ଦୁର୍ଘଟଣା କଭର ମଧ କ୍ରୟ କରିବାକୁ ହେବ। ଏଗୁଡିକ ଯୋଡିଲେ ଗାଡ଼ି ମାଲିକଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡିବ। ଫଳରେ ଗାଡ଼ି ବୀମା କଭର ମହଙ୍ଗା ହୋଇପାରେ ବୋଲି ଆକଳନ କରାଯାଇଛି।

### ଟିପିସିଓଡିଏଲ୍‌ର ସବୁଜ ଅଭିଯାନ

ଭୁବନେଶ୍ୱର,୧୧।୯: ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଟାଟା ପାୱାରର ଉଚ୍ଚ ପ୍ରଶଂସିତ କ୍ଲବ୍ ଏନର୍ଜି ଓ ବୃକ୍ଷ ମିତ୍ରଙ୍କ ଜରିଆରେ ସବୁଜ ଅଭିଯାନ କାର୍ଯ୍ୟକ୍ରମକୁ ଏହାର କାର୍ଯ୍ୟକ୍ଷେତ୍ରରେ ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନର ପ୍ରସାର କରିବା ଲାଗି ଟିପିସିଓଡିଏଲ୍ ପକ୍ଷରୁ ଜବାହର ନବୋଦୟ ବିଦ୍ୟାଳୟ, ମୁଣ୍ଡଲୀ ଓ କେନ୍ଦ୍ରୀୟ ବିଦ୍ୟାଳୟ-୨, କଟକ ଭଳି ଦୁଇଟି ସ୍କୁଲ ସହିତ ସହଯୋଗିତା ସ୍ଥାପନ କରାଯାଇଛି। ପ୍ରାୟ ୫୦୦ ଛାତ୍ରୀଛାତ୍ରଙ୍କ ଯୋଗଦାନରେ ଶକ୍ତି ସଂରକ୍ଷଣ ମଡ୍ୟୁଲ ଉପରେ ଏକ ଭର୍ଚୁଆଲ୍ ଅଧିବେଶନର ଆୟୋଜନ ମଧ କରାଯାଇଥିବା ଟିପିସିଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଏମ୍. ସେନ୍‌ବାଗମ୍ ସୂଚନା ଦେଇଛନ୍ତି।

# କମିପାରେ ଖାଇବା ତେଲ ମୂଲ୍ୟ

## ସୀମା ଶୁଳ୍କ ହ୍ରାସ କଲେ ସରକାର

ନୂଆଦିଲ୍ଲୀ,୧୧।୯



ଗତ ୧୪ ମାସ ମଧ୍ୟରେ ଭାରତୀୟ ବଜାର ବିଭିନ୍ନ ବର୍ଗର ଖାଇବା ତେଲ ମୂଲ୍ୟ ପ୍ରାୟ ୭୦% ବୃଦ୍ଧି ଘଟିଛି। ଏହାକୁ ନେଇ ବିରୋଧୀ ସରକାରଙ୍କୁ ଘେରିଥିବା ବେଳେ ସରକାର ମଧ ଉକ୍ତ ଘଟଣାକୁ ଗୁରୁତ୍ୱର ସହ ନେଇଥିବା ଜଣାପଡ଼ିଛି। ଗତ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ନିର୍ଦ୍ଦେଶାବଳୀ ଅନୁସାରେ ଅଶୋଧିତ ପାମ୍ ତେଲର ଆମଦାନୀ ଶୁଳ୍କ ୧୦% ହ୍ରାସ କରି ୨.୫% କରାଯାଇଥିବା କୁହାଯାଇଛି। ସେହିପରି ଅଶୋଧିତ ସୋୟା ଓ ସୂର୍ଯ୍ୟମୁଖୀ ତେଲରେ ୭.୫% ଶୁଳ୍କ ହ୍ରାସ କରାଯାଇ ୨.୫ % କରାଯାଇଛି। ଏଥି ସହିତ ବିଶୋଧିତ ଗ୍ରେଡ୍ ପାମୋଲିନ ତେଲ, ସୋୟା ତେଲ ଏବଂ ସୂର୍ଯ୍ୟମୁଖୀ ତେଲ ଉପରେ ମୂଳ ଆମଦାନୀ ଶୁଳ୍କ ୩୭.୫%ରୁ ୩୨.୫%କୁ ଖସି ଆସିଛି। ଆମଦାନୀ ଶୁଳ୍କ ହ୍ରାସ ପରେ ଅଶୋଧିତ ପାମୋଲିନ ତେଲ, ଅଶୋଧିତ ସୋୟା ତେଲ ଏବଂ ସୂର୍ଯ୍ୟମୁଖୀ ତେଲ ଉପରେ ସମୁଦାୟ ୨୪.୭୫% ଟିକସ ଲାଗୁ ହେବ ବୋଲି ଜଣାପଡ଼ିଛି। ଏଥିରେ ୨.୫% ବେସ୍ ଆମଦାନୀ ଶୁଳ୍କ ରହିଥିବା ବେଳେ ଅନ୍ୟାନ୍ୟ ଟ୍ୟାକ୍ସ ମଧ ଅନ୍ତର୍ଭୁକ୍ତ ରହିଛି। ତେବେ ସରକାରଙ୍କ ଏହି ପଦକ୍ଷେପ ଯୋଗୁ ବଜାରରେ ବିଭିନ୍ନ ବର୍ଗର ଖାଇବା ତେଲର ମୂଲ୍ୟ ହ୍ରାସ ହେବ ବୋଲି ଅନୁମାନ କରାଯାଉଛି। ସେହିପରି ବିଭିନ୍ନ ରାଷ୍ଟ୍ରରୁ ଆମଦାନୀ ଜରିଆରେ ଦେଶର ଖାଇବା ତେଲର ଦୁଇତୃତୀୟାଂଶ ଚାହିଦା ପୂରଣ ହୋଇଥାଏ। ଭାରତ ଏହାର ଘରୋଇ ବ୍ୟବହାର ପାଇଁ ଇଣ୍ଡୋନେସିଆ ଏବଂ ମାଲେସିଆ ଭଳି ଦେଶରୁ ପାମୋଲିନ ତେଲ ଆମଦାନୀ କରିଥାଏ। କେନ୍ଦ୍ର ସରକାରଙ୍କ ଉକ୍ତ ନିର୍ଦ୍ଦେଶାବଳୀ ଶନିବାର ଠାରୁ ସାରା ଦେଶରେ ଲାଗୁ କରାଯିବା ନେଇ ଖାଦ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆମଦାନୀ ଶୁଳ୍କ ହ୍ରାସ ଯୋଗୁ ଏହିସବୁ ତୈଳର ଖୁଚୁରା ମୂଲ୍ୟରେ ପ୍ରତି ଲିଟର ପିଛା ପ୍ରାୟ ୪ରୁ ୫ ଟଙ୍କା ହ୍ରାସ ହୋଇପାରେ ବୋଲି ସଲଭେଣ୍ଟ ଏକ୍ସପୋର୍ଟର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ (ଏସ୍‌ଇଏଆଇ) ଙ୍କ କାର୍ଯ୍ୟକାରୀ ନିର୍ଦ୍ଦେଶକ ବି.ଭି. ମେହେଟା କହିଛନ୍ତି। ଭାରତରେ ସରକାର ଶୁଳ୍କ ହ୍ରାସ କରିବା ପରେ ମଧ ଅନ୍ତର୍ଜାତୀୟ ବଜାରରେ ମୂଲ୍ୟ ବୃଦ୍ଧି ହେବାର ବି ଦେଖାଯାଇଛି।

ଏଣୁ ଶୁଳ୍କ ହ୍ରାସ ଯୋଗୁ ବେଶି ନ ହେଲେ ବି ଖାଉଟିଙ୍କୁ ଲିଟର ପିଛା ୨ରୁ ୩ଟଙ୍କା ଶସ୍ତାରେ ଏହା ନିଶ୍ଚିତ ମିଳିପାରେ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଓଡ଼ିଶା ବ୍ୟବସାୟ ମହାସଂଘର ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି, ସରକାର ଯଦି ସତରେ ଉକ୍ତ ନିଷ୍ପତ୍ତିକୁ ଯଥାଶୀଘ୍ର ରାଜ୍ୟରେ ଲାଗୁ କରିବା ସହ ବଜାର ଦର ଉପରେ ନଜର ରଖିବେ ତା' ହେଲେ ରାଜ୍ୟର କୋଟି କୋଟି ଖାଉଟି ଏହାଦ୍ୱାରା ବେଶ୍ ଉପକୃତ ହୋଇପାରିବେ। ଗତ କିଛି ମାସ ମଧ୍ୟରେ ବିଭିନ୍ନ ବର୍ଗର ତେଲ ଯଥା ସୋରିଷ ତେଲ ଲିଟର ପିଛା ୮୦ ଟଙ୍କା ଥିବା ବେଳେ ଏବେ ୧୯୦ ଟଙ୍କା, ପାମୋଲିନ ୬୫ ଟଙ୍କା ଥିବା ବେଳେ ଏବେ ୧୭୫ ଟଙ୍କା, ସୂର୍ଯ୍ୟମୁଖୀ ତେଲ ୮୫ ଟଙ୍କା ଥିବା ବେଳେ ଏବେ ୧୭୫ ଟଙ୍କାରେ ବିକ୍ରି ହେଉଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ବିଓଆଇର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର,୧୧।୯

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ), ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ବ୍ୟାଙ୍କର ୧୧୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ସ୍ଥାନୀୟ କଳିଙ୍ଗନଗରଠାରେ ଏହି ଅବସରରେ ଚାରା ରୋପଣ କରାଯାଇଥିଲା। ଆଞ୍ଚଳିକ ପ୍ରବନ୍ଧକ ପ୍ରିୟବ୍ରତ ପଟ୍ଟନାୟକ, ଉପ ଆଞ୍ଚଳିକ ପ୍ରବନ୍ଧକ କମଳଲୋଚନ ସେଠୀ, ଶ୍ରୀଜିତ୍ ବେହେରା, ପ୍ରଦୀପ୍ତ ରଞ୍ଜନ ରାୟ, ଗାୟତ୍ରୀ କମ୍ପା (ସହାୟକ ମହାପ୍ରବନ୍ଧକ) ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ୧୮୦ ଜଣ ଆଦିବାସୀ ବାଳିକାଙ୍କୁ ବ୍ୟାଙ୍କ ପକ୍ଷରୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରାଯିବା ସହ ସେମାନଙ୍କ ଶିକ୍ଷା ନିମନ୍ତେ ଆର୍ଥିକ ସହାୟତା ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରତିଷ୍ଠା ଦିବସ ଅବସରରେ ବ୍ୟାଙ୍କର ସମ୍ ହସ୍ପିଟାଲ ଶାଖା ଏକ ନୂତନ ପରିସରକୁ ସ୍ଥାନାନ୍ତରିତ ହୋଇଥିଲା। ଏହା ଆଞ୍ଚଳିକ ପ୍ରବନ୍ଧକ ପ୍ରିୟବ୍ରତ ପଟ୍ଟନାୟକଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ ଅଧୀନରେ ଥିବା ୯୧ଟି ଶାଖା, କର୍ମଚାରୀ ନିୟୋଜନ କାର୍ଯ୍ୟକ୍ରମ ଅଧୀନରେ ଗ୍ରାହକ ସମ୍ମିଳନୀର ଆୟୋଜନ କରି ପ୍ରତିଷ୍ଠା ଦିବସରେ ଅଂଶଗ୍ରହଣ କରିଥିଲେ।

# ୧୦.୩% ଛୁଇଁଲା ବେରୋଜଗାରୀ ହାର

ନୂଆଦିଲ୍ଲୀ,୧୧।୯

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ବେରୋଜଗାରୀ ଡାଟା ସଂକ୍ରାନ୍ତ ରିପୋର୍ଟ ପ୍ରକାଶ ପାଇଛି। ଦେଶର ସହରାଞ୍ଚଳରେ ଗତ ଗୋଟିଏ ବର୍ଷ ମଧ୍ୟରେ ବେରୋଜଗାରୀ ହାର ୨.୪% ବଢିଛି। ଅକ୍ଟୋବରରୁ ଡିସେମ୍ବର ୨୦୨୦ ମଧ୍ୟରେ ଏହା ୧୦.୩% ରହିଛି। ୨୦୧୯ର ଏହି ଅବଧିରେ ବେରୋଜଗାରୀ ହାର ୭.୮% ସ୍ତରରେ ରହିଥିଲା। ଜୁଲାଇଠାରୁ ସେପ୍ଟେମ୍ବର ୨୦୨୦ ମଧ୍ୟରେ ଉକ୍ତ ହାର ୧୩.୩% ସ୍ତରରେ ରହିଥିଲା। କରୋନା କଟକଣା ଉଠିବାରୁ ନିଯୁକ୍ତି ସ୍ଥିତିରେ ଉନ୍ନତି ଆସୁଥିବା ଜଣାପଡିଛି। ୨୦୨୦ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ସହରାଞ୍ଚଳର ଶ୍ରମଶକ୍ତି ଯୋଗଦାନ ୩୭.୩% ସ୍ତରରେ ରହିଥିଲା। ଏହାର ପୂର୍ବବର୍ଷ ସମାନ ସମୟ ଅବଧିରେ ଏହା ଉନ୍ନତ ଥିଲା। ୪୩,୬୯୩ ପରିବାରକୁ ନେଇ ଏନ୍‌ଏସ୍‌ଓ ସର୍ଭେ କରିଥିବା ବେଳେ ଏଥିରେ ୧.୭୧ ଲକ୍ଷ ଲୋକଙ୍କୁ ସାମିଲ କରାଯାଇଥିଲା।

# ୟୁନିୟନ ବ୍ୟାଙ୍କର ହିନ୍ଦୀ ପକ୍ଷ

ବ୍ରହ୍ମପୁର,୧୧।୯

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, କ୍ଷେତ୍ରୀୟ କାର୍ଯ୍ୟାଳୟ, ବ୍ରହ୍ମପୁର ପକ୍ଷରୁ ହିନ୍ଦୀ ପକ୍ଷ ପାଳିତ ହୋଇଯାଇଛି। ବ୍ୟାଙ୍କର ଉପ କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିବା ସହ ଏଥିରେ ବ୍ୟାଙ୍କର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅମିତ ଦୀକ୍ଷିତ, ସହାୟକ ପ୍ରବନ୍ଧକ (ରାଜଭାଷା) ଉଦ୍‌ଘାଟନ କାର୍ଯ୍ୟକ୍ରମରେ କହିଥିଲେ, ହିନ୍ଦୀ ପକ୍ଷ ଅବସରରେ କାର୍ଯ୍ୟାଳୟ ଏବଂ ଶାଖାର କର୍ମଚାରୀମାନଙ୍କ ନିମନ୍ତେ ବିଭିନ୍ନ ପ୍ରକାର ପ୍ରତିଯୋଗିତାର ଆୟୋଜନ କରାଯିବ।

# ଏଚ୍‌ଡିଏଫ୍‌ସି ପକ୍ଷରୁ ଡିଜିଟାଲ ମେଗା ଋଣ ମେଳା

ଭୁବନେଶ୍ୱର,୧୧।୯



ରାଜ୍ୟର ମହିଳାମାନଙ୍କର ଉନ୍ନତି ସହିତ ସେମାନଙ୍କର ଆର୍ଥିକ ଓ ସାମାଜିକ ଅବସ୍ଥାର ବିକଶ ପାଇଁ ସରକାର ଅନେକ କାର୍ଯ୍ୟକ୍ରମ କରୁଛନ୍ତି। ସରକାରଙ୍କ ଏହି ଆଶା ଓ ଉଦ୍ଦେଶ୍ୟ ପୂରଣ ପାଇଁ ରାଜ୍ୟର ପ୍ରମୁଖ ଘରୋଇ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନକାରୀ ସଂସ୍ଥା ଏଚ୍‌ଡିଏଫ୍‌ସି ବ୍ୟାଙ୍କ କିଛି ପରିମାଣରେ ସହଯୋଗ ଓ ସହାୟତା ମହିଳାମାନଙ୍କୁ ଯୋଗାଇ ଦେଇଆସୁଛି। ଗୁରୁବାର ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ସହ ମିଳିତ ହୋଇ ୨୮ଟି ଜିଲାରେ ଡିଜିଟାଲ ଋଣ ମେଳା ଆୟୋଜନ କରିଥିଲା। ଏହି ଅବସରରେ ମିଶନ ଶକ୍ତି କମିଶନର ତଥା ବିଭାଗୀୟ ସଚିବ ସୁଜାତା ଆର୍. କାର୍ତ୍ତିକେୟନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏକ ଭର୍ଚୁଆଲ ସଭା ଜରିଆରେ ସେହିଭଳି ଏହି ମେଳା ସମ୍ପର୍କରେ ବ୍ୟାଙ୍କର ବରିଷ୍ଠ ଉପସଭାପତି ତଥା ସର୍କଲ ହେଡ୍ ଦୀପକ କୁମାର ସିଂହ କହିଥିଲେ, ରାଜ୍ୟର ମହିଳାମାନଙ୍କ ସଶକ୍ତୀକରଣ ପାଇଁ ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି। ମିଶନ ଶକ୍ତିର ଅଗ୍ରଣୀ ଅନୁଷ୍ଠାନ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ବିକାଶ ପାଇଁ ବ୍ୟାଙ୍କ ସଦସର୍ବଦା ସହଯୋଗ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ମେଳା ଜରିଆରେ ବ୍ୟାଙ୍କ ୨୮ଟି ଜିଲାର ୩୧୯୫ ଏସ୍‌ଏଚ୍‌ଜି ଗ୍ରୁପ୍‌କୁ ୭.୨୨ କୋଟି ଟଙ୍କା ଋଣ ପ୍ରଦାନ କରିଛି।

## ଫୁର୍‌ସତ୍

# ଏକାଠି ଲଢ଼ିବା ହିଁ ସର୍ବୋତ୍ତମ




ଯେକୌଣସି ସମସ୍ୟା ବିରୋଧରେ ଏକଜୁଟ ହୋଇ ଲଢ଼ିଲେ ସମାଧାନର ପଥ ସହଜ ହୋଇଥାଏ। ଏହା ପ୍ରତି ପରିବାର, ସମାଜ, ରାଜ୍ୟ-ରାଜ୍ୟ ଅବା ଅନ୍ତର୍ଜାତୀୟସ୍ତରରେ ଦେଶ-ଦେଶ ପାଇଁ ପ୍ରଯୁଜ୍ୟ ହୋଇପାରେ। ଏହା ଦ୍ୱାରା ସମସ୍ୟା ବିରୋଧରେ ଲଢ଼େଇ ପାଇଁ ନୂଆ ଚିନ୍ତା ଧାରା ସହିତ ଉତ୍ସାହ ବୃଦ୍ଧି ପାଇଥାଏ। ସମ୍ପ୍ରତି ଦେଖାଦେଇଥିବା କରୋନା ମହାମାରୀ ବିରୋଧରେ ସମଗ୍ର ବିଶ୍ୱ ସମୁଦାୟ ମଧ୍ୟରେ ଏକତା ଭାବ ଦେଖାଦେଇଛି, ଯାହାକି ଅପରିହାର୍ଯ୍ୟ ଥିଲା ବୋଲି ବହୁ ବୁଦ୍ଧିଜୀବୀଙ୍କ ସମେତ ଜାତିସଂଘ ପକ୍ଷରୁ କୁହାଯାଇଛି।

କିଛି ଦେଶ ମଧ୍ୟରେ ସହଯୋଗ ବୃଦ୍ଧି ପାଇଁ ଜାତିସଂଘ ପକ୍ଷରୁ ଦକ୍ଷିଣ-ଦକ୍ଷିଣ ସହଯୋଗ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ରାଜନୈତିକ, ଆର୍ଥିକ, ସାମାଜିକ, ସାଂସ୍କୃତିକ, ପରିବେଶ ଏବଂ ବୈଷୟିକ କ୍ଷେତ୍ରରେ ଦକ୍ଷିଣ ଦେଶ ମଧ୍ୟରେ ସହଯୋଗର ଏକ ବ୍ୟାପକ ଢାଞ୍ଚା ପ୍ରସ୍ତୁତି ଲାଗି ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ସଚେତତନା ସୃଷ୍ଟିର ଗୁରୁତ୍ୱ ଉପଲବ୍ଧି କରାଯାଇଥିଲା। ଜାତିସଂଘରେ ୧୯୭୮ ବୁଏନୋସ ଆଇରେସରେ ବିକାଶଶୀଳ ଦେଶଙ୍କ ଦ୍ୱାରା ଗ୍ଲୋବାଲ ସାଉଥ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବିକାଶଶୀଳ ଦେଶ ମଧ୍ୟରେ ବୈଷୟିକ ସହଯୋଗକୁ ପ୍ରୋତ୍ସାହନ ତଥା କାର୍ଯ୍ୟକାରୀ କରିବା ପାଇଁ ବୁଏନୋସ ଆଇରେସ ପ୍ଲାନ ଅଫ୍ ଆକ୍ସନ (ବାପା) ଗ୍ରହଣ କରାଯାଇଥିଲା। ପରେ ଏହାକୁ ବ୍ୟାପକ କରିବା ଲାଗି ୨୦୧୩ରେ ଏକ ପୃଥକ ସଂସ୍ଥା ଦକ୍ଷିଣ-ଦକ୍ଷିଣ ସହଯୋଗ ପାଇଁ ଗଠନ କରାଯାଇଥିଲା। ପ୍ରତିବର୍ଷ ସେପ୍ଟେମ୍ବର ୧୨କୁ ୟୁନାଇଟେଡ୍ ନେଶନ ଡେ ଫର୍ ସାଉଥ୍-ସାଉଥ୍ କୋପରେଶନ ଭାବେ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

ଜାତିସଂଘ ଦକ୍ଷିଣ-ଦକ୍ଷିଣ ସହଯୋଗ ହେଉଛି ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଏକତାର ଏକ ପ୍ରଦର୍ଶନ। ଏହାକୁ ଆଗେଇ ନେବାକୁ ୨୦୧୫ରେ ସେମାନଙ୍କର ଜାତୀୟତା ତଥା ସାମୂହିକ ଆତ୍ମନିର୍ଭରଶୀଳତା ଏବଂ ନିରନ୍ତର ବିକାଶ ପାଇଁ ୨୦୩୦ ଏଜେଣ୍ଡା ସମେତ ଅନ୍ତର୍ଜାତୀୟ ସ୍ତରରେ ସହମତ ବିକାଶ ଲକ୍ଷ୍ୟ ହାସଲ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ସାମ୍ପ୍ରତିକ ମହାମାରୀକୁ ଧ୍ୟାନରେ ରଖି ଏହି ପ୍ରକାର ସହଯୋଗ ବର୍ତ୍ତମାନ ପୂର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ମନେ ହେଉଉଛି। ଏହି ବିଶ୍ୱ ସଙ୍କଟ ସମୟରେ ପ୍ରଭାବଶାଳୀ ଜ୍ଞାନକୌଶଳ, ନେତୃତ୍ୱ, ସମନ୍ୱୟ, ଯୋଗାଯୋଗ ଏବଂ ସମସ୍ତଙ୍କ ପାଇଁ ସୁସ୍ୱାସ୍ଥ୍ୟ ଲକ୍ଷ୍ୟ ନେଇ ଜାତିସଂଘର ଦକ୍ଷିଣ-ଦକ୍ଷିଣ ସହଯୋଗ ଉଦ୍ୟମ ଜାରି ରଖିଛି।

# ଭ୍ରୂଣରେ ବୋବେଇବା ଶିଖନ୍ତି ପକ୍ଷୀ



ନୂଆଦିଲ୍ଲୀ: ଗର୍ଭରେ ଥାଇ ଯୁଦ୍ଧ କୌଶଳ ଶିଖିଥିଲେ ଅଭିମନ୍ୟୁ। ପୌରାଣିକ ଉପାଖ୍ୟାନ ମହାଭାରତର ଏହି କଥାକୁ ହୁଏତ ଅନେକେ କାଳ୍ପନିକ ଭାବୁଥିବେ। କିନ୍ତୁ ଏଭଳି ଏକ କଥାକୁ ଏବେ ପ୍ରମାଣ କରିବାକୁ ବାହାରିଲେଣି ବୈଜ୍ଞାନିକମାନେ। ଅଷ୍ଟ୍ରେଲିଆ ବୈଜ୍ଞାନିକମାନଙ୍କର ଏକ ରିସର୍ଚ୍ଚ ପରେ ଜଣାପଡିଛି କି ଚଢ଼େଇମାନେ ଭ୍ରୁଣ ଥିବା ଅବସ୍ଥାରେ ରାବିବା ଶିଖିଥାନ୍ତି। ଅଷ୍ଟ୍ରେଲିଆରେ ଥିବା ଫ୍ଲାଇଣ୍ଡର୍ସ ୟୁନିଭର୍ସିଟିର ବୈଜ୍ଞାନିକମାନେ ଚଢ଼େଇଙ୍କୁ ନେଇ ଏକ ରିସର୍ଚ୍ଚ କରିବା ପରେ ଏଭଳି ତଥ୍ୟ ପ୍ରକାଶ କରିଛନ୍ତି। ରିସର୍ଚ୍ଚ ଚଳାଇଥିବା ବୈଜ୍ଞାନିକମାନେ ୫ ପ୍ରଜାତିର ୧୩୮ଟି ଅଣ୍ଡାକୁ ରିସର୍ଚ୍ଚ ନିମନ୍ତେ ନେଇଥିଲେ। ଅଣ୍ଡା ପାଖରେ ୬୦ ମିନିଟ୍ ପର୍ଯ୍ୟନ୍ତ ଅନ୍ୟ ଚଢ଼େଇମାନଙ୍କର କିଚିରି ମିଚିରି ଶବ୍ଦର ରେକର୍ଡିଂ ଶୁଣାଇଥିଲେ। ଏହାପରେ ଦେଖାଯାଇଥିଲା କି

### ବିଶେଷଜ୍ଞଙ୍କ ଦାବି

ଚଢ଼େଇଙ୍କ ଶବ୍ଦ ଶୁଣିବା ପରେ ଅଣ୍ଡା ଭିତରେ ଥିବା ଭ୍ରୂଣର ହୃତ୍‌ସ୍ପନ୍ଦନରେ ପରିବର୍ତ୍ତନ ହୋଇଥିଲା। ଯେଉଁ ଭ୍ରୂଣଗୁଡ଼ିକ ପକ୍ଷୀମାନଙ୍କର ଶବ୍ଦ ବେଶି ଶୁଣିବା ପାଇଁ ଚେଷ୍ଟା କରିଥିଲେ ସେମାନଙ୍କର ହୃତ୍‌ସ୍ପନ୍ଦନ ବହୁତ କମି ଯାଇଥିଲା। ସେମାନଙ୍କୁ ପୁନର୍ବାର ଚଢ଼େଇଙ୍କ ଶବ୍ଦ ଶୁଣାଇବା ଫଳରେ ହୃତ୍‌ସ୍ପନ୍ଦନ ପୁଣି ବୃଦ୍ଧି ପାଇ ସ୍ୱାଭାବିକ ହୋଇଥିଲା। ଏଭଳି ଏକ ରିସର୍ଚ୍ଚ ଫଳାଫଳାକୁ ବୈଜ୍ଞାନିକମାନେ ମଣିଷଙ୍କ କ୍ଷେତ୍ରରେ ପ୍ରୟୋଗ କରିବାକୁ ଯୋଜନା ରଖିଛନ୍ତି।

# ବାପା ହେଲେ ଶାହିର ଶେଖ



ବମ୍ବେ: ଟେଲିଭିଜନ ଜଗତର ହ୍ୟାଣ୍ଡସମ ଷ୍ଟାର ଶାହିର ଶେଖ ବାପା ହୋଇଛନ୍ତି। ତାଙ୍କ ଘରକୁ କୁନି ରାଜକୁମାରୀ ଆସିଛନ୍ତି। ସ୍ତ୍ରୀ ରୁଚିକା ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିବା ଜଣାପଡ଼ିଛି। କିଛି ଦିନ ପୂର୍ବରୁ ଶାହିର ରୁଚିକାଙ୍କ ପାଇଁ 'ଗୋଦଭରାଇ' ଉତ୍ସବ ଆୟୋଜନ କରିଥିଲେ। ଏହାର ଫଟୋ ଭାଇରାଲ ହୋଇଥିଲା। ୨୦୨୦ ନଭେମ୍ବରରେ ବିବାହ କରିଥିଲେ ଶାହିର। ଜୁନ୍‌ରେ ସ୍ତ୍ରୀ ରୁଚିକା ମା' ହେବାକୁ ଯାଉଥିବା ଜଣାପଡ଼ିଥିଲା। ଶାହିର ମଧ ସାକ୍ଷାତକାରରେ ନିଜ ଜୀବନର ଗତିପଥ ବଦଳି ଯାଇଥିବା ପ୍ରକାଶ କରିଥିଲେ। ଏଭଳିକି ଏକୁଟିଆ ରହି ଆସିଥିବା ମଣିଷ କିଭଳି ଆଉଜଣଙ୍କ ସହ ନିଜର ସମୟ ବାଣ୍ଟୁଛି ତାହା କହିଥିଲେ। ରୁଚିକାଙ୍କୁ ଶାହିରକୋର୍ଟରେ ବିବାହ କରିଥିଲେ । ପରେ ସେମାନେ ଜମ୍ମୁରେ ନିଜର ପ୍ରିୟଜନଙ୍କ ସହ ବିବାହ ଭୋଜି ଦେବାର କାର୍ଯ୍ୟକ୍ରମ ରହିଥିଲା। ହେଲେ କରୋନା କାରଣରୁ ସବୁ କାର୍ଯ୍ୟକ୍ରମ ବାତିଲ କରିଦିଆଯାଇଥିଲା।


## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



୰ ରାମଚନ୍ଦ୍ର ମହାରଣା

ଅବସରପ୍ରାପ୍ତ ଅଧିକ୍ଷଣଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ବିଭାଗ, ଭୁବନେଶ୍ୱର
୧୪୧, ଶହିଦ ନଗର, ଭୁବନେଶ୍ୱର
ଆବିର୍ଭାବ - ୦୩.୧୧.୧୯୨୮
ତିରୋଧାନ : ୦୨.୦୯.୨୦୨୧

ତୁମେ ଆମ ଗହଣରେ ନାହଁ ବୋଲି ବିଶ୍ୱାସ ହେଉନାହିଁ। ତୁମର ହସ ହସ ମୁହଁ, ଆମାୟିକ ବ୍ୟବହାର, କର୍ତ୍ତବ୍ୟନିଷ୍ଠା, ସାଧୁତା, ପରୋପକାରିତା ଆମ ସମସ୍ତଙ୍କର ପ୍ରେରଣାର ଉତ୍ସ ହେଉ । ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କଠାରେ ବିନମ୍ର ପ୍ରାର୍ଥନା କରୁଛୁ।

ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ :
ସ୍ତ୍ରୀ-ଶ୍ରଦ୍ଧାମଣୀ, ଭାଇ, ଭାଇବୋହୂ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀ ତଥା ବନ୍ଧୁପରିଜନ।

ଧ-୬୯୯୯୨

ଅଷ୍ଟମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସନ୍ଧ୍ୟାରାଣୀ ସେଠୀ

ଆବିର୍ଭାବ: ୨୦।୦୨।୧୯୬୪
ତିରୋଧାନ:୧୧।୦୯।୨୦୧୩ (ଷଷ୍ଠୀଓଷା)

ଝୁରୁଛୁ ତୁମକୁ.... ସଦା ଝୁରୁଥିବୁ
ସ୍ମୃତିକୁ ତୁମର ସାଇତି ରଖିଛୁ... ସଦାରଖିଥିବୁ।
ତୁମର ଆତ୍ମା ଶାନ୍ତିରେ ଥାଉ ଏତିକି ପ୍ରଭୁ ଶ୍ରୀ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

-:ଇତି:-
ତୁମର ହତଭାଗା: ସ୍ୱାମୀ, ଝିଅ, ଜ୍ୱାଇଁ ଓ ପରିବାରବର୍ଗ ।

ଧ-୨୧୫୯୨

ଏକାଦଶାହ ଉପଲକ୍ଷେ



୰ରାମଚନ୍ଦ୍ର ଦାଶ

ଆବିର୍ଭାବ: ୦୧।୦୧।୧୯୬୪
ତିରୋଧାନ: ୦୨।୦୯।୨୦୨୧

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ଆମର ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ପରିବାରବର୍ଗ

ଧ-୨୧୬୧୬

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ବଂଶୀଧର ବେହେରା

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଆଙ୍କୋ, ରୂପସା, ବାଲେଶ୍ୱର
ଆବିର୍ଭାବ: ୦୨।୦୩।୧୯୪୫
ତିରୋଧାନ: ୦୨।୦୯।୨୦୨୧

ତୁମର ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ଭଲପାଇବା ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।

ଶୋକସନ୍ତପ୍ତ: ପତ୍ନୀ: ବାସନ୍ତୀ, ପୁଅ: ଶୁଭେନ୍ଦୁ, ଝିଅ: ଡ. ମଧୁସ୍ମିତା, ସସ୍ମିତା ଓ ସମିତା, ଜ୍ୱାଇଁ: ପାର୍ଥସାରଥି, ପରେଶ ଓ ଈଶ୍ୱର, ନାତି, ନାତୁଣୀ, ବନ୍ଧୁବାନ୍ଧବ ଏବଂ ପରିବାରବର୍ଗ ।

ଧ-୨୧୬୧୫

# ଜୋକୋଭିଚ୍-ମେଡଭେଡେଭ ଫାଇନାଲ

## ୟୁଏସ୍ ଓପନ ଟେନିସ

ନ୍ୟୁୟର୍କ,୧୧।୯

ବିଶ୍ୱର ୧ ନମ୍ବର ଖେଳାଳି ସର୍ବିୟାର ନୋଭାକ ଜୋକୋଭିଚ୍ ଇତିହାସ ସୃଷ୍ଟି କରିବାଠାରୁ ଗୋଟିଏ ପାଦ ଦୂରରେ ରହିଛନ୍ତି। ସେ ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ ଟେନିସ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଆଉ ଗୋଟିଏ ବିଜୟ ହାସଲ କଲେ ଅର୍ଥାତ୍ ଫାଇନାଲରେ ବିଜୟୀ ହେଲେ ସେ ଦୁଇଟି ବଡ଼ ସଫଳତା ହାସଲ କରିବେ। ଫାଇନାଲରେ ବିଜୟୀ ହେଲେ ସେ କ୍ୟାଲେଣ୍ଡର-ଇୟର ଗ୍ରାଣ୍ଡସ୍ଲାମ ହାସଲ କରି ଇତିହାସ ସୃଷ୍ଟି କରିବେ ଓ କ୍ୟାରିୟରର ୨୧ତମ ଗ୍ରାଣ୍ଡସ୍ଲାମ ହାସଲ କରି ରେକର୍ଡ କରିବେ। ୧୯୬୯ ପରେ କୌଣସି ଖେଳାଳି ପୁରୁଷ ସିଙ୍ଗଲ୍ସରେ କ୍ୟାରିୟର ଗ୍ରାଣ୍ଡସ୍ଲାମ ହାସଲ କରିପାରି ନାହାନ୍ତି।

ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ୩୪ ବର୍ଷୀୟ ଜୋକୋଭିଚ୍ ବିଶ୍ୱର ୪ ନମ୍ବର ଖେଳାଳି ଜର୍ମାନୀର ଆଲେକଜାଣ୍ଡର ଜେଭେରେଭଙ୍କୁ ୪-୬, ୬-୨, ୬-୪, ୪-୬, ୬-୨ ମାରାଥନ ସେଟ୍‌ରେ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି। ଏବେ ଫାଇନାଲରେ ସେ ରବିବାର ବିଶ୍ୱର ୨ ନମ୍ବର ଖେଳାଳି ରୁଷିଆର ଡାନିଲି ମେଡଭେଡେଭଙ୍କୁ ଭେଟିବେ। ମେଡଭେଡେଭ ଅନ୍ୟ ଏକ ସେମିଫାଇନାଲ ମୁକାବିଲାରେ ବିଶ୍ୱର ୧୨ ନମ୍ବର ଖେଳାଳି କାନାଡାର ଫେଲିକ୍ସ ଅଗେର-ଆଲିଆଜିମଙ୍କୁ ପରାସ୍ତ କରି ୬-୪, ୭-୫, ୬-୨ ସେଟ୍‌ରେ ହରାଇ ଫାଇନାଲକୁ ଉଠିଛନ୍ତି। ଜୋକୋଭିଚ, ସୁଇଜରଲାଣ୍ଡର ରୋଜର ଫେଡରର ଓ ସ୍ପେନ୍‌ର ରାଫାଲ ନାଡାଲ ପ୍ରତ୍ୟେକ ୨୦ଟି ଲେଖାଏ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ବରାବର ସ୍ଥିତିରେ ଅଛନ୍ତି। ଯଦି ଜୋକୋଭିଚ୍ ଏଥର ସଫଳ ହୁଅନ୍ତି ତେବେ ୨୧ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ନାଡାଲ ଓ ଫେଡରରଙ୍କୁ ପଛରେ ପକାଇବେ।

୧୯୬୯ ପରେ ଜୋକୋଭିଚ୍ ପ୍ରଥମ ଖେଳାଳି ଭାବେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସବୁ ୪ଟି ଯାକ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଜିତି କ୍ୟାଲେଣ୍ଡର ଇୟର ଗ୍ରାଣ୍ଡସ୍ଲାମ ହାସଲ କରିବାର ଦ୍ୱାରରେ ପହଞ୍ଚିଛନ୍ତି। ଏଥିସହ ଜୋକୋଭିଚ୍ କ୍ୟାରିୟରରେ ୩୧ତମ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ସେ ମଧ୍ୟ ୯ଥର ୟୁଏସ୍ ଓପନ ଫାଇନାଲରେ ପ୍ରବେଶ କରିଛନ୍ତି।


ନୋଭାକ ଜୋକୋଭିଚ୍

ଅନ୍ୟପଟେ ୨୫ ବର୍ଷୀୟ ମେଡଭେଡେଭ ତୃତୀୟଥର ପାଇଁ ଗ୍ରାଣ୍ଡସ୍ଲାମ ଫାଇନାଲକୁ ଉଠିଛନ୍ତି। ଏହାପୂର୍ବରୁ ମେଡଭେଡେଭ ଚଳିତବର୍ଷ ଅଷ୍ଟ୍ରେଲିଆନ ଓପନ ଫାଇନାଲରେ ଜୋକୋଭିଚ ଓ ୨୦୧୯ ୟୁଏସ୍ ଓପନ ଫାଇନାଲରେ ନାଡାଲଙ୍କଠାରୁ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ ଓ ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲେ। ଦୁଇଟି ଫାଇନାଲରେ ପରାସ୍ତ ହୋଇଛି। ତେବେ ଏଥର ବିଜୟୀ ହେବାକୁ ଚାହେଁ ବୋଲି ମେଡଭେଡେଭ କହିଛନ୍ତି। ଅନ୍ୟପଟେ ଫାଇନାଲ ମ୍ୟାଚ ଜିତିବାକୁ ସବୁମତେ ଚେଷ୍ଟା କରିବି ବୋଲି ଜୋକୋଭିଚ୍ କହିଛନ୍ତି। ଏଥର ସୁଯୋଗ ହାତଛଡ଼ା କରିବାକୁ ଜୋଭୋଭିଚ୍ ଚାହିଁବେ ନାହିଁ।

**୫ଜଣ ହାସଲ କରିଛନ୍ତି କ୍ୟାଲେଣ୍ଡର ଇୟର ଗ୍ରାଣ୍ଡସ୍ଲାମ**

୫୨ ବର୍ଷ ତଳେ ପୂର୍ବତନ ଅଷ୍ଟ୍ରେଲିଆ ଟେନିସ ଖେଳାଳି ରୋଡ ଲାଭେର କ୍ୟାଲେଣ୍ଡର ଇୟର ଗ୍ରାଣ୍ଡସ୍ଲାମ ହାସଲ କରିଥିଲେ। ଲାଭେର ୧୯୬୨ ଓ ୧୯୬୯ରେ ଏହି ସଫଳତା ହାସଲ କରିଥିଲେ। ସେହିପରି ପୂର୍ବତନ ଆମେରିକୀୟ ଟେନିସ ଖେଳାଳି ଡନ ବୁଡଗେ ମଧ୍ୟ ଏହି ସଫଳତା ୧୯୩୮ରେ ହାସଲ କରିଥିଲେ। ଏହି ଦୁଇ ପୁରୁଷ ଖେଳାଳିଙ୍କୁ ବାଦ୍ ଦେଲେ ୩ ଜଣ ମହିଳା ଖେଳାଳି ମଧ୍ୟ ଏହି ସଫଳତା ହାସଲ କରିଛନ୍ତି। ଜର୍ମାନୀର ଷ୍ଟେଫି ଗ୍ରାଫ୍ ଗୋଟିଏ ବର୍ଷ (୧୯୮୮)ରେ ୪ଟି ଗ୍ରାଣ୍ଡସ୍ଲାମ ଜିତିବା ସହ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ଓ ଏକମାତ୍ର ଖେଳାଳିଭାବେ ସେ ଗୋଲ୍ଡେନ ସ୍ଲାମ ହାସଲ କରିଥିଲେ। ସେହିପରି ୧୯୭୦ରେ ଅଷ୍ଟ୍ରେଲିଆ ମାର୍ଗାରେଟ୍ କୋର୍ଟ ମଧ୍ୟ ୧୯୭୦ରେ ଏହି ସଫଳତା ପାଇଥିଲେ। ୧୯୫୩ରେ ପୂର୍ବତନ ଆମେରିକୀୟ ଖେଳାଳି ମାଉରିନ୍ କୋନୋଲି ବ୍ରିଙ୍କର କ୍ୟାଲେଣ୍ଡର ଇୟର ଗ୍ରାଣ୍ଡସ୍ଲାମ ହାସଲ କରିଥିଲେ। ଆମେରିକାର ସେରେନା ୱିଲିୟମ୍ସ ୨୦୧୫ରେ ଏହି ସୁଯୋଗ ପାଇଥିଲେ ମଧ୍ୟ ୟୁଏସ୍ ଓପନ ସେମିରେ ରୋବେର୍ଟା ଭିନ୍ସିଙ୍କଠାରୁ ପରାସ୍ତ ହୋଇଥିଲେ।

# ବିସିସିଆଇ ପ୍ରସ୍ତାବକୁ ଗାଭାସ୍କରଙ୍କ ସ୍ୱାଗତ

ମାଞ୍ଚେଷ୍ଟର, ୧୧।୯(ପି.ଟି.)



ବାତିଲ ହୋଇଥିବା ଓଲ୍ଡ ଟ୍ରାଫୋର୍ଡ ଟେଷ୍ଟର କାର୍ଯ୍ୟସୂଚୀ ପୁନଃନିର୍ଦ୍ଧାରିତ କରିବା ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦେଇଥିବା ପ୍ରସ୍ତାବକୁ କିମ୍ବଦନ୍ତୀ ସୁନୀଲ ଗାଭାସ୍କର ସ୍ୱାଗତ କରିଛନ୍ତି। ୨୦୦୮ରେ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଭାରତ ଟୁର୍‌ରେ ଆସିଥିବା ଇଂଲଣ୍ଡ ଅଧାରୁ ସ୍ୱଦେଶ ଫେରିଯାଇଥିଲା। ଭ୍ରମଣକାରୀ ଦଳର ଏହି ଆଭିମୁଖ୍ୟକୁ ଭାରତ ଭୁଲିଯିବା ଉଚିତ ନୁହେଁ। ଭାରତ କ୍ରିକେଟ ଦଳର ଶିବିରରେ କୋଭିଡ୍ ଦେଖାଦେବାରୁ ସଂକ୍ରମଣ ଆଶଙ୍କା କରି ଭାରତୀୟ ଖେଳାଳିମାନେ ଶୁକ୍ରବାର ୫ମ ଟେଷ୍ଟ ମ୍ୟାଚ ଖେଳିବାକୁ ରାଜି ହୋଇ ନ ଥିଲେ। କାରଣ ସଂକ୍ରମଣ ହେଲେ ସେମାନଙ୍କୁ ଅତିକମ୍‌ରେ ୧୦ ଦିନ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ। ଏହାଦ୍ୱାରା ସେମାନଙ୍କୁ ହୁଏତ ଆଇପିଏଲ୍ ଖେଳିବାରୁ ବଞ୍ଚିତ ହେବାକୁ ପଡ଼ିପାରେ। ଉଭୟ ବିସିସିଆଇ ଓ ଇଂଲଣ୍ଡ କ୍ରିକେଟ ବୋର୍ଡ (ଇସିବି) ଅଫିସିଆଲମାନେ ବାତିଲ ମ୍ୟାଚକୁ ପରେ କରାଯିବ ବୋଲି ଘୋଷଣା କରିଥିଲେ। ହେଲେ ଏନେଇ ବିଧିବଦ୍ଧ ନିଷ୍ପତ୍ତି ହୋଇ ନ ଥିବା ପ୍ରକାଶ। ଗାଭାସ୍କର ତାଙ୍କର ଏକ ସାକ୍ଷାତ୍କାରରେ କହିଛନ୍ତି, ପୁନଃନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ବାତିଲ ହୋଇଥିବା ମ୍ୟାଚର ଆୟୋଜନ କରାଯିବା ଉଚିତ। ୨୦୦୮ ନଭେମ୍ବର ୨୬ରେ ଆତଙ୍କବାଦୀଙ୍କ ମୁମ୍ବାଇ ଆକ୍ରମଣ ବେଳେ କଟକରେ ଭାରତ ବିପକ୍ଷରେ ଏକ ଅନ୍ତର୍ଜାତୀୟ ଦିନିକିଆ ଖେଳୁଥିଲା। ଇଂଲଣ୍ଡ ୭ ମ୍ୟାଚ ବିଶିଷ୍ଟ ସିରିଜର ଶେଷ ଦୁଇ ଦିନିକିଆ ନ ଖେଳି ତୁରନ୍ତ ନିଜ ଦେଶକୁ ଫେରିଯାଇଥିଲା। ପରେ ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରି ଭାରତ ବିପକ୍ଷରେ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିଥିଲା। ଏଥିରେ ଭାରତ ୧-୦ରେ ବିଜୟୀ ହୋଇଥିଲା। ଗାଭାସ୍କର କହିଛନ୍ତି, ଟେଷ୍ଟ ମ୍ୟାଚ ଖେଳିବା ଲାଗି ଭାରତର ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ ନିଷ୍ପତ୍ତି ପଛରେ ତତ୍କାଳୀନ ଅଧିନାୟକ କେଭିନ ପିଟରସନଙ୍କ ବିଶେଷ ଭୂମିକା ରହିଥିଲା। ପିଟରସନ ନ ଚାହିଁଥିଲେ ଏହା ସମ୍ଭବପର ହୋଇ ନ ଥାନ୍ତା। ସେ ତାଙ୍କ ସାଥୀ ଖେଳାଳିଙ୍କୁ ରାଜି କରାଇଥିଲେ। ଇଂଲଣ୍ଡ ଫେରିବା ପରେ ଚେନ୍ନାଇରେ ଏକ ଚମତ୍କାର ଟେଷ୍ଟ ମ୍ୟାଚ ଖେଳାଯାଇଥିଲା। ଅନ୍ତିମ ଦିବସରେ ଭାରତ ୩୮୦ ରନର ବିଜୟ ଲକ୍ଷ୍ୟ ହାସଲ କରି ସ୍ମରଣୀୟ ବିଜୟ ହାସଲ କରିଥିଲା। ଗାଭାସ୍କର କହିଛନ୍ତି ବାତିଲ ହୋଇଥିବା ଟେଷ୍ଟ ମ୍ୟାଚ ଆସନ୍ତାବର୍ଷ ଆଇପିଏଲ୍ ପରେ ଆୟୋଜନ କରାଯାଇପାରେ।


ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡଠାରେ ଇଂଲିଶ ପ୍ରିମିୟର ଲିଗ୍‌ରେ ମାଞ୍ଚେଷ୍ଟର ୟୁନାଇଟେଡ୍‌ର କ୍ରିଷ୍ଟିଆନୋ ରୋନାଲ୍‌ଡୋ ବିପକ୍ଷ ନ୍ୟୁକ୍ୟାସେଲ ୟୁନାଇଟେଡ୍‌ର ସିନ ଲଙ୍ଗଷ୍ଟାଫ୍ ଓ ଜମାଲ ଲାସ୍‌ସେଲ୍ସଙ୍କ ସହ ବଲ୍ ପାଇଁ ସଂଘର୍ଷ ଚଳାଇଛନ୍ତି।

# ନ୍ୟୁଜିଲାଣ୍ଡ କ୍ରିକେଟ ଦଳ ପାକିସ୍ତାନରେ

କରାଚୀ, ୧୧।୯ (ପି.ଟି.)

ଦୀର୍ଘ ୧୮ ବର୍ଷ ପରେ ନ୍ୟୁଜିଲାଣ୍ଡ କ୍ରିକେଟ ଦଳ ଶନିବାର ପାକିସ୍ତାନରେ ପହଞ୍ଚିଛି। ଦଳର ରାୱଲପିଣ୍ଡି ଓ ଲାହୋରଠାରେ ଦ୍ୱିପାକ୍ଷିକ ଅନ୍ତର୍ଜାତୀୟ ଦିନିକିଆ ଓ ଟି୨୦ ସିରିଜ ଖେଳିବ। ନ୍ୟୁଜିଲାଣ୍ଡ ଏହାପୂର୍ବରୁ ୨୦୦୩ରେ ପାକିସ୍ତାନ ଟୁର୍‌ରେ ଆସିଥିଲା। ପରେ ସୁରକ୍ଷାଜନିତ କାରଣ ଦର୍ଶାଇ ଦଳ ପାକିସ୍ତାନକୁ ଆସୁ ନ ଥିଲା। ଟମ୍ ଲଥାମଙ୍କ ନେତୃତ୍ୱରେ ଆସିଥିବା ନ୍ୟୁଜିଲାଣ୍ଡ ଦଳ ନିୟମିତ ଅଧିନାୟକ କେନ୍ ୱିଲିୟମସନ ଓ ଅନ୍ୟ କେତେଜଣ ପ୍ରମୁଖ ଖେଳାଳିଙ୍କ ବିନା ଏହି ସିରିଜ ଖେଳିବ (ଯେଉଁମାନେ ଆଇପିଏଲ୍ ଖେଳିବେ କିମ୍ବା ଛୁଟିରେ ରହିଛନ୍ତି)। ନିୟମିତ କୋଚ୍ ଗ୍ୟାରି ଷ୍ଟଡ୍ ମଧ୍ୟ ଆସିନାହାନ୍ତି। ନ୍ୟୁଜିଲାଣ୍ଡ ରାୱଲପିଣ୍ଡିରେ ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ଲାହୋରରେ ୫ ଅନ୍ତର୍ଜାତୀୟ ଟି୨୦ ଖେଳିବ। ନ୍ୟୁଜିଲାଣ୍ଡ ୨୦୨୨-୨୩ ସିଜନରେ ପାକିସ୍ତାନ ପ୍ରତ୍ୟାବର୍ତ୍ତନ କରି ଦୁଇ ଟେଷ୍ଟ ଓ ୩ ଅନ୍ତର୍ଜାତୀୟ ଦିନିକିଆ ଖେଳିବ। ଏହି ୫୦ ଓଭର ବିଶିଷ୍ଟ ମ୍ୟାଚଗୁଡ଼ିକ ଆଇସିସି ପୁରୁଷ କ୍ରିକେଟ ବିଶ୍ୱକପ୍ ୨୦୨୩ କ୍ୱାଲିଫିକେଶନ ପାଇଁ ବିବେଚନା କରାଯିବ ବୋଲି ଉଭୟ ବୋର୍ଡ ରାଜି ହୋଇଛନ୍ତି। କେତେଜଣ ପ୍ରମୁଖ ଖେଳାଳି ରବିବାର ଦଳ ସହ ଯୋଗ ଦେବେ। ଡେରିଲ୍ ମିଚେଲ, ଟଡ୍ ଆସ୍‌ଲେ, ଇସ୍ ସୋଧି, ମାର୍କ ଚାପ୍‌ମାନ ଓ ମାର୍ଟିନ ଗୁପ୍‌ଟିଲ ପ୍ରମୁଖ ଟି୨୦ ଦଳ ସହ ଯୋଗଦେବେ।

# ସୁନାପୁଅ ପ୍ରମୋଦ ଭଗତଙ୍କୁ ସମ୍ବର୍ଦ୍ଧନା



ପାରାଲିମ୍ପିକ୍ସ ସ୍ୱର୍ଣ୍ଣପଦକ ବିଜେତା ପ୍ରମୋଦ ଭଗତଙ୍କୁ ସମ୍ମାନିତ କରାଯାଉଛି।

ଭୁବନେଶ୍ୱର,୧୧।୯(ସ୍ପୋର୍ଟ୍ସ ବ୍ୟୁରୋ)

ଟୋକିଓ ପାରାଲିମ୍ପିକ୍ସରେ ବ୍ୟାଡ୍‌ମିଣ୍ଟନରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିବା ପ୍ରମୋଦ ଭଗତଙ୍କୁ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ତରଫରୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାରା ସ୍ପୋର୍ଟ୍ସ ଆସୋସିଏଶନ ଓଡ଼ିଶା ସଭାପତି କମଳାକାନ୍ତ ରଥ, ପ୍ରମୋଦଙ୍କ କୋଚ୍ ଶିବପ୍ରସାଦ ଦାସ, ଦିବ୍ୟାଙ୍ଗ ଉନ୍ନୟନ ପରିଷଦ ଓଡ଼ିଶା କମିଶନର ସୁଲୋଚନା ଦାସ ଓ ପୂର୍ବତନ କ୍ରୀଡ଼ାମନ୍ତ୍ରୀ ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନ୍ୟ କ୍ରୀଡ଼ା ସଂଗଠକମାନେ ଉପସ୍ଥିତ ରହି ପ୍ରମୋଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଏହି ଅବସରରେ ପ୍ରମୋଦ ତାଙ୍କ ସଂଘର୍ଷ ଓ ସଫଳତାର କାହାଣୀ ବଖାଣିଥିଲେ। ଦାରିଦ୍ର୍ୟ କେବେ ପ୍ରତିଭାକୁ ଅଟକାଇପାରିବ ନହିଁ। ଦୃଢ ଇଚ୍ଛାଶକ୍ତି, ଏକାଗ୍ରତା, କଠିନ ପରିଶ୍ରମ ଯୋଗୁ ସଫଳ ହୋଇଛି ଓ ମୋର ସ୍ୱପ୍ନ ପୂରଣ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣାଙ୍କ ଅକୁଣ୍ଠିତ ସାହାଯ୍ୟ ମୋ ପାଇଁ ଅଭୁଲା ହୋଇ ରହିବ ବୋଲି ପ୍ରମୋଦ କହିଛନ୍ତି। ଓଡ଼ିଶା ସରକାର, ମୋ ପରିବାର, କୋଚ୍ ଓ ବନ୍ଧୁମାନଙ୍କୁ ମୋ ସଫଳତାର ଶ୍ରେୟ ପ୍ରଦାନ କରୁଛି ବୋଲି ସେ କହିଛନ୍ତି।

# ମକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ପ୍ରତିଭା ସମ୍ମାନ

ଭୁବନେଶ୍ୱର,୧୧।୯(ସ୍ପୋର୍ଟ୍ସ ବ୍ୟୁରୋ)

ରାଜ୍ୟରେ ଗୁରୁ-ଶିଷ୍ୟ ପରମ୍ପରାକୁ ଉଜ୍ଜୀବିତ କରିବା ସହ ବିଗତ ଦିନର କ୍ରୀଡ଼ା ଗୁରୁ ଓ ସେମାନଙ୍କ ଶିଷ୍ୟଙ୍କୁ ଲୋକଲୋଚନକୁ ଆଣିବା, ଉଦୀୟମାନ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରିବା ଉଦ୍ଦେଶ୍ୟରେ ମକୁନ୍ଦ ବରାଳ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ୨୦୧୬ ମସିହାରୁ ଆରମ୍ଭ ହୋଇଛି ଏମ୍.ବି. ସ୍ମାରକୀ କ୍ରୀଡ଼ା ପ୍ରତିଭା ସମ୍ମାନ । ପୁରୀ ସହରର ପ୍ରଥମ କୁସ୍ତି ଗୁରୁଭାବେ ପରିଚିତ ମକୁନ୍ଦ ବରାଳଙ୍କ ନାମରେ ନାମିତ ଏହି ଟ୍ରଷ୍ଟ ପୁରାତନ ଓ ନୂତନ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରି ଆସୁଛି । ତାଙ୍କର ସୁଯୋଗ୍ୟ ଶିଷ୍ୟମାନେ ଜାତୀୟ ତଥା ରାଜ୍ୟସ୍ତରରେ ସୁନାମ ଅର୍ଜନ କରିବା ସହ ରାଜ୍ୟର ଗୌରବ ବୃଦ୍ଧି କରିଛନ୍ତି। ଶନିବାର ଏମ୍.ବି. ସ୍ମାରକୀ କ୍ରୀଡ଼ା ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ମକୁନ୍ଦ ବରାଳଙ୍କ ସୁଯୋଗ୍ୟ ଶିଷ୍ୟ ଓ ଅନ୍ୟ ୫ଟି କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳିଙ୍କୁ ପୁରସ୍କୃତ କରାଯାଇଛି ।

ଚଳିତ ବର୍ଷ ସ୍ୱର୍ଗତ ବରାଳଙ୍କ ପ୍ରମୁଖ ଶିଷ୍ୟ ତଥା କୁସ୍ତିଗୁରୁ ବୈଦ୍ୟନାଥ ମହାପାତ୍ରଙ୍କୁ ଏମ୍.ବି. ସ୍ମାରକୀ କ୍ରୀଡ଼ାଗୁରୁ ସମ୍ମାନରେ ସମ୍ମାନିତ କରାଯାଇଛି । ଅନ୍ୟ ସମ୍ବର୍ଦ୍ଧିତ ପ୍ରତିଭାମାନେ ହେଲେ ସଫ୍ଟ ଟେନିସରେ ଶିବରାମ ସ୍ୱାଇଁ, କରାଟେରେ ଚିନ୍ମୟୀ ଭୂୟାଁ, ଫୁଟବଲରେ ରାଜେଶ ନାୟକ। ସେହିପରି ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ସମ୍ମାନ ଉଦୀୟମାନ ଆଥ୍‌ଲେଟ ସବିତା ଟପ୍ପୋଙ୍କୁ ପ୍ରଦାନ କରାଯାଇଥିଲା ବେଳେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀ ସମ୍ମାନ ସୁରେଖା ବାହାଲାଙ୍କୁ ପ୍ରଦାନ କରାଯାଇଛି।

ଉତ୍ସବରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗ ଦେଇଥିଲା ବେଳେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଦିଲୀପ ତିର୍କୀ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଡ. ବଦ୍ରିନାଥ ପଟ୍ଟନାୟକ, ଡ. ସୌରେନ୍ଦ୍ର ମହାପାତ୍ର, ପୁରୀର ମାଧବ ଚନ୍ଦ୍ର ଖୁଣ୍ଟିଆ, ଗୌରହରି ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ମ୍ୟାନେଜିଂ ଟ୍ରଷ୍ଟି ପୀୟୂଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟକ୍ଷ ନବରଞ୍ଜନ ପଟ୍ଟନାୟକ, ଡ. ହରିପ୍ରସାଦ ପଟ୍ଟନାୟକ, ନବକିଶୋର ବରାଳ, ଇଂ. ଚିତ୍ତରଞ୍ଜନ ସ୍ୱାଇଁ, ଗୌରୀଶଙ୍କର ମିଶ୍ର, ଦିଲୀପ ଦାସ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଫେସର ନିର୍ମାଲ୍ୟ ବରାଳ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ଇଂ. ଶ୍ରୀନିବାସ ଘଟୁଆରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପୁରସ୍କାର ପ୍ରଦାନ ଉତ୍ସବ ଅବସରରେ ଭୁବନେଶ୍ୱରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ସୁର ତରଙ୍ଗ ପକ୍ଷରୁ ପ୍ରିୟରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ବିଶିଷ୍ଟ କଳାକାରଙ୍କ ଦ୍ୱାରା ପୁରୁଣା ଓଡ଼ିଆ ଚଳଚ୍ଚିତ୍ର ଗୀତକୁ ନେଇ 'ଅଭୁଲା ଅତୀତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ରାମକୁମାର, ବାଲାଜୀ ଜିତିଲେ କ୍ଲାସିକ୍ ଚ୍ୟାଲେଞ୍ଜର ଟାଇଟଲ

**କାସିସ୍ (ଫ୍ରାନ୍ସ), ୧୧।୯ (ପି.ଟି.):** ଭାରତର ରାମକୁମାର ରମାନାଥନ ଓ ଏନ୍. ଶ୍ରୀରାମ ବାଲାଜୀ ଶନିବାର ଏଟିପି କ୍ଲାସିକ୍ ଚ୍ୟାଲେଞ୍ଜର ଇଭେଣ୍ଟ ଡବଲ୍ସ ଟାଇଟଲ ଜିତିଛନ୍ତି। ପ୍ରତିଯୋଗିତାରେ ଫାଇନାଲରେ ଏହି ଯୋଡ଼ି ମେକ୍ସିକୋର ହାନ୍ସ ହାଚ୍ ଭର୍ଡୁଗୋ ଓ ମିଗୁଏଲ୍ ଆଞ୍ଜେଲ ରିୟେସ୍-ଭାରେଲା ଯୋଡ଼ିକୁ ୬-୪, ୩-୬, ୧୦-୬ ସେଟ୍‌ରେ ହରାଇ ଦେଇଛନ୍ତି। ଟାଇଟଲ ବିଜୟୀ ହେବା ଦ୍ୱାରା ଭାରତୀୟ ଯୋଡ଼ି ୨୬୭୦ ୟୁରୋ ଆର୍ଥିକ ପୁରସ୍କାର ଲାଭ କରିଛନ୍ତି। ଏହାଛଡ଼ା ପ୍ରତ୍ୟେକ ୮୦ ର୍‍ୟାଙ୍କିଙ୍ଗ ପଏଣ୍ଟ ହାସଲ କରିଛନ୍ତି। ୨୦୨୦ ଫେବୃୟାରୀରେ ବେଙ୍ଗାଲୁରୁ ଓପନରେ ପୂରଜ ରାଜାଙ୍କ ସହ ସଫଳତା ପରେ ରାମକୁମାରଙ୍କ ଏହା ପ୍ରଥମ ଡବଲ୍ସ ଚ୍ୟାଲେଞ୍ଜର ଟାଇଟଲ। ବାଲାଜୀ ଏହା ପୂର୍ବରୁ ଇସ୍ରାଏଲର ଜୋନାଥନ ଏର୍ଲିଚଙ୍କ ସାଥୀ କରି ୨୦୧୯ ଏପ୍ରିଲରେ ତାଇପେ ଚ୍ୟାଲେଞ୍ଜର ଜିତିଥିଲେ।

# ଆଇପିଏଲ୍‌ରୁ ଓହରିଲେ ବେୟାରଷ୍ଟୋ, ମଲାନ

ନୂଆଦିଲ୍ଲୀ,୧୧।୯(ପି.ଟି.)

ସନରାଇଜର୍ସ ହାଇଦ୍ରାବାଦ ଓପନର ଜନି ବେୟାରଷ୍ଟୋ ଓ ପଞ୍ଜାବ କିଙ୍ଗ୍ସ ବ୍ୟାଟ୍ସମ୍ୟାନ ଦାୱିଦ ମଲାନ ବ୍ୟକ୍ତିଗତ କାରଣରୁ ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରୁ ଓହରିଯାଇଛନ୍ତି। ଇଂଲଣ୍ଡ ଓ ଭାରତ ଆଇପିଏଲ୍ ଖେଳାଳିମାନେ ବବଲରୁ ବବଲ ବଦଳି ଭିତ୍ତିରେ ଏକାଠି ବିମାନ ଯୋଗେ ମାଞ୍ଚେଷ୍ଟରରୁ ୟୁଏଇ ଗସ୍ତ କରିଥାନ୍ତେ। ମ୍ୟାଚ ପୂର୍ବରୁ ଜଣେ ଜୁନିୟର ଫିଜିଓ କରୋନା ସଂକ୍ରମିତ ହୋଇଥିବା ଜଣାପଡ଼ିବା ପରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ମ ଟେଷ୍ଟ ମ୍ୟାଚ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ଓଭାଲଠାରେ ଚତୁର୍ଥ ଟେଷ୍ଟ ବେଳେ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀଙ୍କ ସମେତ ଭାରତର ଅନ୍ୟ ସପୋର୍ଟ ଷ୍ଟାଫ୍‌ମାନେ କୋଭିଡ୍ ଟେଷ୍ଟରେ ପଜିଟିଭ ପରେ ପୂର୍ବରୁ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି। ଖେଳାଳିମାନେ ଦୁବାଇରେ ପହଞ୍ଚିବା ପରେ ସମସ୍ତଙ୍କୁ ୬ ଦିନ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ। ଏହି କାରଣରୁ ବୋଧହୁଏ ବେୟାରଷ୍ଟୋ ଓ ମଲାନ ଆଇପିଏଲ୍‌ରୁ ଓହରିଯାଇଛନ୍ତି।


ଜନି ବେୟାରଷ୍ଟୋ


ଦାୱିଦ ମଲାନ

ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବାକୁଥିବା ଆଇପିଏଲ୍‌ରେ ଏହି ଦୁଇଜଣ ଖେଳାଳି ଖେଳିବେ ନାହିଁ ବୋଲି ବିସିସିଆଇର ଜଣେ ଅଫିସିଆଲ କହିଛନ୍ତି। ବେୟାରଷ୍ଟୋ ହେଉଛନ୍ତି ସନରାଇଜର୍ସ ଦଳର ଜଣେ ନିୟମିତ ଖେଳାଳି। ବିଶ୍ୱର ନମ୍ବର ୱାନ ଟି୨୦ ବ୍ୟାଟ୍ସମ୍ୟାନ ମଲାନ ଚଳିତ ବର୍ଷ କିଙ୍ଗ୍ସ ତରଫରୁ ତାଙ୍କ ଆଇପିଏଲ୍ ପଦାର୍ପଣ କରିଥାନ୍ତେ। ବେୟାରଷ୍ଟୋ ୭ ଟି୨୦ ଗେମ୍‌ରେ ୨୪୮ ରନ ସଂଗ୍ରହ କରିଛନ୍ତି। ତାଙ୍କ ଷ୍ଟ୍ରାଇକ୍‌ରେଟ୍ ୧୪୧ରୁ ଅଧିକ ରହିଛି। ଉଭୟ ବେୟାରଷ୍ଟୋ ଓ ମଲାନ ମାଞ୍ଚେଷ୍ଟରରେ ଇଂଲଣ୍ଡ ଟେଷ୍ଟ ଦଳର ସଦସ୍ୟ ଥିଲେ। ଆଇପିଏଲ୍‌ରେ ଇଂଲଣ୍ଡ ଅଲରାଉଣ୍ଡର କ୍ରିସ୍ ଓକ୍ସଙ୍କ ଉପସ୍ଥିତିକୁ ନେଇ ମଧ୍ୟ ସନ୍ଦେହ ଦେଖାଦେଇଛି। ସେ ଦିଲ୍ଲୀ କ୍ୟାପିଟାଲ୍ସ ତରଫରୁ ଖେଳିଥାନ୍ତେ। ୟୁଏଇରେ ଆଇପିଏଲ୍ ପରେ ଟି୨୦ ବିଶ୍ୱକପ୍ ଖେଳାଯିବ। ଫଳରେ ଅଧିକ ଦିନ ବାୟୋ-ବବଲରେ ରହିବାକୁ ପଡ଼ିବାକୁ ଥିବାରୁ ପରିବାରକୁ ଅଧିକ ସମୟ ଦେବା ଉଦ୍ଦେଶ୍ୟରେ ବେୟାରଷ୍ଟୋ ଓ ମଲାନ ଆଇପିଏଲ୍‌ରୁ ଓହରିଯିବାକୁ ନିଷ୍ପତ୍ତି ନେଇଥିବା ମଧ୍ୟ ଅନୁମାନ କରାଯାଉଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୨ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ରବିବାର, ୧୨ ସେପ୍ଟେମ୍ବର, ୨୦୨୧ Dhenkanal, Sunday, September 12/2021

# ଅଭିଷେକଙ୍କ ଶତକ, ଦେବବ୍ରତ, ଆଶିଷଙ୍କୁ ୫ ଉଇକେଟ


ଅଭିଷେକ ଯାଦବ


ଅନୁରାଗ ଷଡ଼ଙ୍ଗୀ


ଆଶିଷ ରାଏ


ଆୟୁଷରାଜ ଚୌଧୁରୀ


ଦେବବ୍ରତ ପ୍ରଧାନ

ଭୁବନେଶ୍ୱର,୧୧।୯(ସ୍ପୋର୍ଟ୍ସ ବ୍ୟୁରୋ)

## କଳାହାଣ୍ଡି କପ୍ ସୁପର ଲିଗ୍

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ କଳାହାଣ୍ଡି କପ୍ ସୁପର ଲିଗ୍ (୨ ଦିନିଆ ଫର୍ମାଟ) ଆରମ୍ଭ ହୋଇଛି। ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଇକୋର୍ସାର ଅଭିଷେକ ଯାଦବ ଶତକ ହାସଲ କରିଥିବା ବେଳେ ସୁନ୍ଦରଗଡ଼ର ଦେବବ୍ରତ ପ୍ରଧାନ, ଓଡ଼ିଶା ଭାଓଲେଟର ଆଶିଷ ରାଏ ୫ ଉଇକେଟ ସଫଳତା ପାଇଛନ୍ତି।

ସନସାଇନ ଗ୍ରାଉଣ୍ଡରେ ଖୋର୍ଦ୍ଧା ବିପକ୍ଷରେ ଟସ୍ ଜିତି ଇକୋର୍ସ ବ୍ୟାଟିଂ କରି ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ପ୍ରଥମ ଇନିଂସରେ ୭୭.୨ ଓଭରରେ ୮ ଉଇକେଟ ହରାଇ ୩୫୦ ରନ ସଂଗ୍ରହ କରିଛି। ଦଳ ତରଫରୁ ଅଭିଷେକ ଯାଦବ ୧୨୨ ବଲର ସମ୍ମୁଖୀନ ହୋଇ ୧୦୦ ରନର ଶତକୀୟ ଇନିଂସ ଖେଳି ଅପରାଜିତ ରହିଛନ୍ତି। ସେହିପରି ଅଙ୍କିତ ଯାଦବ ୬୯, ପ୍ରଶାନ୍ତ ସାହୁ ୬୦, ଲଗ୍ନଜିତ ସାମଲ ୫୪ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି। ଖୋର୍ଦ୍ଧା ତରଫରୁ ରାକେଶ ପଟ୍ଟନାୟକ ୪, ଓମ୍ ନାରାୟଣ ୩ ଉଇକେଟ ନେଇଛନ୍ତି।

ନିମପୁର ଗ୍ରାଉଣ୍ଡରେ ଓଡ଼ିଶା ଗ୍ରୀନ୍ ବିପକ୍ଷରେ ଟସ୍ ଜିତି ସୁନ୍ଦରଗଡ଼ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୭୪ ଓଭରରେ ୯ ଉଇକେଟ ହରାଇ ୧୩୭ ରନ ସଂଗ୍ରହ କରିଛି। ଦଳ ତରଫରୁ ଅମ୍ରିତ ଖଟୁଆ ୫୫, ଆଶିଷ ପରିଜା ୩୧ ରନ ସଂଗ୍ରହ କରିଥିଲେ। ବୋଲିଂରେ ଗ୍ରୀନ୍ ତରଫରୁ ଦେବବ୍ରତ ପ୍ରଧାନ ସର୍ବାଧିକ ୫, ହର୍ଷିତ ରାଠୋର ୩ ଉଇକେଟ ନେଇଥିଲେ।

ବିଡାନାସୀ ଗ୍ରାଉଣ୍ଡରେ ଓଡ଼ିଶା ୟେଲୋ ବିପକ୍ଷରେ ଟସ୍ ଜିତି ଓଡ଼ିଶା ବ୍ଲୁ ଫିଲ୍ଡିଂ କରିଥିଲା। ବ୍ୟାଟିଂ କରି ପ୍ରଥମ ଇନିଂସରେ ୟେଲୋ ୫୪ .୨ ଓଭରରେ ୧୮୭ ରନକରି ଅଲଆଉଟ ହୋଇଥିଲା। ଦଳର ଆୟୁଷ ରାଜ ଚୌଧୁରୀ ୫୯, ରାକେଶ ଗୋଚ୍ଛାୟତ ୫୫ରନ କରିଥିଲେ। ବୋଲିଂରେ ବ୍ଲୁ ତରଫରୁ ବି. ଶିବ ୩, ସୌରଭ କାନୋଜିଆ, ଲେନିନ ବଳ, ବସନ୍ତ ମହାନ୍ତି ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବ୍ଲୁ ପ୍ରଥମ ଇନିଂସ ଆରମ୍ଭ କରି ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୩୧ ଓଭରରେ ୫ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରିଥିଲା।

ରେଭେନ୍ସା ଗ୍ରାଉଣ୍ଡ ୨ରେ ରାଉରକେଲା ବିପକ୍ଷରେ ଟସ୍ ଜିତି ଝାରସୁଗୁଡା ୫୯.୩ ଓଭରରେ ୬ ଉଇକେଟ ହରାଇ ୧୬୫ ରନ ସଂଗ୍ରହ କରିଛି। ଦଳର ରୋଶନ ଦାସ ୫୫ ରନ କରିଥିବା ବେଳେ ରାଉରକେଲାର ଗୋବିନ୍ଦ ତାଣ୍ଡିଆ ୩, କୌଶିକ ଦାସ ୨ ଉଇକେଟ ନେଇଥିଲେ।

ରେଭେନ୍ସା ଗ୍ରାଉଣ୍ଡରେ ଓଡ଼ିଶା ଭାଓଲେଟ ବିପକ୍ଷରେ ଟସ୍ ହାରି କଟକ-ଏ ବ୍ୟାଟିଂ କରି ପ୍ରଥମ ଇନିଂସରେ ୪୪ ଓଭରରେ ୧୨୯ ରନକରି ଅଲଆଉଟ ହୋଇଛି। ଭାଓଲେଟ ତରଫରୁ ଆଶିଷ ରାଏ ସର୍ବାଧିକ ୫ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଭାଓଲେଟ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୨ ଓଭରରେ ୧ ଉଇକେଟ ହରାଇ ୭ ରନ ସଂଗ୍ରହ କରିଛି।

ଏସ୍‌ସିବି ମେଡିକାଲ ଗ୍ରାଉଣ୍ଡରେ ଓଡ଼ିଶା ପିଙ୍କ୍ ବିପକ୍ଷରେ ଟସ୍ ଜିତି ଓଡ଼ିଶା ରେଡ୍ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଇନିଂସରେ ୫୫ ଓଭରରେ ୩ ଉଇକେଟ ହରାଇ ୧୮୪ ରନ ସଂଗ୍ରହ କରିଛି। ଦଳ ତରଫରୁ ଅନୁରାଗ ଷଡ଼ଙ୍ଗୀ ୮୩, କାର୍ତ୍ତିକ ବିଶ୍ୱାଳ ୪୧, ଦେବେନ୍ଦ୍ର କୁଅଁର ୩୪ ରନ ସଂଗ୍ରହ କରିଥିଲେ।

# ଆଉ ଏକ ସ୍ୱପ୍ନ ପୂରଣ କଲେ ନୀରଜ

## ମାତାପିତାଙ୍କୁ ପ୍ରଥମଥର ବିମାନରେ ବସାଇଲେ

ନୂଆଦିଲ୍ଲୀ,୧୧।୯



ଗୋଲ୍ଡେନ ବୟ ତଥା ଅଲିମ୍ପିକ୍ ଚାମ୍ପିୟନ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ତାଙ୍କର ଆଉ ଏକ ସ୍ୱପ୍ନ ପୂରଣ କରିଛନ୍ତି। ଶନିବାର ସେ ନିଜ ମାତାପିତାଙ୍କୁ ପ୍ରଥମଥର ପାଇଁ ବିମାନରେ ବସାଇ ଏହି ସ୍ୱପ୍ନ ପୂରଣ କରିଛନ୍ତି। ଏ ନେଇ ସେ ସୋସିଆଲ ମିଡିଆରେ ଟୁଇଟ୍ କରି ଏ ନେଇ ସୂଚନା ଦେଇଛନ୍ତି। ସେ ମଧ୍ୟ ମାତାପିତାଙ୍କ ସହ କେତୋଟି ଫଟୋ ମଧ୍ୟ ଅପ୍‌ଲୋଡ କରିଛନ୍ତି। ଫଟୋରେ ତାଙ୍କ ମାତା ସରୋଜ ଦେବୀ ଓ ପିତା ସତୀଶ କୁମାର ଫ୍ଲାଇଟ୍‌ରେ ବସିଥିବାର ଦେଖାଯାଇଛି।

ନୀରଜ ମାତାପିତା ଓ ପରିବାରର ଅନ୍ୟ ସଦସ୍ୟଙ୍କ ସହ ନୂଆଦିଲ୍ଲୀରୁ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ବିମାନ ଯୋଗେ ବେଙ୍ଗାଲୁରୁ ଯାତ୍ରା କରିଛନ୍ତି। ନୀରଜଙ୍କ ପ୍ରମୋଟର ଜେଏସ୍‌ଡବ୍ଲୁ ସ୍ପୋର୍ଟ୍ସ ବେଙ୍ଗାଲୁରୁର ବେଲାରୀଠାରେ ଏକ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏଥିରେ ନୀରଜଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ନୀରଜ ମାତାପିତା ଓ ପରିବାରର ଅନ୍ୟ ସଦସ୍ୟଙ୍କ ସହ ବେଙ୍ଗାଲୁରୁ ଯାତ୍ରା କରିଛନ୍ତି।

ମୋର ଆଉ ଏକ ଛୋଟିଆ ସ୍ୱପ୍ନ ପୂରଣ ହୋଇଛି। ମାତାପିତାଙ୍କୁ ବିମାନରେ ପ୍ରଥମଥର ପାଇଁ ବସାଇବାର ସୌଭାଗ୍ୟ ହାସଲ କରିଛି ଓ ସମସ୍ତଙ୍କ ଆଶୀର୍ବାଦ ଓ ଶୁଭେଚ୍ଛା ପାଇଁ କୃତଜ୍ଞ ରହିବ ବୋଲି ନୀରଜ ଟୁଇଟ କରିଛନ୍ତି। ନୀରଜଙ୍କ ସହ କୋଚ୍ ଓ ଜର୍ମାନ ବାୟୋମେକାନିକ୍ସ ବିଶେଷଜ୍ଞ କ୍ଲାଉସ ବାର୍ଟୋନିଜ ମଧ୍ୟ ଯାତ୍ରା କରିଛନ୍ତି। ଅଲିମ୍ପିଆନ ତଥା ସୁପର ହେଭିୱେଟ ବକ୍ସର ସତୀଶ କୁମାର ମଧ୍ୟ ଏହି ବିମାନରେ ଉପସ୍ଥିତ ରହିଥିଲେ। ୨୩ ବର୍ଷୀୟ ନୀରଜ ଟୋକିଓ ଅଲିମ୍ପିକ୍ସରେ ଜାଭେଲିନ ଥ୍ରୋ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ସେ ଭାରତର ପ୍ରଥମ ଆଥ୍‌ଲେଟ ଭାବେ ଅଲିମ୍ପିକ ସ୍ୱର୍ଣ୍ଣ ଜିତିଥିଲେ। ଅଲିମ୍ପିକ୍ସ ସଫଳତା ପରେ ନୀରଜ ଏବେ ଅଭ୍ୟାସ ଆରମ୍ଭ କରିପାରିନାହାନ୍ତି। ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଏସିଆନ ଗେମ୍ସ ଓ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଖୁବଶୀଘ୍ର ପ୍ରସ୍ତୁତି ଆରମ୍ଭ କରିବେ। ଏହି ୩ ମେଗା ଇଭେଣ୍ଟ ଆଗାମୀ ଦୁଇବର୍ଷ ମଧ୍ୟରେ ଆୟୋଜନ ହେବ।

# ମହିଳା ହକି ଦଳ ସଦସ୍ୟାଙ୍କୁ ସମ୍ବର୍ଦ୍ଧିତ କଲେ ପୂର୍ବତନ ଖେଳାଳି

**ମୁମ୍ବାଇ, ୧୧।୯(ପି.ଟି.):** ରେଲୱେରେ କାର୍ଯ୍ୟରତ ଭାରତୀୟ ମହିଳା ହକି ଦଳର ସଦସ୍ୟାଙ୍କୁ ହାପିମାନ୍‌ଙ୍କ ସମେତ ପୂର୍ବତନ ଖେଳାଳିମାନେ ସମ୍ବର୍ଦ୍ଧିତ କରିଛନ୍ତି। ହାପିମାନ୍‌ଙ୍କ ବ୍ୟତୀତ ଅଲିମ୍ପିଆନ (୧୯୮୦ ମସ୍କୋ) ସେଲ୍‌ମା ଡି'ସିଲ୍‌ଭା ଏବଂ ଅର୍ଜୁନ ପୁରସ୍କାର ବିଜୟିନୀ ଟିଙ୍ଗୋଲିମା ଓ ହେଲେନ ମାରୀ ପ୍ରମୁଖ ସୁଶୀଲ ଚାନୁ (ପୂର୍ବତନ ଅଧିନାୟିକା ୨୦୧୬ ଅଲିମ୍ପିକ୍ସ), ବନ୍ଦନା କାଟାରିଆ ଓ ରଜନୀ ଏଟିମାର୍ପୁ (ସମସ୍ତେ ସେଣ୍ଟ୍ରାଲ ରେଲୱେରେ କାର୍ଯ୍ୟରତ)ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଭାରତୀୟ ମହିଳା ଦଳ ଟୋକିଓ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନ ଅଧିକାର କରିଛି। ନିକଟରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୋନିକା ମଲିକ (ସେଣ୍ଟ୍ରାଲ ରେଲୱେ), ନବନୀତ କୌର ଓ ଦୀପ୍‌ଗ୍ରେସ୍ ଏକ୍କା (ଉଭୟେ ୱେଷ୍ଟର୍ନ ରେଲୱେରେ କାର୍ଯ୍ୟରତ)ଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

# ୧୯ବର୍ଷରୁ କମ୍ ମହିଳା ଦଳର ୱାର୍ମଅପ୍ ମ୍ୟାଚ ଶେଷ


ଓଡ଼ିଶା ୧୯ ବର୍ଷରୁ କମ୍ ମହିଳା କ୍ରିକେଟ ଦଳ ଓ ମଣିପୁର ସିନିୟର ମହିଳା ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଭୁବନେଶ୍ୱର, ୧୧।୯ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ୧୯ ବର୍ଷରୁ କମ୍ ମହିଳା କ୍ରିକେଟ ଦଳର ଦୁଇ ୱାର୍ମଅପ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ବିସିସିଆଇ ସୀମିତ ଓଭର ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ସ୍ୱରୂପ ଏହି ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ମଣିପୁର ସିନିୟର ମହିଳା ଦଳ ସହ ଖେଳାଯାଇଥିଲା। ସ୍ଥାନୀୟ କିଟ୍ ୟୁନିଭର୍ସିଟି ଷ୍ଟାଡିୟମରେ ଅନୁଷ୍ଠିତ ଗୋଟିଏ ମ୍ୟାଚରେ ମଣିପୁର ସିନିୟର ମହିଳା ଦଳ ୧୫ ରନରେ ଏବଂ ଅନ୍ୟଟିରେ ଓଡ଼ିଶାର ୧୯ବର୍ଷରୁ କମ୍ ମହିଳା ଦଳ ୭୬ ରନରେ ବିଜୟ ଲାଭ କରିଥିଲା। ଶନିବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ୪୦ ଓଭରରେ ୧୮୪ ରନ କରି ଅଲଆଉଟ ହୋଇଥିଲା। ପୂଜାରାଣୀ ଦାସ ସର୍ବାଧିକ ୬୨, ରୋଶନୀ ଭାଗାର୍ଥି ୩୨ ଓ ଶୁଭ୍ରା ସ୍ୱାଇଁ ୨୬ ରନ କରିଥିଲେ। ଜବାବରେ ମଣିପୁର ସିନିୟର ମହିଳା ଦଳ ୪୦ ଓଭରରେ ୧୦୮ରନ କରି ଅଲଆଉଟ ହୋଇଯାଇଥିଲା। ଟପ୍ ସ୍କୋରର ଲୋଇଡାଙ୍ଗ ୨୫ ରନ କରିଥିଲେ। ଓଡ଼ିଶା ୧୯ ବର୍ଷରୁ କମ୍ ମହିଳା ଦଳ ପକ୍ଷରୁ ଜ୍ୟୋତି ପ୍ରସାଦ ୩ ଏବଂ ଭବାନୀ ଧଣ୍ଡା ଓ ଏସ୍. ସ୍ୱାଇଁ ୨ଟି ଲେଖାଏ ଉଇକେଟ ନେଇଥିଲେ।

ଶୁକ୍ରବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମଣିପୁର ଦଳ ୪୩.୩ ଓଭରରେ ୧୧୭ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ମିଲନ ୨୮, ଲୋଇଡାଙ୍ଗ୍ ୨୩ ଓ ଗଙ୍ଗା ୨୨ ରନ କରିଥିଲେ। ଓଡ଼ିଶା ପକ୍ଷରୁ ଭବାନୀ ଧଣ୍ଡା ୫ ଓ ପୂଜା ଯାଦବ ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଓଡ଼ିଶା ଦଳ ୩୬.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୦୨ ରନ କରିଥିଲା। ଟପ୍ ସ୍କୋରର ଶୁଭ୍ରା ସ୍ୱାଇଁ ୨୮ ଓ ଆଲିପ୍ସା ବିଶ୍ୱାଳ ୨୬ ରନ କରିଥିଲେ।

# ରଣଧୀର ଓସିଏ କାର୍ଯ୍ୟକାରୀ ସଭାପତି

ନୂଆଦିଲ୍ଲୀ,୧୧।୯

ଭାରତୀୟ ଅଭିଜ୍ଞ କ୍ରୀଡ଼ା ପ୍ରଶାସକ ରଣଧୀର ସିଂ ଅଲିମ୍ପିକ୍ କାଉନସିଲ ଅଫ୍ ଏସିଆ (ଓସିଏ)ର କାର୍ଯ୍ୟକାରୀ ସଭାପତି ନିଯୁକ୍ତ ହୋଇଛନ୍ତି। କୁଏତ୍‌ର ଶେଖ୍ ଅହମଦ ଅଲ- ଫହାଦ ଅଲ- ସବା ଦୁର୍ନୀତି ତଥା ଧୋକାଦାରି ଅଭିଯୋଗରେ ଜେନିଭାର କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହେବା ପରେ ରଣଧୀରଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି।

ଏହାପୂର୍ବରୁ ରଣଧୀର ୧୯୯୧ରୁ ୨୦୧୫ ପର୍ଯ୍ୟନ୍ତ ୨୪ ବର୍ଷ ଧରି ଓସିଏର ସାଧାରଣ ସମ୍ପାଦକ ରୂପେ କାର୍ଯ୍ୟ କରିଛନ୍ତି। ୫ଥର ଅଲିମ୍ପିଆ ଶୁଟର ରହିଥିବା


ରଣଧୀର ସିଂ

୭୨ ବର୍ଷୀୟ ରଣଧୀର ଏବେ ଓସିଏର ସମ୍ମାନଜନକ ଭାଇସ୍-ପ୍ରେସିଡେଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି। ସେ ମଧ୍ୟ ୧୯୮୭ରୁ ୨୦୨୧ ପର୍ଯ୍ୟନ୍ତ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିଛନ୍ତି। ସେହିପରି ସେ ୨୦୦୧ରୁ ୨୦୧୪ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ଫୁଲ୍ ମେମ୍ବର ଭାବେ କାର୍ଯ୍ୟ କରିଛନ୍ତି ଓ ଏହାର ସମ୍ମାନଜନକ ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି। ରଣଧୀରଙ୍କ ନିଯୁକ୍ତି ନେଇ ଅଲ- ସବା ନିଜେ ସ୍ପଷ୍ଟ କରିଛନ୍ତି। ସେ ଓସିଏ କାର୍ଯ୍ୟକାରୀ ବୋର୍ଡ ଓ ନ୍ୟାଶନାଲ ଅଲିମ୍ପିକ୍ କମିଟିର ସବୁ ସଦସ୍ୟଙ୍କୁ ଚିଠି ଲେଖି ଏ ବିଷୟରେ ନିଶ୍ଚିତ କରିଛନ୍ତି। ରଣଧୀର ୧୩ ସେପ୍ଟେମ୍ବରରୁ କାର୍ଯ୍ୟ କରିବା ଆରମ୍ଭ କରିବେ। ଗତ ମାର୍ଚ୍ଚରେ ରଣଧୀର ୨୦୨୨ ହାନଝୁ ଏସିଆନ ଗେମ୍ସ କୋଅର୍ଡିନେଶନ କମିଟିର ଅଧ୍ୟକ୍ଷ ଭାବେ ଓସିଏ ଜେନେରାଲ ଆସେମ୍ବ୍ଲି ଦ୍ୱାରା ନିଯୁକ୍ତି ପାଇଥିଲେ। ନୂଆ ଦାୟିତ୍ୱ ସଫଳତାର ସହ ସମ୍ପାଦନ କରିବି ବୋଲି ସେ କହିଛନ୍ତି।




ଗଣ୍ଠି ଓ ଆଣ୍ଠୁ ବ୍ୟଥା କାହିଁକି ହୋଇଥାଏ?

ଅଣ୍ଟା, ଆଣ୍ଠୁ, ପିଠି ଓ ଅନ୍ୟାନ୍ୟ ବ୍ୟଥା କାରଣରୁ ବ୍ୟଥିତ ଲୋକେ କୁହନ୍ତି ଯାହା ପୁରୁଣା ତେଲ କରିପାରିନାହିଁ କିନ୍ତୁ କ୍ୱିକ୍ ତ୍ୱରିତ ଆରାମ ଦେଇଛି

କ୍ୱିକ୍ ପୀଡ଼ାନାଶକ ତେଲର ଅଭୂତପୂର୍ବ ଚାହିଦା କାରଣରୁ କମ୍ପାନୀ ଦ୍ୱାରା ଉତ୍ପାଦନ ବୃଦ୍ଧି କରାଯାଇଛି

ଗଣ୍ଠି ବା joints ଶରୀରର ଏପରି ଅଂଶ ଯେଉଁଠି ଦୁଇ କିମ୍ବା ଦୁଇରୁ ଅଧିକ ଅସ୍ଥି ଯୋଡ଼ି ହୋଇଥାଏ, ଯେମିତିକି ଆଣ୍ଠୁ, ଅଣ୍ଟା, ବେକ, କାନ୍ଧ ଆଦି । ଜଏଣ୍ଟ ପେନ୍‌ର ଅନେକ କାରଣ ହୋଇପାରେ । ବଢ଼ନ୍ତା ବୟସ ସହିତ ଗଣ୍ଠିରେ ବ୍ୟଥା ଏକ ସାଧାରଣ ସମସ୍ୟାରେ ପରିଣତ ହୋଇଛି । ଗଣ୍ଠି ବ୍ୟଥା (Knee Joint Pain) ଶରୀରର ଯେକୌଣସି ଅଂଶରେ ଦେଖାଦେଇପାରେ । ଏହି ବ୍ୟଥା ଆଣ୍ଠୁ, କହୁଣି, ବେକ, ବାହୁ ଓ ବଳାଗଣ୍ଠିରେ ଦେଖାଦେଇପାରେ । ଦୀର୍ଘ ସମୟ ଧରି ଗୋଟିଏ ଜାଗାରେ ବସି ରହିବା, ଯାତ୍ରା କରିବା ଦ୍ୱାରା ଆଣ୍ଠୁର ଅନମନୀୟତା ବଢ଼ିଯାଇଥାଏ ଓ ବ୍ୟଥା ଦେଖାଦେଇଥାଏ । ଏହାକୁ ଗଣ୍ଠିବ୍ୟଥା କୁହାଯାଏ । ଯଦି ସଠିକ୍ ସମୟରେ ଆଣ୍ଠୁ ବ୍ୟଥାରେ ଚିକିତ୍ସା କରା ନ ଯାଏ, ତେବେ ତାହା ଗଣ୍ଠିବାତର ରୂପ ମଧ୍ୟ ନେଇପାରେ, ଏବଂ ଆପଣଙ୍କୁ ଅସ୍ତ୍ରୋପଚାର କରାଇବାକୁ ପଡ଼ିପାରେ। ଗଣ୍ଠିବ୍ୟଥାର କାରଣ ଅନୁଚିତ ଖାଦ୍ୟପେୟ ଓ ଦିନଚର୍ଯ୍ୟାରେ ବ୍ୟାୟାମର ଅଭାବ, ହାଡ଼ରେ କ୍ୟାଲ୍‌ସିୟମର ଅଭାବ ଏବଂ ବଢ଼ନ୍ତା ବୟସ ହୋଇପାରେ । ଅଗ୍ରଣୀ ଔଷଧ ନିର୍ମାତା କମ୍ପାନୀ ଓଜୋନ୍ ଫାର୍ମା ଲିମିଟେଡ୍ ଗଣ୍ଠି, ଆଣ୍ଠୁ, ପିଠି ବା ଅଣ୍ଟା ବ୍ୟଥାରେ ପୀଡ଼ିତ ରୋଗୀଙ୍କ ପାଇଁ ମହାନାରାୟଣ, ମହାମାଷ, ବିଷଗର୍ଭା ଭଳି ସ୍ପେଶାଲିଷ୍ଟ ପୀଡ଼ାନାଶକ ତେଲ ସହିତ ଦୁର୍ଲଭ ବାତନାଶକ ଚେରମୂଳିର ମିଶ୍ରଣରେ ପ୍ରସ୍ତୁତ ନିଜର 'କ୍ୱିକ୍ ପେନ୍ ରିଲିଫ୍ ଅଏଲ୍'କୁ ଏବେ ବଜାରରେ ପ୍ରବେଶ କରିଦେଇଛି । ଆଜିର ଅନିୟମିତ ଲାଇଫ୍‌ଷ୍ଟାଇଲ୍ କାରଣରୁ ପାଖାପାଖି 80% ଲୋକଙ୍କଠାରେ ଶରୀରରେ କେଉଁଠି ନା କେଉଁଠି ବ୍ୟଥାର ସମସ୍ୟା ଦେଖାଦେଇଥାଏ । ତା' ଉପରେ କୋଭିଡ୍ ମହାମାରୀ ଆମ ସମସ୍ତଙ୍କୁ ଗୋଟିଏ ସ୍ଥାନରେ ରହିବା ପାଇଁ ବାଧ୍ୟ କରିଦେଇଛି । "ଆକ୍ଟିଭ୍ ନ ରହିବା ଓ ଗୋଟିଏ ଜାଗାରେ ବସି କାମ କରିବା କାରଣରୁ ବୟୋଜ୍ୟେଷ୍ଠଙ୍କ ସମେତ ଯୁବବର୍ଗଙ୍କ ମଧ୍ୟରେ ମଧ୍ୟ ବ୍ୟଥାରେ ସମସ୍ୟା ବଢ଼ିବାରେ ଲାଗିଛି । ଏଥିପାଇଁ ଓଜୋନ୍ ଫାର୍ମ ଏହି ବିଶେଷ ପ୍ରଭାବୀ ତେଲ ପ୍ରସ୍ତୁତ କରିଛି । ଯାହାର ଉତ୍ତମ ପ୍ରଭାବ କାରଣରୁ ଲୋକଙ୍କୁ ଭଲ ପରିଣାମ ମିଳିବାରେ ଲାଗିଛି । ଏହାର 120 MLର ମୂଲ୍ୟ 283 ଟଙ୍କା ଧାର୍ଯ୍ୟ କରାଯାଇଛି । ଆୟୁର୍ବେଦିକ ହୋଇଥିବା କାରଣରୁ ଏହାର କୌଣସି ସାଇଡ୍ ଇଫେକ୍ଟ ନାହିଁ । ଅଧିକ ସୂଚନା ପାଇଁ ଆପଣ କମ୍ପାନୀର ହେଲ୍‌ପଲାଇନ୍ ନମ୍ବର 7328008854, 8127080666ରେ ଯୋଗାଯୋଗ କରିପାରନ୍ତି ।




କ୍ୱିକ୍ ଅଏଲ୍ Flipkart amazon ରେ ଅନ୍‌ଲାଇନ୍‌ରେ ମଧ୍ୟ ଉପଲବ୍ଧ ।

# ଆଇପିଏଲ୍ ଖେଳାଳି ଦ୍ୱିତୀୟ ଥର ନେଗେଟିଭ୍

**ମାଞ୍ଚେଷ୍ଟର/ଦୁବାଇ, ୧୧।୯ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିବା ଲାଗି ଚୁକ୍ତିବଦ୍ଧ ହୋଇଥିବା ଭାରତୀୟ କ୍ରିକେଟ ଖେଳାଳିମାନଙ୍କର ଦୁଇ ଦିନରେ ଦ୍ୱିତୀୟ ଥର ଆରଟି-ପିସିଆର ଟେଷ୍ଟରେ ନେଗେଟିଭ୍ ଆସିବା ପରେ ଚାର୍ଟର ଓ କମର୍ସିଆଲ ବିମାନରେ ୟୁଏଇ ଯାତ୍ରା କରିଛନ୍ତି। ବିମାନଯାତ୍ରା ବ୍ୟବସ୍ଥା ଖେଳାଳିମାନଙ୍କର ଫ୍ରାଞ୍ଚାଇଜ୍‌ଗୁଡ଼ିକ ତରଫରୁ ହୋଇଛି। ଆଇପିଏଲର ଅବଶିଷ୍ଟ ମ୍ୟାଚଗୁଡ଼ିକ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବ। ଭାରତୀୟ କ୍ୟାମ୍ପରେ କୋଭିଡ୍ ଦେଖାଦେବା ପରେ ଭାରତର ଇଂଲଣ୍ଡ ବିପକ୍ଷ ୫ମ ଟେଷ୍ଟକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ସ୍ଥଗିତ ରଖାଯିବା ପରେ ଖେଳାଳିମାନେ ଆଗୁଆ ୟୁଏଇ ଯିବା ଆରମ୍ଭ କରିଛନ୍ତି। ଦୁଇ ଅଣ ଆଇପିଏଲ୍ ଖେଳାଳି ଅଭିମନ୍ୟୁ ଈଶ୍ୱରନ ଓ ଆର୍ଜନ ନାଗେଶୱାଲା ଅବଶିଷ୍ଟ ସପୋର୍ଟ ଷ୍ଟାଫ୍‌ଙ୍କ ସହ ସୋମବାର ଗସ୍ତ କରିବେ। ସେମାନେ ଦୁବାଇ ବାଟ ଦେଇ ସେମାନଙ୍କ ଭାରତୀୟ ସହରକୁ କମର୍ସିଆଲ ବିମାନ ଯୋଗେ ଫେରିବେ। ମୁମ୍ବାଇ ଇଣ୍ଡିଆନ୍ସ ଦଳର ଅଧିନାୟକ ରୋହିତ ଶର୍ମା, ଯଶପ୍ରୀତ ବୁମ୍‌ରା ଓ ସୂର୍ଯ୍ୟକୁମାର ଯାଦବ ଏକ ଘରୋଇ ଚାର୍ଟର ବିମାନ ଯୋଗେ ଆବୁଧାବି ଗସ୍ତ କରିଛନ୍ତି। ସେମାନେ ଶନିବାର ସକାଳେ ସେମାନଙ୍କ ପରିବାର ସହ ପହଞ୍ଚିଛନ୍ତି। ଏଥିସହିତ ଆଇପିଏଲ୍ ଗାଇଡ୍ ଲାଇନ୍ ଅନୁସାରେ ସେମାନଙ୍କ ୬ ଦିନିଆ କ୍ୱାରାଣ୍ଟାଇନ୍ ଆରମ୍ଭ ହୋଇଥିବା ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଅଧିନାୟକ ବିରାଟ କୋହଲି ଓ ପେସ୍ ବୋଲର ମହମ୍ମଦ ସିରାଜ ଏକ ସ୍ୱତନ୍ତ୍ର ଚାର୍ଟର ବିମାନରେ ୟୁଏଇ ଗସ୍ତ କରିଛନ୍ତି। ରବିବାର ସକାଳେ ସେମାନେ ଦୁବାଇରେ ପହଞ୍ଚିବେ। ଦଳର ଜୈବସୁରକ୍ଷିତ ବବଲରେ ଯୋଗଦାନ ପୂର୍ବରୁ ଉଭୟ ବିରାଟ ଓ ସିରାଜ ଦୁବାଇରେ ୬ ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ ବୋଲି ଆରସିବି ପକ୍ଷରୁ କୁହାଯାଇଛି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ